RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 44 ◆ISSUE-37 ◆FRIDAY ◆31 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୩୭ ◆ଶୁକ୍ରବାର ◆୩୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଜାତୀୟ କ୍ରୀଡ଼ାରେ ରଙ୍ଗବଦଳ

# ଗେରୁଆ ହେଲା 'ମେନ୍ ଇନ୍ ବ୍ଲୁ'



■ ନୂଆଦିଲ୍ଲୀ, ୩୦।୭ (ସମିସ): ଭାରତୀୟ ହକି ଦଳର ଜର୍ସି ରଙ୍ଗ ନୀଳରୁ କମଳା କରିବାକୁ ନିଆଯାଇଛି ନିଷ୍ପତ୍ତି। ଯାହାକୁ ନେଇ ଜାତୀୟସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ହକି ଦଳ ପୋଷାକର ରଙ୍ଗ ପରିବର୍ତ୍ତନ ପରେ 'ମେନ୍ ଇନ୍ ବ୍ଲୁ', 'ଓମେନ୍ ଇନ୍ ବ୍ଲୁ' ଏବେ ଇତିହାସ ପାଲଟିଛି। ଖେଳାଳି ଓ କ୍ରୀଡ଼ା ପ୍ରଶାସକମାନେ ଏହାକୁ କଟୁ ସମାଲୋଚନା କରିଛନ୍ତି। ଓଡ଼ିଶା ସରକାର ବର୍ତ୍ତମାନ ଜାତୀୟ ହକିର ପ୍ରାୟୋଜକ ଥିବାରୁ ସରକାରଙ୍କ ଚାପରେ ଏହି ରଙ୍ଗ ପରିବର୍ତ୍ତନ ହୋଇଥିବା ନେଇ ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। କ୍ରୀଡ଼ାର ଏପରି ରାଜନୀତିକରଣକୁ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ ତଥା ସାଧାରଣ ଲୋକେ ନାପସନ୍ଦ କରିଛନ୍ତି।

ଆସନ୍ତା ମାସରେ ହେବାକୁ ଥିବା ଏଫ୍ଆଇଏଚ୍ ବିଶ୍ୱକପ୍ ପାଇଁ ଭାରତୀୟ ହକି ଦଳର ପାରମ୍ପରିକ ନୀଳ ପୋଷାକ ବଦଳରେ ଗେରୁଆ ଜର୍ସି ବ୍ୟବହାରକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ

### ପ୍ରଶ୍ନ ଉଠାଇଲେ ପୂର୍ବତନ ଖେଳାଳି

### ବିଜେପି-ଆର୍‌ଏସ୍‌ଏସ୍‌କୁ ପ୍ରିୟଙ୍କା ଗାନ୍ଧୀଙ୍କ ସମାଲୋଚନା

ଅଧିନାୟକ ବିରେନ୍ ରସ୍କିନ୍‌ହାଙ୍କ ସମେତ ଅନେକ ପ୍ରଶଂସକ ଏହି ନିଷ୍ପତ୍ତିକୁ ନାପସନ୍ଦ କରିବା ସହ ଦଳର ପାରମ୍ପରିକ ପରିଚୟ ବଦଳାଇବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଏହାର ସମାଲୋଚନା କରିଛନ୍ତି। ସଂସଦ ଭବନ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରିୟଙ୍କା କହିଛନ୍ତି ଯେ ସରକାର ଚାହିଁଲେ ପୋଷାକର ରଙ୍ଗ କିମ୍ବା ଶିକ୍ଷା ନୀତି ମାଧ୍ୟମରେ ଇତିହାସ ବଦଳାଇବାକୁ ଚେଷ୍ଟା କରିପାରନ୍ତି। କିନ୍ତୁ ଭାରତର ଆତ୍ମା ଓ ମୂଳ ଆଦର୍ଶକୁ କେହି ବଦଳାଇ ପାରିବେ ନାହିଁ। ସତ୍ୟ, ଅହିଂସା, ଭାତୃଭାବ ଓ ଏକତା ଉପରେ ଦେଶର ମୂଳଦୁଆ ଆଧାରିତ। ସ୍ୱାଧୀନତା ସଂଗ୍ରାମ ସତ୍ୟ ଓ ଅହିଂସା ଉପରେ ଆଧାରିତ ଥିଲା ଏବଂ ସେଥିରେ ଆର୍‌ଏସ୍‌ଏସ୍‌ର କୌଣସି ଯୋଗଦାନ ନଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଯନ୍ତରମନ୍ତରରେ ଏକାଠି ହୋଇଥିବା ଯୁବକମାନଙ୍କ ସ୍ୱର ହିଁ ପ୍ରକୃତ ଦେଶର ସ୍ୱର ବୋଲି ଦର୍ଶାଇ, ଜର୍ସି ରଙ୍ଗ ପରିବର୍ତ୍ତନ ଦ୍ୱାରା ଦେଶବାସୀଙ୍କ ମନୋଭାବକୁ ବଦଳାଯାଇପାରିବ ନାହିଁ ▶ପୃଷ୍ଠା-୭

# କ୍ରୀଡ଼ାପ୍ରେମୀଙ୍କ ଭାବନାକୁ ଗଭୀର ଆଘାତ: ନବୀନ

### "ଜାତୀୟ ପ୍ରତୀକ ଦେଶବାସୀଙ୍କୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ, ଭାଗଭାଗ ପାଇଁ ନୁହେଁ"



■ ଭାରତୀୟ ଜାତୀୟ କ୍ରୀଡ଼ା ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ବିଜେପି ସରକାରଙ୍କ ଏପରି ମାନସିକତାକୁ ସମାଲୋଚନା କରିବା ସହ ଏହା ନିମ୍ନମାନର ରାଜନୀତି ବୋଲି ନବୀନ କହିଛନ୍ତି। ଜାତୀୟ ପ୍ରତୀକଗୁଡ଼ିକ ଆମକୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ; ଭାଗ ଭାଗ କରିବା ପାଇଁ ନୁହେଁ। ଏହା ସାରା ଦେଶର ଲକ୍ଷ ଲକ୍ଷ କ୍ରୀଡ଼ାପ୍ରେମୀଙ୍କ ଭାବନାକୁ ଆଘାତ ପହଞ୍ଚାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭାରତୀୟ ହକି ଟିମ୍‌ର କିମ୍ବଦନ୍ତୀ ଜର୍ସି ରଙ୍ଗକୁ ଗେରୁଆ ରଙ୍ଗରେ ପରିବର୍ତ୍ତନ କରାଯାଇଥିବା ଜାଣି ମୁଁ ଗଭୀର ଭାବେ ମର୍ମାହତ। ଭାରତୀୟ ହକି ଟିମ୍‌ର ଏହି ନୀଳ ରଙ୍ଗ କେବଳ ଗୋଟିଏ ରଙ୍ଗ ନୁହେଁ। ଏହା ଦେଶର କ୍ରୀଡ଼ା ଐତିହ୍ୟ ସହ ▶ପୃଷ୍ଠା-୭

### ନୀଳ ରଙ୍ଗରେ ଭରିରହିଛି କ୍ରୀଡ଼ା ଐତିହ୍ୟ ସହ ଯୋଡ଼ି ହୋଇଥିବା ଆବେଗ

### ଦୁଇ ବର୍ଷ ହେଲାଣି କେବଳ ରଙ୍ଗ ବଦଳ ନିଶାରେ ମାତିଛନ୍ତି ସରକାର

# ମାଡ଼ିଆସୁଛି 'ମହା' ବନ୍ୟା

- ଉତ୍ତର ଓଡ଼ିଶାରେ ଖସୁଛି ପ୍ରମୁଖ ନଦୀର ଜଳସ୍ତର
- ଉପକୂଳକୁ ବିପଦ ଆଣିଲା ମହାନଦୀ ପାଣି
- ମୁଣ୍ଡଳୀ ଛାଡ଼ିଲା ୯ ଲକ୍ଷ କ୍ୟୁସେକ୍ ବନ୍ୟାଜଳ
- ଫୁଲୁଛି ମହାନଦୀର ସବୁ ଶାଖାନଦୀ
- କଟକ, ଜଗତସିଂହପୁର, ପୁରୀ ଜିଲ୍ଲାକୁ ବିପଦ
- ସତର୍କ ସଙ୍କେତ ଉପରେ ବୈତରଣୀ ଓ ଜଳକା



■ ଭୁବନେଶ୍ୱର, ୩୦।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗମ୍ଭୀର ଅବସ୍ଥା ଧାରଣ କରିଛି। ଯଦିଓ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି, ତଥପି ଏବେ ବି ଶତାଧିକ ଗାଁ ଜଳମଗ୍ନ ଅବସ୍ଥାରେ ରହିଛି। ବୈତରଣୀ ନଦୀ ଆଖୁଆପଦାଠାରେ ହ୍ରାସ ପାଇ ସତର୍କ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ କେବଳ ଜଳକା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗରେ ଜଳସ୍ତର କମୁଥିବା ସମୟରେ ମହାନଦୀ ସ୍ଥିତି ଏବେ ଏକାଧିକ ଜିଲ୍ଲା ପାଇଁ ଚିନ୍ତା ବଢ଼ାଇଛି। ମହାନଦୀରେ ସନ୍ଧ୍ୟା ସୁଦ୍ଧା ପାଖାପାଖି ୯ ଲକ୍ଷ କ୍ୟୁସେକ ପାଣି ଚାଲୁଥିବାରୁ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ସ୍ଥିତି ଏବେ ବଡ଼ ଆହ୍ୱାନ ସାଜିଛି।

ମହାନଦୀରେ ଟଳମଳ ଅବସ୍ଥା ବେଳେ ଆଗାମୀ ୧୮-୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ହୀରାକୁଦ ଜଳଭଣ୍ଡାରରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨ଟି ଗେଟ୍ ଖୋଲା ରହିଥିଲେ ମଧ୍ୟ ତଳ ମୁଣ୍ଡରେ ମାତ୍ରାଧିକ ବର୍ଷା ଯୋଗୁଁ ମହାନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ସମୟରେ ଛତିଶଗଡ଼ରେ ହୋଇଥିବା ପ୍ରବଳ ବର୍ଷା ଓ ରୁଲ୍ କର୍ଭ ଅନୁଯାୟୀ ଏବେ ହୀରାକୁଦରେ ଆବଶ୍ୟକତାଠାରୁ ଅଧିକ ପାଣି ଥିବାରୁ ସେଠାରେ ଏବେ ଅଧିକ୍ ଗେଟ୍ ଖୋଲିବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ପୂର୍ବରୁ ମୁଣ୍ଡଳୀ ଦେଇ ୧୦ ଲକ୍ଷ ▶ପୃଷ୍ଠା-୭

## ୬୨୧ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

■ ସମ୍ବଲପୁର, ୩୦।୭ (ସମିସ) : ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର ଡ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇଛି। ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱ ଓ ଡାହାଣ

### ଆଜି ଖୋଲିପାରେ ୧୨ ଗେଟ୍

ପାର୍ଶ୍ୱ ଗୋଟିଏ ଲେଖାଏ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳସ୍ତର ବୃଦ୍ଧି ପାଉଥିବାରୁ ଆସନ୍ତାକାଲି ▶ପୃଷ୍ଠା-୭

## ଛାତ୍ରଙ୍କ ଉପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ

# ସଂସଦରେ ହଟ୍ଟଗୋଳ ଜାରି

■ ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଗତ ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପୁଲିସର ଅମାନୁଷିକ ଓ ବର୍ବର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ସଂସଦରେ ଆଜି ଅଷ୍ଟମ ଦିନ ଧରି ହଟ୍ଟଗୋଳ ଲାଗି ରହିଛି। ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କରିବା ଲାଗି କିଏ ଓ କେଉଁ ପରିସ୍ଥିତିରେ ନିର୍ଦ୍ଦେଶ ଦେଲା, ତାହାର ଉତ୍ତର ଦାବିରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଏହି ହଟ୍ଟଗୋଳ ମଧ୍ୟରେ ରାଜ୍ୟସଭାରେ ପ୍ରଶ୍ନପତ୍ର ଲିକ୍ ବିଲ୍ ଆଗତ ହୋଇଥିବା ବେଳେ ଲୋକସଭାରେ ବନ୍ଦେ ମାତରମ ବିଲ୍ ଗୃହୀତ ହୋଇଯାଇଛି। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

### ସଂସଦରେ 'ପ୍ରଶ୍ନପତ୍ର ଲିକ୍ ନିରୋଧୀ' ଓ 'ବନ୍ଦେ ମାତରମ୍' ବିଲ୍ ପାରିତ

ହଟ୍ଟଗୋଳ ମଧ୍ୟରେ ରାଜ୍ୟସଭାରେ ଆଜି ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ ଆଗତ ହୋଇଥିଲା। ଗତକାଲି ଲୋକସଭାରେ ଏହା ଅନୁମୋଦିତ ହୋଇଥିବା ବେଳେ ଆଜି ରାଜ୍ୟସଭାରେ ଆଗତ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଥିଲେ ଯେ ପ୍ରକୃତ ସମସ୍ୟାକୁ ଦୂର କରିବା ଲାଗି ଏହି ବିଲରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ମୂଳ ସମସ୍ୟା ଭିତରକୁ ନଯାଇ କେବଳ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ଶାନ୍ତ କରିବା ଲାଗି ଏଥିରେ ସଂଶୋଧନ କରାଯାଇଛି। ଭବିଷ୍ୟତରେ ଯେପରି ପ୍ରଶ୍ନପତ୍ର ଲିକ୍ ନହେବ, ସେଥିଲାଗି ଏଥିରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

ଅନ୍ୟପକ୍ଷରେ ଲୋକସଭାରେ ଆଜି ଅଷ୍ଟମ ଦିନ ଧରି ହଟ୍ଟଗୋଳ ଜାରି ରହିଥିଲା। ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳ ହଙ୍ଗାମା ଜାରି ରଖିବାରୁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ବିରୋଧୀ ▶ପୃଷ୍ଠା-୭

# ମେଡିକାଲ ପିଜି ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ !

■ ବ୍ରହ୍ମପୁର, ୩୦।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ଘଟଣାକୁ ନେଇ ଦେଶରେ ଛାତ୍ର ଆନ୍ଦୋଳନ ଓ କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦେଇଥିବା ବେଳେ ଅଲ୍ ଓଡ଼ିଶା ମେଡିକାଲ ପିଜି ଶେଷ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ମେଡିକାଲ ପିଜି ସେମିଷ୍ଟାର ପରୀକ୍ଷାରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ସିଧାସଳଖ ବିଭିନ୍ନ ହ୍ୱାଟ୍ସଅପ ଗ୍ରୁପ୍‌କୁ ପଠାଯାଇଥିବା ଅଭିଯୋଗ ହୋଇଛି। ଚଳିତ ମାସ ୨୧ ତାରିଖରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ଛାତ୍ରଛାତ୍ରୀଙ୍କ ଶେଷ ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

### ଏମକେସିଜି ପରୀକ୍ଷା କେନ୍ଦ୍ରରୁ ସିଧା ହ୍ୱାଟ୍ସଅପକୁ ଯାଉଛି ପ୍ରଶ୍ନପତ୍ର

### ହ୍ୱାଟ୍ସଅପ ଗ୍ରୁପକୁ ପରିଚାଳିତ କରୁଥିଲେ ଏମକେସିଜି ଡାକ୍ତରୀ ଛାତ୍ର

### ଘରୋଇ ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କୁ ବିକ୍ରି ହୋଇଛି ପ୍ରଶ୍ନପତ୍ର!

### ପରୀକ୍ଷାରେ କପି ସୁଯୋଗ ଓ କୋହଲ ପାଇଁ ଅର୍ଥ ଆଦାୟ ଅଭିଯୋଗ

ସକାଳ ୧୦ରୁ ମଧ୍ୟାହ୍ନ ୧ଘଣ୍ଟା ପର୍ଯ୍ୟନ୍ତ ପରୀକ୍ଷା ରହିଥିଲା। ସେହିକ୍ରମେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରୀକ୍ଷା କେନ୍ଦ୍ରରେ ମଧ୍ୟ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ▶ପୃଷ୍ଠା-୭

## ମହାନଦୀ ଜଳବିବାଦ

# କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ବୈଠକ





### ଯୋଗଦେଲେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

### ଦୀପାବଳି ସୁଦ୍ଧା ହେବ ସମସ୍ୟାର ସମାଧାନ: ମୋହନ ମାଝୀ

■ ଭୁବନେଶ୍ୱର, ୩୦।୭ (ସମିସ): ମହନଦୀ ଜଳ ବିବାଦ ପ୍ରସଙ୍ଗରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ତ୍ରିପାକ୍ଷିକ ବୈଠକ। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ଦୁଇ ରାଜ୍ୟର ମୁଖ୍ୟ ସଚିବ ଓ ଉଚ୍ଚ ଅଧିକାରୀମାନେ ଯୋଗ ଦେଇଛନ୍ତି। ବୈଠକଟି ଖୁବ୍ ସକରାତ୍ମକ ଥିବା କୁହାଯାଉଛି ଏବଂ ୩ ମାସ ମଧ୍ୟରେ ଜଳବିବାଦ ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଶାବାଦୀ ଅଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କର ଅଧ୍ୟକ୍ଷତାରେ ମହାନଦୀ ଜଳବଣ୍ଟନ ଏବଂ ପରିଚାଳନା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓଡ଼ିଶାର ଅଧିକାର, ଚାଷୀକୂଳର ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ▶ପୃଷ୍ଠା-୭




## ରାଜଧାନୀର ୭୬ ବର୍ଷର ତାପମାତ୍ରା ତଥ୍ୟକୁ ନେଇ ନୂତନ ଗବେଷଣା

# ଶୀତରାତିରେ ଆହ୍ୱାନ ହୋଇଛି 'ସାଇଲେଣ୍ଟ ହିଟ୍'

■ ବାରିପଦା, ୩୦।୭ (ସମିସ): ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ଦିନର ଗରମ ନେଇ ସମସ୍ତେ ପରିଚିତ। ତେବେ ଏବେ ସହରର ରାତିର ତାପମାତ୍ରା ଅଧିକ ଚିନ୍ତାର ବିଷୟ ପାଲଟିଛି। ୧୯୫୦ରୁ ୨୦୨୫ ପର୍ଯ୍ୟନ୍ତ ୭୬ ବର୍ଷର ତାପମାତ୍ରା ତଥ୍ୟକୁ ନେଇ କରାଯାଇଥିବା ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ସହରର ସର୍ବନିମ୍ନ ବା ରାତ୍ରକାଳୀନ ତାପମାତ୍ରା ଦିନର ସର୍ବାଧିକ ତାପମାତ୍ରା ତୁଳନାରେ ଦୁଇଗୁଣାରୁ ଅଧିକ ଦ୍ରୁତ ହାରରେ ବୃଦ୍ଧି ପାଉଛି। ଏହା ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବ୍ୟବହାର ଉପରେ ସିଧାସଳଖ ପ୍ରଭାବ ପକାଉଛି। ଏହି ଗବେଷଣା ବାରିପଦାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ରିମୋଟ ସେନ୍ସିଂ ଓ ଜିଆଇଏସ ବିଭାଗ, ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଏନଭାର୍ନମେଣ୍ଟ ଆଣ୍ଡ କ୍ଲାଇମେଟ ମିଳିତ ଉଦ୍ୟମରେ କରାଯାଇଛି। ଗବେଷକ ଡ. ରୋଶନ ବେଉରିଆ, ଡ. ଦେବବ୍ରତ ନନ୍ଦୀ ଓ ଡ. ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହା ସମ୍ପନ୍ନ ହୋଇଛି। ଏହି ଗବେଷଣା ଜର୍ଣ୍ଣାଲ ଅଫ୍ ଆଟମୋସଫେରିକ୍ ଆଣ୍ଡ ସୋଲାର-ଟେରେଷ୍ଟ୍ରିଆଲ୍ ଫିଜିକ୍ସରେ ପ୍ରକାଶିତ ହୋଇଛି।

### ବଢୁଛି ରାତିର ସର୍ବନିମ୍ନ ତାପମାତ୍ରା

ଗବେଷଣାର ପ୍ରମୁଖ ଚିନ୍ତାର ବିଷୟ ହେଉଛି ଦୈନିକ ତାପମାତ୍ରାର ପାର୍ଥକ୍ୟ କ୍ରମାଗତ ଭାବେ କମିବା। ୧୯୫୦ ଦଶକରେ ଦିନ ଓ ରାତିର ତାପମାତ୍ରା ମଧ୍ୟରେ ପ୍ରାୟ ୯ ଡିଗ୍ରୀ ସେଲସିୟସ୍ ବ୍ୟବଧାନ ଥିବାବେଳେ ବର୍ତ୍ତମାନ ଏହା ପ୍ରାୟ ୮.୩ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି। ଏହାର କାରଣ ଦିନର ତାପମାତ୍ରା କମିବା ନୁହେଁ, ବରଂ ରାତିର ତାପମାତ୍ରା ଦ୍ରୁତ ବୃଦ୍ଧି ପାଇବା। ୧୯୫୦ ପରଠାରୁ ଦିନର ସର୍ବାଧିକ ତାପମାତ୍ରା ପ୍ରତିବର୍ଷ ହାରାହାରି ୦.୦୦୪୪ ଡିଗ୍ରୀ ସେଲସିୟସ୍ ବଢୁଥିବାବେଳେ ରାତିର ସର୍ବନିମ୍ନ ତାପମାତ୍ରା ୦.୦୧୦୨ ଡିଗ୍ରୀ ସେଲସିୟସ୍ ହାରରେ ବୃଦ୍ଧି ପାଉଛି। ବିଶେଷକରି ବର୍ଷାଋତୁ ପରବର୍ତ୍ତୀ ସମୟ ଓ ଶୀତଋତୁରେ ଏହି ପରିବର୍ତ୍ତନ ଅଧିକ ସ୍ପଷ୍ଟ ଦେଖାଯାଉଛି। ବୈଜ୍ଞାନିକମାନଙ୍କ ମତରେ, ଅତ୍ୟଧିକ ଉଷ୍ମ ରାତି ମଣିଷ ପାଇଁ ବେଶୀ ବିପଦଜନକ। ମଣିଷର ଶରୀର ଦିନର ଗରମରୁ ସୁସ୍ଥ ହେବା ପାଇଁ ଥଣ୍ଡା ରାତି ଆବଶ୍ୟକ କରେ। କିନ୍ତୁ ରାତି ଉଷ୍ମ ରହିଲେ ଶରୀରର ବିଶ୍ରାମ ଓ ପୁନରୁଦ୍ଧାର ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଫଳରେ ବୃଦ୍ଧ, ବାହାରେ କାମ କରୁଥିବା ▶ପୃଷ୍ଠା-୭

# ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ; ୧୦ ପୁଲିସ ମୃତ



## ଗୁଳିବିନିମୟରେ ୧୫ ଆତଙ୍କବାଦୀ ନିପାତ

ପେଶାୱର, ୩୦।୭ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପାଖତୁନଖ୍ୱା ପ୍ରଦେଶରେ ଗୁରୁବାର ଭୋର ସମୟରେ ଆତଙ୍କବାଦୀମାନେ ଏକ ପୁଲିସ ଫାଣ୍ଡି ଉପରେ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଅତିକମରେ ୧୦ ଜଣ ପୁଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଲିସର ପାଲଟା ଜବାବରେ ୧୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆଫଗାନିସ୍ତାନ ସୀମା ନିକଟ ହାଙ୍ଗୁ ଜିଲ୍ଲାରେ ଥିବା ଏକ ପୁଲିସ ଫାଣ୍ଡି ଉପରେ ଏହି ଆକ୍ରମଣ ହୋଇଛି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ରକେଟ୍ ଲଞ୍ଚର ଧରି ଆସିଥିବା ଡଜନ ଡଜନ ଆତଙ୍କବାଦୀ ଫାଣ୍ଡି ଉପରେ ଆଖିବୁଜା ଗୁଳିମାଡ଼ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା। ଅଧିକ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆତଙ୍କବାଦୀମାନେ ବ୍ୟାପକ କ୍ଷୟକ୍ଷତି ଘଟାଇ ଫେରାର ହୋଇଯାଇଥିଲେ। ଏଥିରେ ଦୁଇ ଡଜନରୁ ଅଧିକ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନଥିଲେ ମଧ୍ୟ ଏହା ପଛରେ ତେହେରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ସଂଗଠନର ହାତ ଥିବା ସନ୍ଦେହ କରାଯାଉଛି। ୨୦୨୨ ମସିହାରେ ପାକିସ୍ତାନ ସରକାରଙ୍କ ସହ ଯୁଦ୍ଧବିରତି ଶେଷ ହେବା ପରେ ତେହେରିକ୍-ଇ-ତାଲିବାନ ପକ୍ଷରୁ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହି ସଂଗଠନ ଆଫଗାନିସ୍ତାନ ମାଟି ବ୍ୟବହାର କରି ପାକିସ୍ତାନର ସୁରକ୍ଷା କର୍ମୀଙ୍କ ଉପରେ କ୍ରମାଗତ ଆକ୍ରମଣ କରୁଥିବାରୁ ଏହା ପ୍ରଶାସନ ପାଇଁ ଏକ ବଡ଼ ସୁରକ୍ଷା ଆହ୍ୱାନ ପାଲଟିଛି।

### ନ୍ୟୁୟର୍କ ଟାଇମ୍ସକୁ ଜବାବ ଦେଲା ଭାରତ

# ‘ପାକିସ୍ତାନୀ କାଶ୍ମୀର’ ଶବ୍ଦକୁ କଡ଼ା ବିରୋଧ

ୱାସିଂଟନ୍, ୩୦।୭ (ଏଜେନ୍ସି): ପାକିସ୍ତାନ ଦଖଲରେ ଥିବା କାଶ୍ମୀର (ପିଓକେ)କୁ ‘ପାକିସ୍ତାନୀ କାଶ୍ମୀର’ ବୋଲି ସମ୍ବୋଧନ କରିଥିବାରୁ ଆମେରିକାର ଜଣାଶୁଣା ସମ୍ବାଦପତ୍ର ‘ଦି ନ୍ୟୁୟର୍କ ଟାଇମ୍ସ’ ଉପରେ ଭାରତୀୟ ଦୂତାବାସ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି। ଆମେରିକାରେ ଥିବା ଭାରତୀୟ ଦୂତାବାସ ସାମାଜିକ ଗଣମାଧ୍ୟମ ‘ଏକ୍ସ’ ରେ ସ୍ପଷ୍ଟ କରିଛି ଯେ ‘ପାକିସ୍ତାନୀ କାଶ୍ମୀର’ ବୋଲି କୌଣସି ଭୌଗୋଳିକ କ୍ଷେତ୍ର ନାହିଁ। ଏହା କେବଳ ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ କାଶ୍ମୀର। ସମଗ୍ର ଜମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଚିରଦିନ ପାଇଁ ରହିବ। ପାକ୍-ଅଧିକୃତ କାଶ୍ମୀରରେ ହୋଇଥିବା ନିକଟତର ଜନଆନ୍ଦୋଳନ ଓ ନିର୍ବାଚନ ଉପରେ ଏକ ରିପୋର୍ଟ ପ୍ରକାଶ କରିବା ସମୟରେ ନ୍ୟୁୟର୍କ ଟାଇମ୍ସ ଏହି ଗ୍ରହଣଯୋଗ୍ୟ ନ ଥିବା ଶବ୍ଦ ବ୍ୟବହାର କରିଥିଲା। ବିଦେଶୀ ଗଣମାଧ୍ୟମଗୁଡ଼ିକ ଦ୍ୱାରା ଭାରତର ସାର୍ବଭୌମତ୍ୱକୁ ଆଘାତ ପହଞ୍ଚାଉଥିବା ଭୁଲ୍ ଶବ୍ଦାବଳୀ କିମ୍ବା ମାନଚିତ୍ର ବ୍ୟବହାରକୁ ଭାରତ ସରକାର ସଦାସର୍ବଦା ଦୃଢ଼ ଭାବରେ ବିରୋଧ କରିଆସିଛନ୍ତି।

# ଭୋଜଶାଳା ନିକଟସ୍ଥ ଜମିରେ ନମାଜ ପାଠ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

ଧାର, ୩୦।୭ (ଏଜେନ୍ସି): ବହୁ ଚର୍ଚ୍ଚିତ ଭୋଜଶାଳା-କମାଲ ମୌଲା ବିବାଦ ମାମଲାରେ ସୁପ୍ରିମକୋର୍ଟ ନିଜର ଆନ୍ତରୀଣ ନିର୍ଦ୍ଦେଶକୁ ସ୍ପଷ୍ଟ କରିଛନ୍ତି। ବିବାଦୀୟ ଭୋଜଶାଳା ପରିସରକୁ ଲାଗି ରହିଥିବା ଦରଘା ଜମିରେ ମୁସଲିମ୍ ସମ୍ପ୍ରଦାୟକୁ ଶୁକ୍ରବାର ନମାଜ ପାଠ କରିବା ପାଇଁ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଓ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କ ପୀଠ ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରତି ଶୁକ୍ରବାର



ଅପରାହ୍ନ ୧ ଟାରୁ ୩ ଟା ପର୍ଯ୍ୟନ୍ତ ‘ଖସରା ନଂ ୫୯୬’ ସଂଲଗ୍ନ ଜମିରେ ନମାଜ ପାଠ କରାଯାଇପାରିବ। ଏହି ସ୍ଥାନକୁ ଏକ ସ୍ୱତନ୍ତ୍ର ରାସ୍ତା ଥିବାରୁ ଏହା ନମାଜ ପାଇଁ ଉପଯୁକ୍ତ ବୋଲି କୋର୍ଟ ଦର୍ଶାଇଛନ୍ତି। ଉକ୍ତ ସ୍ଥାନରେ ଆବଶ୍ୟକୀୟ ଶାନ୍ତିଶୃଙ୍ଖଳା ଓ ବ୍ୟବସ୍ଥା ବଜାୟ ରଖିବାକୁ ମଧ୍ୟପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ବିବାଦୀୟ ଭୋଜଶାଳା ପରିସର ଭିତରେ ନମାଜ ପାଠ ପାଇଁ କୋର୍ଟ ଅନୁମତି ଦେଇନାହାନ୍ତି। କେବଳ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଧାର୍ମିକ ଅଧିକାରକୁ ସଂକୁଚିତ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିବା ସହ ମୂଳ ମାମଲାର ବିଚାର ଜାରି ରଖିଛନ୍ତି।

# ଆସାମରେ ବନ୍ୟା ତାଣ୍ଡବ; ମୃତ୍ୟୁସଂଖ୍ୟା ୭୮



## ପାଣି ଘେରରେ ୫୦୦ରୁ ଅଧିକ ଗାଁ ତିନି ଲକ୍ଷରୁ ଅଧିକ ଲୋକ ଜଳବନ୍ଦୀ

ଗୌହାଟୀ, ୩୦।୭ (ଏଜେନ୍ସି): ଆସାମରେ ବନ୍ୟା ସ୍ଥିତି ଗମ୍ଭୀର ରହିଥିବା ବେଳେ ବୁଧବାର ସିବସାଗର ଏବଂ ଗୋଲାଘାଟ ଜିଲ୍ଲାରୁ ଆଉ ତିନିଜଣଙ୍କ ମୃତ୍ୟୁ ଖବର ଆସିବା ପରେ ଚଳିତ ବର୍ଷ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭୮ କୁ ବୃଦ୍ଧି ପାଇଛି। ରାଜ୍ୟର ୭ଟି ଜିଲ୍ଲାରେ ଏବେବି ୩ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇ ରହିଛନ୍ତି। ଏସବୁ ମଧ୍ୟରେ ପାଣିପାଗ ବିଭାଗ ପୁଣିଥରେ ପ୍ରବଳ ବର୍ଷାର ପୂର୍ବାନୁମାନ କରିବା ସହ ଆଗାମୀ ଦିନରେ ବନ୍ୟା, ଜଳବନ୍ଦୀ ଏବଂ ଭୂସ୍ଖଳନ ଭଳି ବିପଦ ବଢ଼ିପାରେ ବୋଲି ସତର୍କ କରାଇଦେଇଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସୂଚନା ଅନୁଯାୟୀ, ସିବସାଗର, ଚରାଇଦେଓ, ଗୋଲାଘାଟ, ଯୋରହାଟ, ନଗାଓଁ, ବିଶ୍ୱନାଥ ଏବଂ କାମରୂପ ମେଟ୍ରୋପୋଲିଟାନ ଜିଲ୍ଲାର ମୋଟ ୩, ୦୦, ୦୩୧ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ମୋଟ ୨୧ଟି ରାଜସ୍ୱ ମଣ୍ଡଳ ଏବଂ ୫୫୧ଟି ଗାଁ ପାଣି ଘେରରେ ରହିଥିବା ବେଳେ ୨୧, ୫୨୩ ହେକ୍ଟରରୁ ଅଧିକ ଚାଷଜମି ବୁଡ଼ି ରହିଛି। ଚରାଇଦେଓ ଜିଲ୍ଲା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ୧.୩୭ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଦ୍ୱାରା ବାସହୀନ ହୋଇପଡ଼ିଥିବା ୧୬, ୫୦୦ରୁ ଊର୍ଦ୍ଧ୍ୱ ପ୍ରଭାବିତ ଲୋକଙ୍କୁ ୭୧ଟି ରିଲିଫ ଶିବିରରେ ଆଶ୍ରୟ ଦିଆଯାଇଛି। ଏହାସହ ୩୦ଟି ରିଲିଫ ବଣ୍ଟନ କେନ୍ଦ୍ର ମାଧ୍ୟମରେ ଅନ୍ୟ ୭୨, ୦୦୦ରୁ ଅଧିକ ଲୋକଙ୍କୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟରେ ମାନବିକ ଓ ପଶୁ ଚିକିତ୍ସା ଦଳ ସମେତ ବିଭିନ୍ନ ବିପର୍ଯ୍ୟୟ ପ୍ରଶମନ ବାହିନୀ ନିୟୋଜିତ ଅଛନ୍ତି। ବନ୍ୟା ଯୋଗୁଁ ରାସ୍ତାଘାଟ, ନଦୀବନ୍ଧ, ସ୍କୁଲ ଓ ଘରଦ୍ୱାର ଭାଙ୍ଗିଯାଇଛି ଏବଂ ୧୧, ୦୦୦ରୁ ଅଧିକ ଗୃହପାଳିତ ପଶୁ ଭାସିଯାଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ଆଲୋଚନା କରି ବନ୍ୟା ପରିସ୍ଥିତି ଏବଂ ରିଲିଫ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

# ଅଗଷ୍ଟରେ ବି ଛେଚିବ ମୌସୁମୀ

- ଗଭୀର ଅବପାତ; ପଶ୍ଚିମ ଆଡ଼କୁ ମୁହାଁଉଛି
- କେତେକ ରାଜ୍ୟ ପାଇଁ ପ୍ରବଳ ବର୍ଷା ସତର୍କତା

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ମଧ୍ୟ ଭାରତରେ ଜୋରଦାର ବର୍ଷା କରାଇବା ପରେ ଏବେ ଗଭୀର ଅବପାତ ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆଗାମୀ ଦିନଗୁଡ଼ିକରେ କେତେକ ରାଜ୍ୟରେ ଏହି ଋତୁର ସବୁଠାରୁ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଦେଶରେ ଚାଲିଥିବା ଅସମାନ ତଥା ଅସନ୍ତୁଳିତ ମୌସୁମୀ ବାୟୁକୁ ଏହି ପାଣିପାଗ ପ୍ରଣାଳୀ ବେଶ ସକ୍ରିୟ କରିଛି। ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଏଭଳି ପରିସ୍ଥିତିରୁ ନିସ୍ତାର ନାହିଁ। ଏହି ସମୟ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ସୃଷ୍ଟି ହୋଇଥିବା ଏହି ଗଭୀର ଅବପାତ ଛତିଶଗଡ଼, ପୂର୍ବ ମଧ୍ୟପ୍ରଦେଶ ଏବଂ ସଂଲଗ୍ନ ବିଦର୍ଭ ଦେଇ ଧୀରେ ଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ କ୍ରମଶଃ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହି ଗଭୀର ଅବପାତର ପ୍ରଭାବରେ ବିଭିନ୍ନ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସତର୍କତା ଜାରି କରାଯାଇଛି। ଜୁଲାଇ ୩୦ ରେ ପଶ୍ଚିମ ମଧ୍ୟପ୍ରଦେଶ ଏବଂ ଜୁଲାଇ ୩୧ ରେ ଗୁଜରାଟ ଅଞ୍ଚଳରେ ୨୧ ସେଣ୍ଟିମିଟରରୁ ଅଧିକ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ମହାରାଷ୍ଟ୍ରର କେତେକ ସ୍ଥାନରେ ମଧ୍ୟ ବ୍ୟାପକ ବର୍ଷା ହୋଇପାରେ। ଏହା ପୂର୍ବରୁ ଦକ୍ଷିଣ ଗୁଜରାଟରେ ରେକର୍ଡ ପରିମାଣର ବର୍ଷା ହୋଇସାରିଛି। ବଲ୍‌ସାଡ, ନବସାରୀ ଏବଂ ସୁରଟ ଭଳି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସାଧାରଣତଃ ମୌସୁମୀ ଋତୁର ମୁଖ୍ୟ ସମୟରେ ଏଭଳି ଗଭୀର ଅବପାତ ସୃଷ୍ଟି ହୋଇଥାଏ, ଯାହା ପ୍ରଚୁର ଜଳୀୟବାଷ୍ପ ଆକର୍ଷିତ କରି ପ୍ରବଳ ବର୍ଷା କରାଇଥାଏ। ଏହା କୃଷିକାର୍ଯ୍ୟ ପାଇଁ ଜଳର ଆବଶ୍ୟକତା ପୂରଣ କରୁଥିଲେ ହେଁ, ଅନେକ ସ୍ଥାନରେ ଜଳବନ୍ଦୀ, ବନ୍ୟା ଏବଂ ସାଧାରଣ ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିଥାଏ। ଗଭୀର ଅବପାତଟି ପଶ୍ଚିମ ଆଡ଼କୁ ଗତି କରୁଥିବାରୁ ଗୁଜରାଟ ଏବଂ ଆଖପାଖ ଅଞ୍ଚଳଗୁଡ଼ିକରେ ଆଗାମୀ କିଛି ଦିନ ମଧ୍ୟରେ ସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି।

# ପେଲେଟ ଗନ୍‌କୁ ନେଇ ଚିନ୍ତା ବଢ଼ିଲା



- ପେଲେଟ୍ ଗନ ମାଡ଼ ଅଭିଯୋଗର ଯାଞ୍ଚ କରିବେ ସୁପ୍ରିମକୋର୍ଟ
- ପେଲେଟ୍ ଅସ୍ତ୍ରର ହିସାବ ସୁରକ୍ଷିତ ରଖିବା ଲାଗି ଆରଏଏଫକୁ ନିର୍ଦ୍ଦେଶ
- ଆହତ ଆନ୍ଦୋଳନକାରୀଙ୍କ ମାଗଣା ଓ ଉପଯୁକ୍ତ ଚିକିତ୍ସା କରାଯିବ

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ଉପରେ ପୁଲିସ ଦ୍ୱାରା ପେଲେଟ୍ ଗୁଳିର ବ୍ୟବହାରକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଭଳି ଅସ୍ତ୍ରକୁ ଆଖିବୁଜା ନିଷିଦ୍ଧ କରାଯାଇପାରିବ ନାହିଁ। କେବଳ ବିଶେଷ ପରିସ୍ଥିତିରେ ହିଁ ଏପରି ଅସ୍ତ୍ର ପ୍ରୟୋଗ କରାଯାଇପାରିବ ବୋଲି ଉଲ୍ଲେଖ କରି, ସୁରକ୍ଷାବଳ ଦ୍ୱାରା ବ୍ୟବହୃତ ହେଉଥିବା ପର୍ଯ୍ୟାୟକ୍ରମିକ ଅସ୍ତ୍ର ପ୍ରୟୋଗ ସମ୍ବନ୍ଧୀୟ ସ୍ଥାୟୀ ନିର୍ଦ୍ଦେଶାବଳୀ ଅଦାଲତରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ଏହି ଅସ୍ତ୍ରର ମାଡ଼ କରିଥିବା ର୍‍ୟାପିଡ୍ ଆକ୍ସନ ଫୋର୍ସ (ଆରଏଏଫ୍)କୁ ପେଲେଟ୍ ଅସ୍ତ୍ରର ହିସାବ ସୁରକ୍ଷିତ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ପେଲେଟ୍ ଗନ୍ ମାଡ଼ରେ ଆହତ ଆନ୍ଦୋଳନକାରୀଙ୍କର ଉତ୍କୃଷ୍ଟ ଓ ମାଗଣା ଚିକିତ୍ସା କରାଇବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୃନ୍ଦା ଗ୍ରୋଭର କହିଥିଲେ ଯେ, ଆନ୍ଦୋଳନକାରୀମାନେ କୌଣସି ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିନଥିଲେ। ତଥାପି ସେମାନଙ୍କ ଉପରେ ପ୍ଲାଷ୍ଟିକ କିମ୍ବା ରବର ପେଲେଟ୍ ପରିବର୍ତ୍ତେ ମାରାତ୍ମକ ଧାତବ ପେଲେଟ୍ ଗନ୍ ମାଡ଼ କରାଯାଇଥିଲା, ଯାହା ଅନେକ ଆନ୍ଦୋଳନକାରୀଙ୍କ ଶରୀରରୁ ବାହାର କରାଯାଇଛି। ସାଧାରଣ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦ ସମୟରେ ଏଭଳି କଠୋର ଧାତବ ଗୁଳିର ବ୍ୟବହାର ସମ୍ପୂର୍ଣ୍ଣ ଅନୁଚିତ ଓ ନିୟମବିରୁଦ୍ଧ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ବିଚାରପତି ବାଗଚୀ ଶୁଣାଣି ସମୟରେ କହିଥିଲେ ଯେ ପୁଲିସ ନିୟମାବଳୀରେ ଅତ୍ୟାବଶ୍ୟକ କ୍ଷେତ୍ରରେ ପେଲେଟ୍ ଗୁଳି ବ୍ୟବହାରର ପ୍ରାବଧାନ ରହିଛି। ଅଦାଲତ ଏହି ନିର୍ଦ୍ଦିଷ୍ଟ ଘଟଣାରେ ପେଲେଟ୍ ଗୁଳିର ପ୍ରୟୋଗ ଉଚିତ ଥିଲା କି ନାହିଁ ଏବଂ ଏହା ନିୟମାବଳୀର ଉଲ୍ଲଂଘନ କରୁଛି କି ନାହିଁ, ତାହାର ଯାଞ୍ଚ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ପ୍ରତି ହିଂସାତ୍ମକ ମନୋଭାବ ଗ୍ରହଣ କରାନଯିବା ଉଚିତ ବୋଲି କୋର୍ଟ ସମ୍ମତି ପ୍ରକାଶ କରିବା ସହ ସୁରକ୍ଷାକର୍ମୀଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପର୍ଯ୍ୟାୟକ୍ରମିକ ବଳ ପ୍ରୟୋଗର ଆବଶ୍ୟକତାକୁ ମଧ୍ୟ ସ୍ୱୀକାର କରିଛନ୍ତି। ପ୍ରଶାସନର ମନମୁଖୀ ବଳ ପ୍ରୟୋଗ ରୋକିବା ପାଇଁ ଏକ ସ୍ପଷ୍ଟ ମାର୍ଗଦର୍ଶିକା ବା ନିୟମାବଳୀ ପ୍ରସ୍ତୁତ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆନ୍ଦୋଳନ ସମୟରେ ପେଲେଟ୍ ଗୁଳି ମାଡ଼ରେ ଆହତ ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଉଚିତ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉ। ସୂଚନାଯୋଗ୍ୟ ଯେ, ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ ଅନେକ ପିଲା ଆହତ ହୋଇଛନ୍ତି।

# ଆନ୍ଦୋଳନ ଚେତାବନୀ ପରେ ସୁରକ୍ଷା ବଳୟରେ ଯନ୍ତରମନ୍ତର

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ନ ହେଲେ ପୁଣି ଥରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୋକ୍ରୋଚ୍ ଜନତା ପାର୍ଟିର ଚେତାବନୀ ପରେ ଦିଲ୍ଲୀର ଯନ୍ତରମନ୍ତରଠାରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସରକାର ଆନ୍ଦୋଳନକାରୀଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛନ୍ତି ଏବଂ ଛାତ୍ରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି ବୋଲି ଦଳ ଅଭିଯୋଗ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ଓ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ପକ୍ଷରୁ ସମଗ୍ର ଅଞ୍ଚଳକୁ ସୁରକ୍ଷା ବଳୟରେ ରଖାଯାଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାରିକେଡ୍‌ଗୁଡ଼ିକୁ ୱେଲ୍ଡିଂ କରି ମଜବୁତ୍ କରାଯାଉଛି। ତମାମ ପ୍ରତିବାଦକାରୀଙ୍କ ବିରୋଧରେ ରୁଜୁ ଏଫ୍‌ଆଇଆର୍ ରଦ୍ଦ ନହେଲେ ଦେଶବ୍ୟାପୀ ପୁନର୍ବାର ଆନ୍ଦୋଳନ ଜୋରଦାର ହେବ ବୋଲି ସଂଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛି, ଯାହାକୁ ନେଇ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି।



ଗତ ଜୁଲାଇ ୨୦ ତାରିଖରେ ‘କକ୍ରୋଚ୍ ଜନତା ପାର୍ଟି’ (ସିଜେପି)ର ‘ସଂସଦ ଚାଲୋ’ ଅଭିଯାନ ସମୟରେ ବିକ୍ଷୋଭକାରୀମାନେ ସଂସଦ ଭବନର ମାତ୍ର ୧୦୦ ମିଟର ନିକଟତର ହୋଇଥିବା ନୂତନ ସିସିଟିଭି ଫୁଟେଜ୍‌ରୁ ପଦାକୁ ଆସିଛି। ଏହା ଦିଲ୍ଲୀ ପୋଲିସର ସୁରକ୍ଷା ପ୍ରସ୍ତୁତି ଏବଂ ବ୍ୟାରିକେଡିଂ ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀଟ୍ ପରୀକ୍ଷା ଅନିୟମିତତା ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଯନ୍ତର ମନ୍ତରରୁ ବାହାରିଥିବା ଏହି ଶୋଭାଯାତ୍ରା ସମୟରେ ରେଳ ଭବନ ଓ ସଂସଦ କମ୍ପ୍ଲେକ୍ସ ଆଖପାଖରେ ପୋଲିସ ଏବଂ ‘ର୍‍ୟାପିଡ୍ ଆକ୍ସନ୍ ଫୋର୍ସ’ (ଆରଏଏଫ୍) ସହ ବିକ୍ଷୋଭକାରୀଙ୍କ ମୁହାଁମୁହିଁ ହୋଇଥିଲା। ସହରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୧୬୩ ଧାରା ଲାଗୁ ଥିବା ସତ୍ତ୍ୱେ ହଜାର ହଜାର ପ୍ରତିବାଦକାରୀ ବ୍ୟାରିକେଡ୍ ଭାଙ୍ଗି ସଂସଦ ଭବନ ନିକଟରେ ପହଞ୍ଚିଯାଇଥିଲେ।

# ‘ଅପାର ଆଇଡି’ ଲାଗୁ କରିବା ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଶିକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଧାରିତ ‘ଅଟୋମେଟେଡ୍ ପର୍ମାନେଣ୍ଟ ଏକାଡେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି’ (ଏପିଏଆର୍) ଆଇଡି ଯୋଜନାକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ୨୦୨୫ ଡିସେମ୍ବରରେ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ରାୟକୁ ସାରା ଦେଶରେ ଲାଗୁ କରିବା ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍‌ଇ) କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଖଣ୍ଡପୀଠ ଶୁଣାଣି ସମୟରେ କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିନଥିବାରୁ ଏହା ସାରା ଦେଶରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ସିବିଏସ୍‌ଇକୁ ନିଜ ସମ୍ମତି ଫର୍ମରେ ପରିବର୍ତ୍ତନ କରିବାକୁ ପଡ଼ିବ, ଯେପରି ଅଭିଭାବକମାନେ ଆରମ୍ଭରୁ ହିଁ ଏହି ଯୋଜନାରୁ ଓହରିଯିବାର (ଅପ୍ଟ ଆଉଟ୍) କିମ୍ବା ଅନୁମତି ନ ଦେବାର ସ୍ପଷ୍ଟ ବିକଳ୍ପ ପାଇପାରିବେ। ୨୦୨୫ ଅଗଷ୍ଟରେ ସିବିଏସ୍‌ଇ ଦ୍ୱାରା ଜାରି କରାଯାଇଥିବା ସର୍କୁଲାରଗୁଡ଼ିକୁ କୋର୍ଟ ରଦ୍ଦ କରିଛନ୍ତି, ଯେଉଁଥିରେ ନବମରୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପଞ୍ଜୀକରଣ ପାଇଁ ଏହି ୧୨-ଅଙ୍କ ବିଶିଷ୍ଟ ଶିକ୍ଷାଗତ ଆଇଡିକୁ ବାଧ୍ୟତାମୂଳକ କରାଯାଇଥିଲା। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସିବିଏସ୍‌ଇର କୌଣସି ନିୟମ ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆକ୍ଟ ୨୦୨୩ (ଡିପିଡିପି ଆକ୍ଟ)ର ସୀମା ଅତିକ୍ରମ କରିପାରିବ ନାହିଁ।

# ଇରାନ ଉପରେ ଆମେରିକାର ଏୟାରଷ୍ଟ୍ରାଇକ୍



ୱାସିଂଟନ, ୩୦।୭ (ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଆମେରିକୀୟ ସେନା (ସେଣ୍ଟକମ୍) ଇରାନର ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର୍ପସ (ଆଇଆରଜିସି) ର ସାମରିକ ଘାଟିଗୁଡ଼ିକ ଉପରେ ଏକ ବିଶାଳ ଆକ୍ରମଣ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧ ନୂଆ ମୋଡ଼ ନେଇଛି। ଆମେରିକୀୟ ସୈନ୍ୟବାହିନୀକୁ ଲକ୍ଷ୍ୟ କରି ଇରାନ ଦ୍ୱାରା କରାଯାଇଥିବା ମିସାଇଲ ଆକ୍ରମଣର ଜବାବରେ ଆମେରିକା ଏହି ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ର ସୂଚନା ଅନୁଯାୟୀ, ବୁଧବାର ରାତିରେ ଇରାନର ଆଇଆରଜିସି କମାଣ୍ଡ ସେଣ୍ଟର, ମିସାଇଲ ଓ ଡ୍ରୋନ ତିଆରି ଘାଟି, ଉପକୂଳବର୍ତ୍ତୀ ସୁରକ୍ଷା କେନ୍ଦ୍ର ଏବଂ ନୌସେନା କ୍ଷମତାକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି। ଆମେରିକୀୟ ସୈନ୍ୟ, ବାଣିଜ୍ୟିକ ଜାହାଜ ଏବଂ ପଡ଼ୋଶୀ ଗଲ୍ ଦେଶଗୁଡ଼ିକ ପ୍ରତି ଇରାନ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକରୁ ଆସୁଥିବା ବିପଦକୁ ହ୍ରାସ କରିବା ପାଇଁ ଏହି ପାଲଟା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେଣ୍ଟକମ୍ ପ୍ରକାଶ କରିଛି। ସେଣ୍ଟକମ୍ କହିଛି ଯେ, ପଶ୍ଚିମ ଏସିଆରେ ଥିବା ଆମେରିକୀୟ ଘାଟି ଉପରେ ଇରାନ ଆକସ୍ମିକ ଭାବେ ଏକାଧିକ ବାଲିଷ୍ଟିକ ମିସାଇଲ ମାଡ଼ କରିଥିଲା। ତେବେ ଆମେରିକାର ସୁରକ୍ଷା ପ୍ରଣାଳୀ ଏହି ସମସ୍ତ ମିସାଇଲକୁ ଆକାଶମାର୍ଗରେ ହିଁ ସଫଳତାର ସହ ନଷ୍ଟ କରିଦେଇଥିଲା। ଏହି ଘଟଣା ପରେ ପଶ୍ଚିମ ଏସିଆରେ ନିୟୋଜିତ ୫୦, ୦୦୦ ରୁ ଅଧିକ ଆମେରିକୀୟ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ସଜାଗ ଏବଂ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଜିପ୍ଟର ଦାମିଏଟା ବନ୍ଦରରେ ଆମେରିକା ମାଲିକାନାରେ ଥିବା ଏକ ପ୍ରାକୃତିକ ଗ୍ୟାସ (ଏଲଏନ୍‌ଜି) ଜାହାଜ ଉପରେ ହୋଇଥିବା ଇରାନର ଡ୍ରୋନ୍ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଭୟଙ୍କର ହେବାକୁ ଯାଉଛି। ପଶ୍ଚିମ ଏସିଆରେ ଆମେରିକା ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ମୁହାଁମୁହିଁ ପରିସ୍ଥିତି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି।


# ଭାରତ ସୀମାନ୍ତରେ ଚୀନ୍ ମୁତୟନ କଲା ୧୨ଟି ଜେ-୨୦ ଷ୍ଟିଲ୍‌ଥ୍ ଫାଇଟର୍ ଜେଟ୍




ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟସ୍ଥ ନିଜର ଦୁଇଟି ବାୟୁସେନା ଘାଟିରେ ଚୀନ୍ ତା'ର ୧୨ଟି ଅତ୍ୟାଧୁନିକ ଜେ-୨୦ ‘ମାଇଟି ଡ୍ରାଗନ୍’ ଷ୍ଟିଲ୍‌ଥ୍ ଯୁଦ୍ଧବିମାନ ମୁତୟନ କରିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି। ଭାରତୀୟ ସୀମା ନିକଟରେ ଚୀନ୍‌ର ଏହି ପଞ୍ଚମ ପିଢ଼ିର (ଫିଫ୍‌ଥ ଜେନେରେସନ) ଯୁଦ୍ଧବିମାନର ଏତେ ବଡ଼ ମୁତୟନ ନିକଟ ଅତୀତରେ ପ୍ରଥମ ଅଟେ। ‘ଭାଣ୍ଟୋର’ ସାଟେଲାଇଟ୍ ସଂସ୍ଥା ଦ୍ୱାରା ଜୁଲାଇ ୯ ଓ ଜୁନ୍ ୨୫ରେ ଉଠାଯାଇଥିବା ଚିତ୍ର ଅନୁଯାୟୀ, ଶିନଜିଆଙ୍ଗର ହୋତାନ ଏୟାରବେସ୍‌ରେ ୮ଟି ଏବଂ ତିବ୍ବତର ଲାସା ନିକଟସ୍ଥ ଦମାକ୍ସୁଙ୍ଗ ଏୟାରବେସ୍‌ରେ ୪ଟି ଜେ-୨୦ ବିମାନ ରଖାଯାଇଛି। ହୋତାନ ଏୟାରବେସ୍ ଲଦାଖର ଦୌଲତ ବେଗ୍ ଓଲଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ। ସେହିପରି ଦାମକ୍ସୁଙ୍ଗ ଏୟାରବେସ୍ ଅରୁଣାଚଳ ପ୍ରଦେଶର ତୱାଙ୍ଗଠାରୁ ପ୍ରାୟ ୩୪୪ କିଲୋମିଟର ଦୂରରେ ଅବସ୍ଥିତ। ଏହି ଯୁଦ୍ଧବିମାନଗୁଡ଼ିକ ରାଡାର୍ ଆଖିରେ ସହଜରେ ଧରାପଡ଼ନ୍ତି ନାହିଁ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ସୀମାନ୍ତରେ ସାମରିକ ଭିତ୍ତିଭୂମିର ଆଧୁନିକୀକରଣ ଏବଂ ନିଜର ଶକ୍ତି ପ୍ରଦର୍ଶନ ପାଇଁ ଚୀନ୍ ଏପରି ପଦକ୍ଷେପ ନେଉଛି। ୨୦୨୦ ଗାଲୱାନ୍ ଘାଟି ସଂଘର୍ଷ ପରଠାରୁ ଭାରତ-ଚୀନ୍ ସୀମାରେ ଉତ୍ତେଜନା ଲାଗିରହିଛି। ଚୀନ୍‌ର ଏହି ବାୟୁସେନା ସକ୍ରିୟତା ମଧ୍ୟରେ ଭାରତୀୟ ବାୟୁସେନା ମଧ୍ୟ ନିଜର ଆଗଧାଡ଼ିର ସୁରକ୍ଷା ବ୍ୟବସ୍ଥା ଓ ଯୁଦ୍ଧବିମାନଗୁଡ଼ିକୁ ସମ୍ପୂର୍ଣ୍ଣ ସଜାଗ ରଖିଛି।

### ବିଜେପି ନେତାଙ୍କୁ ନବୀନଙ୍କ କଟାକ୍ଷ

# ଓଡ଼ିଶାରେ ବନ୍ୟା; ଦିଲ୍ଲୀରେ ଚାଲିଛି ଭୋଜି



ଭୁବନେଶ୍ୱର,୩୦।୭ (ସମିସ): ରାଜ୍ୟରେ ବନ୍ୟା ବିଭୀଷିକାକୁ ନେଇ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ବିଜେପିର ନେତାମାନେ ଦିଲ୍ଲୀରେ ଅଛନ୍ତି। ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାରେ ବନ୍ୟାର ବିଭୀଷିକା ଥିବାବେଳେ ଓଡ଼ିଶା ବିଜେପିର ନେତାମାନେ ଦିଲ୍ଲୀରେ ଭୋଜି କରୁଛନ୍ତି। ଏପରି ଗମ୍ଭୀର ସ୍ଥିତିରେ ସରକାର ସମ୍ବେଦନହୀନ ନ ହୋଇ ଲୋକଙ୍କ ସହିତ ଛିଡ଼ା ହୁଅନ୍ତୁ, ଲୋକଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

ନବୀନ କହିଛନ୍ତି ଯେ ଲଗାଣ ବର୍ଷା ଯୋଗୁଁ ସାରା ରାଜ୍ୟରେ ବନ୍ୟାର ସ୍ଥିତି ଦେଖାଦେଇଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଶୀର୍ଷ ନେତା ତଥା ସାଂସଦମାନେ ଏବେ ଦିଲ୍ଲୀରେ। ଏପରି ଅସମୟରେ ନିଜ ଲୋକଙ୍କ ସୁରକ୍ଷାଠାରୁ ଅଧିକ ଗମ୍ଭୀର ବିଷୟ କ'ଣ ହୋଇପାରେ? ବନ୍ୟା ପାଇଁ ମୟୂରଭଞ୍ଜ, ବାଲେଶ୍ୱରରୁ ନେଇ ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଢେଙ୍କାନାଳ, ସମ୍ବଲପୁର ଆଦି ବିଭିନ୍ନ ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟାରେ ଏକାଧିକ ନିରୀହ ଜୀବନ ଯିବାର ଖବର ଆସିବା ମୋ ସହିତ ସମଗ୍ର ଓଡ଼ିଶାବାସୀଙ୍କୁ ମଧ୍ୟ ବ୍ୟଥିତ କରିଛି। ଏପରି ଅସମୟରେ ଲୋକଙ୍କ ସାଥିରେ ଦୃଢ଼ ଭାବେ ଛିଡ଼ା ହେବା ବଦଳରେ ସରକାରୀ ଅବହେଳାର ମାଳ ମାଳ ଅଭିଯୋଗ ଆସୁଛି। ନବୀନ କହିଛନ୍ତି ଯେ ସବୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ 'ପ୍ରତିଟି ଜୀବନ ମୂଲ୍ୟବାନ' ହେଉଛି ଓଡ଼ିଶାର ମନ୍ତ୍ର। ଏହି ମନ୍ତ୍ରରେ ସବୁ ବିପର୍ଯ୍ୟୟର ଦୃଢ଼ ମୁକାବିଲା କରି ଓଡ଼ିଶା ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିଲା। ହେଲେ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ନ କରି ଲୋକେ ନିର୍ବାଚିତ କରିଥିବା ପ୍ରତିନିଧିମାନେ ଲୋକଙ୍କ ହାତ ଛାଡ଼ିଦେବା ସଭିଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ଆକାଶ ମାର୍ଗରୁ ବନ୍ୟା ସ୍ଥିତି ଦେଖିଲେ ରାଜସ୍ୱମନ୍ତ୍ରୀ



ଭୁବନେଶ୍ୱର,୩୦।୭ (ସମିସ): ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଓ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ଥିତିର ବିସ୍ତୃତ ସମୀକ୍ଷା କରିଛନ୍ତି। ବିଭିନ୍ନ ନଦୀର ଜଳସ୍ତର, ଜଳମଗ୍ନ ଗ୍ରାମ, ଯୋଗାଯୋଗ ବିଚ୍ଛିନ୍ନ ଅଞ୍ଚଳ ଓ ଚାଲିଥିବା ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ସେ ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ଏହା ପରେ ପାଣି ଛାଡ଼ିବା ପରେ ଆସନ୍ତା ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ ଓ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଆକାଶ ମାର୍ଗରୁ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଏହି ସଂକଟ ସମୟରେ ବିପନ୍ନଙ୍କ ପାଖରେ ତୁରନ୍ତ ସହାୟତା ପହଞ୍ଚାଇବା ଆମର ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ଆଜି ମଧ୍ୟ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରାଯାଇଛି। ଏଥିରେ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ମୁଖ୍ୟତଃ ତଳିଆ ଏବଂ ବିପଦସଙ୍କୁଳ ଅଞ୍ଚଳରେ ଫସି ରହିଥିବା ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା, ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ କ୍ଷୀର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାସହିତ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ମେଡିକାଲ୍ ଟିମ୍ ଓ ଔଷଧ ସହ ସ୍ୱତନ୍ତ୍ର କ୍ୟାମ୍ପ ପ୍ରତିଷ୍ଠା କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସେହିପରି ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀକୁ ସମ୍ପୂର୍ଣ୍ଣ ଆଲର୍ଟ ମୋଡ୍‌ରେ ରଖାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛି ଏବଂ ସ୍ଥିତି ଉପରେ ୨୪ ଘଣ୍ଟିଆ ତୀକ୍ଷ୍ଣ ନଜର ରଖାଯାଇଛି। ଓଡ଼ିଶା ସରକାର ପ୍ରତିଟି ନାଗରିକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

### ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ

### ବୈତରଣୀ ପରେ ବ୍ରାହ୍ମଣୀର କରାଳ ରୂପ

# ବରୀରେ ୩ ଘାଇ; ଲକ୍ଷାଧିକ ଲୋକ ପାଣିଘେରରେ

- ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଟିମ୍ ନିୟୋଜିତ
- ଆଜି ବନ୍ଦ ରହିବ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ : ଜିଲ୍ଲାପାଳ



ଯାଜପୁର,୩୦।୭ (ସମିସ): ଯାଜପୁର ଜିଲ୍ଲାରେ ଆସିଥିବା ବନ୍ୟାସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଛି। ଜିଲ୍ଲାରେ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଏବଂ ଖରସ୍ରୋତାର ବନ୍ୟା ଯୋଗୁଁ ଅର୍ଦ୍ଧାଧିକ ବ୍ଲକ୍ ପ୍ରଭାବିତ ହୋଇଛି। ବିଶେଷକରି ବୈତରଣୀ ଯୋଗୁଁ ଦଶରଥପୁର, ଯାଜପୁର, କୋରେଇ ବ୍ଲକ୍ ପ୍ରଭାବିତ ହୋଇଥିବାବେଳେ ବ୍ରାହ୍ମଣୀ ଏବଂ ଖରସ୍ରୋତା ଯୋଗୁଁ ବରୀ, ବିଂଝାରପୁର, ରସୁଲପୁର, ଧର୍ମଶାଳା ବ୍ଲକ୍ ପ୍ରଭାବିତ ହୋଇଛି। ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ବରୀର ୩ ଟି ସ୍ଥାନରେ ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଚନ୍ଦନପୁର ପଞ୍ଚାୟତ ମିର୍ଜାପୁରରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଚନ୍ଦନପୁର, ମିର୍ଜାପୁର, ଜଗନ୍ନାଥପୁର ସମେତ ନଦୀ ପାର୍ଶ୍ୱବର୍ତ୍ତୀ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଛି। ସେହିପରି ବ୍ରାହ୍ମଣୀ ନଦୀର ବାଙ୍କସାହି ନିକଟରେ ଏକ ୧୫୦ ଫୁଟର ଘାଇ ହୋଇଛି। ସେହିପରି ଅଟିରା ପଞ୍ଚାୟତ ଅରୁଆଳ ଗ୍ରାମ ନିକଟରେ ପାଖା ପାଖି ୧୦୦ ଫୁଟର ଘାଇ ଫଳରେ ବରୀ, ରମ୍ଭା, ଅରଙ୍ଗାବାଦ୍ ସମେତ ୭ଟି ପଞ୍ଚାୟତ ଜଳବନ୍ଦୀ ହୋଇଛି। ରସୁଲପୁର ବ୍ଲକ୍ ଟିକରପଡ଼ା ନିକଟରେ ନିର୍ମାଣାଧୀନ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ଗାଁ ଭିତରକୁ ପଶିଯାଇଛି। ଟିକରପଡ଼ା, କୁଜିବର, ପୋଡ଼ା ଜାଗୁଳେଇ ସମେତ ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। ତେବେ ଜଳସେଚନ ବିଭାଗର ଅବହେଳା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଖରସ୍ରୋତା ନଦୀରେ ବନ୍ୟା ଆସିବା ଫଳରେ ପହଙ୍ଗା, ତଣ୍ଡରା, ବରେଇ ଓ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ବ୍ୟାପକ ଫସଲ କ୍ଷତି ହୋଇଛି। ସେପଟେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳବନ୍ଦୀ ଲୋକଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଓ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି। ଘାଇ ମୁହଁ ତୁରନ୍ତ ବନ୍ଦ କରିବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଜିଲ୍ଲାର ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାରେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ବାହିନୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ବ୍ଲକ୍ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ ହୋଇଛନ୍ତି। ଅବକାରୀ କମିଶନର ତଥା ଯାଜପୁରର ପୂର୍ବତନ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ସମଗ୍ର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ଯାଜପୁର ଜିଲ୍ଲାପାଳ ଅମ୍ବରକର ବିଭିନ୍ନ ବନ୍ୟାଞ୍ଚଳ ବୁଲି ପରିସ୍ଥିତିର ସମୀକ୍ଷା କରୁଛନ୍ତି। ଜଳବନ୍ଦୀ ଥିବା ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଶୁକ୍ରବାର ମଧ୍ୟ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଜିଲ୍ଲାପାଳ ଘୋଷଣା କରିଛନ୍ତି।

■ ଲଗାଣ ବର୍ଷା ନେଲା ଜୀବନ

# କାନ୍ଥ ଭୁଶୁଡ଼ି ମହିଳା ମୃତ



ମୁନିଗୁଡ଼ା, ୩୦।୭ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ଥାନା ରାଣୀପିଣ୍ଡା ପଞ୍ଚାୟତର ବାଘଡ଼ଙ୍ଗରି ଗ୍ରାମରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ବାଘଡ଼ଙ୍ଗରି ଗ୍ରାମର ରୁକୁଣି ବଛା (୨୬) ଭୋରରେ ଶୌଚ ସାରି ଘରକୁ ଫେରୁଥିବା ବେଳେ ଘର ପାଖରେ ଥିବା ଏକ ପୁରୁଣା କାନ୍ଥ ତାଙ୍କ ଉପରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇଯାଇଥିବା ରୁକୁଣିଙ୍କୁ ଗ୍ରାମବାସୀ ତୁରନ୍ତ ଉଦ୍ଧାର କରିଥିଲେ। ମାତ୍ର ଗୁରୁତର ଆଘାତ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ରୁକୁଣି କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବ୍ଲକ ଏସ୍. ନଳା ଗ୍ରାମର ବୃନ୍ଦାବନ ଗୌଡ଼ଙ୍କ ଝିଅ। ତାଙ୍କର ବିବାହ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ବାଘଡ଼ଙ୍ଗରି ଗ୍ରାମର ଭରତ ବଛାଙ୍କ ପୁଅ ସାନୁର୍ଜ୍ୟ ବଛାଙ୍କ ସହ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ କିଛିଦିନ ଧରି ଲଗାତାର ବର୍ଷା ଯୋଗୁଁ କାନ୍ଥଟି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା। ଭିଜା ମାଟି ଖସିଯିବା ସହ କାନ୍ଥଟି ହଠାତ୍ ଭୁଶୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଛି। ଖବର ପାଇ ଅମ୍ବାଦଳାର ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ। ସ୍ଥାନୀୟ କଂଗ୍ରେସ ଯୁବନେତା ତଥା ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲ ମଧ୍ୟ ମୁନିଗୁଡ଼ା ବିଡିଓ ଓ ଅମ୍ବାଦଳା ରାଜସ୍ୱ ଅଧିକାରୀଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଥିବା ଜଣାପଡ଼ିଛି।

### ସରକାରୀ ସହାୟତା ଦାବି

# ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ନବୀନ



ଭୁବନେଶ୍ୱର,୩୦।୭ (ସମିସ): ଇଣ୍ଡିଆନ୍ ଆଇଡଲ୍' ସିଜନ୍-୧୬ର ବିଜୟିନୀ ତଥା ଓଡ଼ିଶାର ଗର୍ବ ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଆଜି ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରିଥିବା ବେଳେ ଜ୍ୟୋତିର୍ମୟୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ଏହି ଟାଇଟଲ ହାତେଇ ଓଡ଼ିଶାକୁ ଗର୍ବିତ କରିଥିବା ନବୀନ କହିଛନ୍ତି। ଏହି ଅବସରରେ ଜ୍ୟୋତିର୍ମୟୀଙ୍କୁ ରୂପା ତାରକସି କୋଣାର୍କ ଚକ୍ର ପ୍ରଦାନ କରି ତାଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଶ୍ରୀ ପଟ୍ଟନାୟକ।

# କାନପୁର ଡ୍ୟାମ୍ ସମ୍ପୂର୍ଣ୍ଣ ସୁରକ୍ଷିତ: ପ୍ରଶାସନ



କେନ୍ଦୁଝର/ଯୋଡ଼ା, ୩୦।୭ (ସମିସ): କାନପୁର ଡ୍ୟାମ୍‌ରେ ଗଠନମୂଳକ ତ୍ରୁଟି ନେଇ ଫାଟ ଦେଖାଦେଇଥିବା ନେଇ କିଛି ବିଭ୍ରାନ୍ତିକର ତଥ୍ୟ ଓ ଖବର ଉପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। କୁହାଯାଇଛି ଯେ ସାମ୍ପ୍ରତିକ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଏକ ଅସ୍ଥାୟୀ କଫର୍ ଡ୍ୟାମ୍ ଉପର ଦେଇ ଜଳ ପ୍ରବାହିତ ହେଉଛି। ଏହା ଏକ ଅସ୍ଥାୟୀ ସହାୟକ ଢାଞ୍ଚା। ଏହା ମୁଖ୍ୟ ଡ୍ୟାମ୍‌ର ଅଂଶବିଶେଷ ନୁହେଁ। ଏହି ଅସ୍ଥାୟୀ ବ୍ୟବସ୍ଥା ଉପର ଦେଇ ଜଳ ପ୍ରବାହିତ ହେବା ଦ୍ୱାରା ଜୀବନ, ସମ୍ପତ୍ତି କିମ୍ବା କାନପୁର ଡ୍ୟାମ୍‌ର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ। ଜୁଲାଇ ୩୦ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୪୩୨.୯୫ ମିଟର ରହିଛି; ଯାହା କଫର୍ ଡ୍ୟାମ୍‌ର ସର୍ବୋଚ୍ଚ ସ୍ତର (୪୨୮.୦୦ ମିଟର)। ମୁଖ୍ୟ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୪୪୦.୦୦ ମିଟରଠାରୁ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୪୮.୪୮୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୧,୦୪୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଫଳରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବ। ନିଷ୍କାସିତ ଜଳ କେବଳ ପ୍ରାକୃତିକ ନଦୀ ଶଯ୍ୟା ମଧ୍ୟରେ ସୀମିତ ରହିବ। ଏହା ଦ୍ୱାରା କୌଣସି ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଏହି ଜଳ ପ୍ରବାହ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, କେନ୍ଦୁଝର ସଦର ଏବଂ ପାଟଣା ଦେଇ ଗତି କରିବ। ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ସୁଦ୍ଧା ଏହି ପାଣି ଆନନ୍ଦପୁର ବ୍ୟାରେଜ୍‌ରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ସମ୍ପୃକ୍ତ ସମସ୍ତ ବିଡିଓ ଏବଂ ତହସିଲଦାରମାନଙ୍କୁ ଆଲର୍ଟ କରାଯାଇଛି ଏବଂ ମାଇକ୍ ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ଜିଲ୍ଲା ଅଧିକାରୀ ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି। ତେବେ, କୌଣସି ଖବର ପ୍ରକାଶ ବା ପ୍ରସାରଣ କରିବା ପୂର୍ବରୁ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ସତ୍ୟତା ଯାଞ୍ଚ କରିବାକୁ ଗଣମାଧ୍ୟମଗୁଡ଼ିକୁ ଅନୁରୋଧ କରାଯାଇଛି।

### 'ଅସ୍ଥାୟୀ କଫର ଡ୍ୟାମ୍ ନେଇ କୌଣସି ଆଶଙ୍କା ନାହିଁ'

# ବନ୍ୟାରେ ଭାସିଯାଇଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର/ମାଣତ୍ରୀ, ୩୦।୭ (ସମିସ) : ବନ୍ୟାର ଭୟଙ୍କର ରୂପ ପୁଣି ଏକ ଜୀବନ ନେଇଛି। ମୟୂରଭଞ୍ଜ ବଡ଼ସାହି ପାଲପାଟଣା ପୋଲରେ ଗଙ୍ଗାହର ନଦୀର ପ୍ରଖର ବନ୍ୟା ସ୍ରୋତରେ ଭାସିଯାଇଥିବା ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ ଶ୍ରୀରାମପୁର ଗ୍ରାମର ଚୌଧୁରୀ ବେହେରା (୬୦)ଙ୍କ ମୃତଦେହ ଘଟଣାର ପ୍ରାୟ ୨୪ ଘଣ୍ଟା ପରେ ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ଏହି ଘଟଣା ପରେ ସମଗ୍ର ରେମୁଣା ଅଞ୍ଚଳ ଶୋକରେ ସ୍ତବ୍ଧ ହୋଇପଡ଼ିଥିବା ବେଳେ ପାଲପାଟଣା ପୋଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି।

ଚୌଧୁରୀ ବେହେରା ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ ଅଞ୍ଚଳରେ ଥିବା ନିଜ ଝିଅଘରକୁ ଯାଇଥିଲେ। ବୁଧବାର ସେ ସାଇକଲ ଯୋଗେ ଘରକୁ ଫେରୁଥିବା ସମୟରେ ପାଲପାଟଣା ପୋଲ ଉପରେ ଗଙ୍ଗାହର ନଦୀର ବନ୍ୟା ଜଳ ପ୍ରବାହିତ ହେଉଥିଲା। ପ୍ରଖର ସ୍ରୋତ ମଧ୍ୟରେ ସେ ସନ୍ତୁଳନ ହରାଇ ଭାସିଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଗୁରୁବାର ଓଡ୍ରାଫ ଟିମ୍ ପହଞ୍ଚି ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଚଳାଇଥିଲା। ଦୀର୍ଘ ସମୟର ତଲାସି ପରେ ନଦୀରୁ ଚୌଧୁରୀ ବେହେରାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବର୍ଷା ଋତୁରେ ଏହି ପୋଲ ଉପରେ ପ୍ରାୟ ପ୍ରତିବର୍ଷ ବନ୍ୟା ଜଳ ପ୍ରବାହିତ ହୁଏ। ତଥାପି ଲୋକଙ୍କ ଯାତାୟାତ ପାଇଁ ବିକଳ୍ପ ବ୍ୟବସ୍ଥା କିମ୍ବା ସ୍ଥାୟୀ ସମାଧାନ ହୋଇନାହିଁ। ପୂର୍ବରୁ ମଧ୍ୟ ଏହି ପୋଲରେ ବନ୍ୟା ଜଳରେ ଭାସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହା ସତ୍ତ୍ୱେ ଉଚ୍ଚ ସେତୁ ନିର୍ମାଣ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ବଢ଼ିଛି।

# ବନ୍ୟାରେ ଧୋଇଗଲା 'ନେଚର କ୍ୟାମ୍ପ୍'

### କ୍ଷତି ଭରଣା କରିବ କିଏ ?

କେନ୍ଦୁଝର, ୩୦।୭ (ସମିସ): ବୈତରଣୀ ନଦୀ ତଟରେ ନେଚର କ୍ୟାମ୍ପ ସ୍ଥାନ ନିରୂପଣ କରିବା ମହଂଗା ପଡିଛି। ବୈତରଣୀରେ ବର୍ଷର ପ୍ରଥମ ବନ୍ୟା ପାଣିରେ ନେଚର କ୍ୟାମ୍ପ ଧୋଇଯିବା ଘଟଣା ପ୍ରକୃତିପ୍ରେମୀଙ୍କୁ ଆଘାତ ଦେଇଛି। ସ୍ଥାନଟି ପ୍ରକୃତି ପ୍ରେମୀଙ୍କ ନିମନ୍ତେ ସ୍ୱର୍ଗଠାରୁ କମ ନଥିଲା। ବନ ବିଭାଗ ପକ୍ଷରୁ ଏକ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଦରଗୁଡ଼ିଶୀଳା ନଦୀ ପଠାରେ ୫ଟି ସୁନ୍ଦର କଟେଜ କାମ କରାଯାଉଥିଲା। ମାତ୍ର କାମ ନିମ୍ନମାନର ହେଉ କିମ୍ବା ସ୍ଥାନ ନିରୂପଣରେ ତ୍ରୁଟି କାରଣରୁ ଗତ ଲଗାଣ ବର୍ଷାର ବୈତରଣୀ ବଢ଼ି ପାଣିରେ ଏହା ଧୋଇଯାଇଛି। କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ଅନ୍ତର୍ଗତ ଦରଗୁଡିଶିଳା ପର୍ଯ୍ୟଟନସ୍ଥଳରେ ନିର୍ମାଣାଧୀନ ୪ଟି ନେଚର କ୍ୟାମ୍ପ ବୈତରଣୀ ନଦୀ ବଢିରେ କ୍ଷତିଗ୍ରସ୍ତ ହେବା ଫଳରେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଛି। ପର୍ଯ୍ୟଟକଙ୍କ ପାଇଁ ୫ଟି କଟେଜ ମଧ୍ୟରୁ ୪ଟିର କାମ ସରିଥିଲା। ଏହି କାମ ନଭେମ୍ବର ପୂର୍ବରୁ ସରିବାର ଥିଲା। ବର୍ତ୍ତମାନ ପରିସ୍ଥିତିରୁ ଅନୁମେୟ ଯେ ନେଚର କ୍ୟାମ୍ପ ଯେଉଁ ନଦୀ ତଟରେ କରାଯାଉଥିଲା ତାହା ହୁଏତ ଆଗାମି ଦିନରେ ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଥାନ୍ତା। ସ୍ଥାନ ନିରୂପଣରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ତ୍ରୁଟି ଯୋଗୁଁ ହୋଇଥିବା କ୍ଷତିର ଭରଣା କରିବ କିଏ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ୩ ଦିନ ହେଲା ବନ୍ୟାଘେରରେ ୭ ଲକ୍ଷ ବିପନ୍ନ

- ଭଦ୍ରକ, ବାଲେଶ୍ୱର ଓ ଯାଜପୁରରେ ସ୍ଥିତି ଜଟିଳ
- ମୃତ୍ୟୁ ସଂଖ୍ୟାକୁ ନେଇ ମୁହଁ ଖୋଲୁନାହାନ୍ତି ସରକାର
- ମାଳ ମାଳ ଅଭିଯୋଗ, ସରକାରୀ ଭାବେ ୩ ମୃତ

ଭୁବନେଶ୍ୱର,୩୦।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗମ୍ଭୀର ଅବସ୍ଥାରେ ରହିଛି। ବୈତରଣୀ ଓ ଶାଳନ୍ଦୀ ନଦୀରେ ଆସିଥିବା ବନ୍ୟା ଓ ଅନ୍ୟ ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ପ୍ରଭାବରେ ସାରା ଉତ୍ତର ଓଡ଼ିଶା କ୍ଷତିଗ୍ରସ୍ତ ହୋଇଛି। ମାତ୍ର ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ସ୍ଥିତି ସବୁଠୁ ଉଦ୍‌ବେଗ ଜନକ ରହିଛି। ସାରା ରାଜ୍ୟରେ ଅର୍ଥାତ୍ ୨୦ ଟି ଜିଲ୍ଲାରେ ବନ୍ୟା ଯୋଗୁଁ ମୋଟ୍ ୭ ଲକ୍ଷ ୫ ହଜାର ୨୩୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଏଥିମଧ୍ୟରୁ କେବଳ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରୁ ସର୍ବାଧିକ ୬ ଲକ୍ଷ ୯୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ଭଦ୍ରକର ସର୍ବାଧିକ ୪ ଲକ୍ଷ ୧୧ ହଜାର ଲୋକ ପ୍ରଭାବିତ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି।

ସେହିପରି ବାଲେଶ୍ୱରରୁ ୧ ଲକ୍ଷ ୪୬ ହଜାର ଓ ଯାଜପୁର ଜିଲ୍ଲାରେ ୧ ଲକ୍ଷ ୩୭ ହଜାର ଲୋକ ବନ୍ୟା ବିଭିଷୀକାର ଶିକାର ହୋଇଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ବୈତରଣୀରେ ଆସିଥିବା ବନ୍ୟା ଯୋଗୁଁ ଉତ୍ତର ଓଡ଼ିଶା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହାସହିତ ମହାନଦୀରେ ଜଳସ୍ତର ବଢ଼ିବା ହେତୁ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ବନ୍ୟା ପାଣିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏବେ ସୁଦ୍ଧା ୨୦ ଟି ଜିଲ୍ଲାର ମୋଟ୍ ୧୦୦ ବ୍ଲକର ୫୩୯ ୧୪୫୮ ଗାଁ ପ୍ରଭାବିତ ହୋଇଥିବା ବେଳେ ୧୪ ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ଏହା ବ୍ୟତୀତ ଏବେ ସୁଦ୍ଧା ବନ୍ୟାରେ ମୋଟ୍ ୧୩୫୩ ଘର ଭାଙ୍ଗିଥିବା ବେଳେ ୨୪ ହଜାର ୮୯୬ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଅନ୍ୟପଟେ ବନ୍ୟା ଓ ଏହାର ପରୋକ୍ଷ କାରଣ ଯୋଗୁଁ ବୁଧବାର ରାତି ସୁଦ୍ଧା ବିଭିନ୍ନ ଜିଲ୍ଲାରୁ ୮ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ବେସରକାରୀ ଭାବେ ଅଭିଯୋଗ ହୋଇଥିଲା। ଏହାସହିତ ଗୁରୁବାର ମଧ୍ୟ କେତେକ ସ୍ଥାନରେ ବନ୍ୟା ପାଣିରେ ଭାସିଯାଇ ପ୍ରାଣ ହରାଇବା ଓ ଅଜଣା ମୃତ ଦେହ ମିଳିବା ଭଳି ଘଟଣା ସାମନାକୁ ଆସିଛି। ଏହାସହିତ କେତେକ ସ୍ଥାନରେ ବନ୍ୟା ପାଣିରେ ଭାସି ଆସୁଥିବା ସାପ କାମୁଡ଼ା ଯୋଗୁଁ ମୃତ୍ୟୁ ନେଇ ମଧ୍ୟ ଅଭିଯୋଗ ହେଉଛି। ହେଲେ ସରକାରୀ ଭାବେ ମୃତକଙ୍କ ସଂଖ୍ୟାକୁ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନାହିଁ। ଆଜି ସନ୍ଧ୍ୟା ସୁଦ୍ଧା ସରକାରୀ ଭାବେ ମାତ୍ର ୩ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ କୁହାଯାଇଛି, କେନ୍ଦୁଝରରେ ଜଣେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଥିବା ବେଳେ ଢେଙ୍କାନାଳରେ କାନ୍ଥ ପଡ଼ି ଜଣଙ୍କର ଜୀବନ ଯାଇଛି। ଏହାସହିତ ରାୟଗଡ଼ାରେ ମଧ୍ୟ କାନ୍ଥ ପଡ଼ିବା ଯୋଗୁଁ ଜଣେ ଲୋକଙ୍କର ଜୀବନ ଯାଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିବା କୁହାଯାଇଛି। ଏହାବ୍ୟତୀତ ବନ୍ୟା ଯୋଗୁଁ ମୋଟ୍ ୧୩୧୦ ଟି ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିବା ବେଳେ କେବଳ ମୟୂରଭଞ୍ଜରୁ ୧୩୦୦ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି।

ଅନ୍ୟପଟେ ସରକାରଙ୍କ ପକ୍ଷରୁ କୁହାଯାଇଛି, ପ୍ରଭାବିତ ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧ ଲକ୍ଷ ୮୯ ହଜାର ୫୯୧ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କୁ ୫୨୦ଟି ରିଲିଫ କ୍ୟାମ୍ପରେ ରଖାଯାଇଛି। ବନ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ, ଶିଶୁ ଖାଦ୍ୟ ସହ ମହିଳା ଏବଂ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଜଳବନ୍ଦୀ ବଭାବେ ୨୧ଟି ଗାଁ ଥିବାବେଳେ ବାହ୍ୟଜଗତରୁ ସେମାନେ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛନ୍ତି। ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଏବେ ସୁଦ୍ଧା ୩୭୮ କ୍ୱିଣ୍ଟାଲ୍ ଚୁଡ଼ା ଓ ୪୪.୫ କ୍ୱିଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ପାଇଁ ୨୪ ଟି ଓଡ୍ରାଫ୍, ୬ଟି ଏନ୍‌ଡିଆର୍‌ଏଫ୍ ଓ ୪୬ଟି ଅଗ୍ନିସମ ବାହିନୀ ନିୟୋଜିତ ହୋଇଛନ୍ତି।

ସକାଳ THE SAKALA



www.sakalaepaper.com

# ବର୍ଷା ପରେ ଚାଷଜମି ଜଳମଗ୍ନ, ରାସ୍ତା ବିପର୍ଯ୍ୟସ୍ତ

ହାଟଡିହୀ, ୩୦।୭ (ସମିସ)




ଗତ ଲଗାଣ ବର୍ଷା ଛାଡ଼ିଗଲା ପରେ ବିଭିନ୍ନ ସ୍ଥାନରେ ପାଣି ମାଡ଼ ଯୋଗୁଁ ବିପର୍ଯ୍ୟୟର ଦୃଶ୍ୟ ପରିଲକ୍ଷିତ ହେଉଛି। ଇଞ୍ଜାଳର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଶହଶହ ହେକ୍ଟର ଧାନ ଚାଷଜମି ପାଣି ତଳେ ରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ଗଭୀର ନିରାଶା ଓ ଅନିଶ୍ଚିତତା ଦେଖାଦେଇଛି। ଚାଷଜମିରେ ଦୀର୍ଘ ସମୟ ଧରି ପାଣି ଜମି ରହିବା ଫଳରେ ଧାନ ଚାରା ପଚିଯିବା ସହ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ବଢ଼ିଛି। ସ୍ଥାନୀୟ ଚାଷୀକୁଳଙ୍କ କହିବାନୁସାରେ, ଜଳ ନିଷ୍କାସନ ବ୍ୟବସ୍ଥାରେ କୌଣସି ସ୍ଥାୟୀ ଭିତ୍ତିଭୂମି ନାହିଁ। ଜବର ଦଖଲ ବୃଦ୍ଧି ସହ ପାର୍ଶ୍ୱ କେନାଲଗୁଡ଼ିକୁ ପୋତି ଦେବା ଯୋଗୁଁ ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଚାଷୀମାନେ ପୁଣି ଥରେ କ୍ଷତି ସହିବାକୁ ବାଧ୍ୟ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳର ତୁରନ୍ତ କ୍ଷୟକ୍ଷତିର ଆକଳନ, ଜଳ ନିଷ୍କାସନର ବ୍ୟବସ୍ଥା ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ବିନୋଦ ବିହାରୀ ମହାପାତ୍ର, ନୃସିଂହ ଚରଣ ପଣ୍ଡା, ମୁରଲୀଧର ବେହେରା, ସୁଦର୍ଶନ ପଣ୍ଡା, ଅଦ୍ୱୈତଚନ୍ଦ୍ର ପଣ୍ଡା, ଶିଶିର ସୁଆର, ବୃନ୍ଦାବନ ସ୍ୱାଇଁ, ଅନ୍ତର୍ଯ୍ୟାମୀ ନାୟକ, ଇନ୍ଦ୍ରମଣି ଜେନା, ଦାମୋଦର ମହାନ୍ତି, ଅଶୋକ ମହାରଣା, ଧନେଶ୍ୱର ରାଉତ, ଜଗବନ୍ଧୁ ସାହୁ ଦାବି କରିଛନ୍ତି। ଏବେ ପ୍ରକୃତିର ପ୍ରକୋପ ପରେ ଚାଷୀ ଏବଂ ସାଧାରଣ ବର୍ଗର ଲୋକମାନେ ସରକାରୀ ସହାୟତା ପାଇଁ ଚାହିଁ ରହିଛନ୍ତି।

ସେହିପରି ବର୍ଷା ମାଡ଼ ଯୋଗୁଁ ରାସ୍ତାଗୁଡ଼ିକ ଦୁର୍ବଳ ହୋଇ ପଡ଼ିଛି। ହାଟଡ଼ିହୀ ବ୍ଲକ ମରେଇଗାଁ ପଞ୍ଚାୟତ ବନ୍ତଲା ଓ ଖପରାଖାଇ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଅବସ୍ଥା ବେହାଲ୍ ହୋଇପଡ଼ିଛି। ପ୍ରାୟ ୧୦ ବର୍ଷ ହେବ ରାସ୍ତାର ମରାମତି ହେଉନାହିଁ। ଗାଁରେ ୩୦ରୁ ଊର୍ଦ୍ଧ୍ୱ ଦୁଗ୍ଧଚାଷୀ ଥିବାବେଳେ ସେମାନଙ୍କ ପାଇଁ ଏହି କଦର୍ଯ୍ୟ ରାସ୍ତା ମୁଖ୍ୟ ସମସ୍ୟା ପାଲଟିଛି। ଲଘୁଚାପ ବର୍ଷା ଯୋଗୁଁ ଗାଁ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ପ୍ରବାହିତ ହୋଇଥିଲା। ଗ୍ରାମର କୋଦଣ୍ଡଧର ଜେନା, ଶତ୍ରୁଘ୍ନ ଜେନା, ହଳଧର ଜେନା, ବନା ଜେନା, ବାବୁ ଜେନା, ସୁଦାମ ଜେନା, ଅକ୍ଷୟ ଖୁଣ୍ଟିଆ, ମେମ୍ବର ଭାବଗ୍ରାହୀ ଜେନାଙ୍କ ସମେତ କାର୍ତ୍ତିକ ବେହେରା ଅଭିଯୋଗ କରିଛନ୍ତି ଯେ ଜରୁରୀ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଯାଇପାରୁନି। ଗାଁ ଠୁଁ ତିନି କିଲୋମିଟର ଦୂର ପିଚୁ ରାସ୍ତାଯାଏଁ ରୋଗୀଙ୍କୁ ବୁହା ହୋଇ ଅଣାଯାଉଛି; ଯାହାକି, ଅପହଞ୍ଚ ଇଲାକାର ଦୁଃଖଠାରୁ ଅଧିକ କଷ୍ଟଦାୟକ ହୋଇପଡ଼ିଛି ବନ୍ତଲା ଗାଁର ଦୁଃଖ।

ବନ୍ତଲା ଗାଁ ରାସ୍ତାର ଉନ୍ନତିକରଣ ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା, ସେଥିରେ କିଛି କାର୍ଯ୍ୟ ହୋଇଛି କ୍ଷ ବ୍ଲକ ପକ୍ଷରୁ ଆଉ କିଛି ଅନୁଦାନ ଯୋଗାଇଦେଲେ ଅବଶିଷ୍ଟ ରାସ୍ତାକାର୍ଯ୍ୟ ହୁଅନ୍ତା। ତେବେ ତେନ୍ତୁଳିନଣ୍ଡାଠାରୁ ବନ୍ତଲା ଯାଏଁ ରାସ୍ତାର ଉନ୍ନତିକରଣ ପାଇଁ କେନାଲ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ରାସ୍ତାର ଉନ୍ନତିକରଣ କରାଗଲେ ରାସ୍ତାବସ୍ଥା ଉପରେ ସୁଧାର ଆସିପାରନ୍ତା ବୋଲି ମରେଇଗାଁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଜେନା କହିଛନ୍ତି।



## କଂକ୍ରିଟ୍ ରାସ୍ତା ମାଟିରେ ମିଶିଲା

ତେଲକୋଇ: ସମାକୋଇ ନଦୀର ବନ୍ୟା ଜଳ ପ୍ରଭାବରେ ତେଲକୋଇସ୍ଥିତ ବିଜୁ ପଟ୍ଟନାୟକ ବସ ଷ୍ଟାଣ୍ଡର ବ୍ୟାପକ କ୍ଷୟକ୍ଷତି ହୋଇଛି। ବସ ଷ୍ଟାଣ୍ଡକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତାର ଗୋଟିଏ ପାର୍ଶ୍ୱର ଭୂତଳ ମାଟି ଧୋଇଯିବା ସହ ପାଚେରି ଭାଙ୍ଗି ଯାଇଛି। ଉକ୍ତ ରାସ୍ତା ଆଁ ହୋଇ ରହିଥିବା ବେଳେ ଯାନବାହନ ତଥା ଲୋକଙ୍କ ପାଇଁ ବିପଦ ସାଜିଛି। ସମାକୋଇ ପୋଲର ଆରମ୍ଭ ଓ ଶେଷ ମୁଣ୍ଡ ପିଚୁ ଧୋଇ ହୋଇ ବିପଦସଙ୍କୁଳ ହୋଇ ପଡ଼ିଛି। ହନୁମନ୍ତିଆ ରାସ୍ତାର ମଧ୍ୟ ସମାନ ଅବସ୍ଥା ହୋଇଛି।





## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଗୁରୁପୂର୍ଣ୍ଣିମା



ହାଟଡ଼ିହୀ,୩୦।୭(ସମିସ): ହାଟଡିହୀ ବ୍ଲକ୍ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲରେ ଗୁରୁପୂର୍ଣ୍ଣିମା ଉତ୍ସବ ବିଦ୍ୟାଳୟ ଛୁଟି ଥିବା ବେଳେ କିଛି ପିଲାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଉଦୟନାଥ କର ମୁଖ୍ୟଅତିଥି, ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ନାୟକ ଏବଂ ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବିଜୟ କୁମାର ପହି, ଦେବେନ୍ଦ୍ରନାଥ ପାଢ଼ୀ, ଦୟାନିଧି ଚିନରା, ହିମାଂଶୁ ରଞ୍ଜନ ବାରିକ ସୁଦିପ୍ତ ଦାଶ, ପ୍ରଶାନ୍ତ କୁମାର ଦାଶ, ସଂଗ୍ରାମ କେଶରୀ ପଟ୍ଟନାୟକ, ଚନ୍ଦ୍ରଶେଖର ବାରିକ୍, ତନୁଶ୍ରୀ ତନୟା ପହି, ଊର୍ମୀ ମହାନ୍ତି, ବିଷ୍ଣୁପ୍ରିୟା ଦାଶ, ଭାଗ୍ୟଶ୍ରୀ ସାହୁ, ପ୍ରୀତିନନ୍ଦା ମଲ୍ଲିକ, ଚିନ୍ମୟୀ ସାହୁ, ଏସ୍. ବି. ସାଇମଗ୍ନା, ସାଇକ୍ରିଷ୍ଟା ଜେନା, ମୋନାଲିସା ବାରିକ, ବିଶ୍ୱବନ୍ଦିତା ଜେନା, ସୁପ୍ନା ରାଣୀ ନାୟକ ଏବଂ ସହକର୍ମୀ ମଞ୍ଜୁଲତା ଖୁଣ୍ଟିଆ, ମନୋରମା ସେଠୀ ଓ ଉର୍ମିଳା ସେଠୀ ଉପସ୍ଥିତ ପିଲାଙ୍କ ସହ ମିଷ୍ଟାନ୍ନ ଭୋଗ କରିଥିଲେ।

## ଗାଁ ଗାଁରେ ତ୍ରିଲୋଚନଙ୍କ ସ୍ୱାସ୍ଥ୍ୟ ସଚେତନତା



ଆନନ୍ଦପୁର, ୩୦।୭(ସମିସ): ବର୍ଷା ପ୍ରଭାବରେ ଆନନ୍ଦପୁର ଉପଖଣ୍ଡର ୨୦ରୁ ଊର୍ଦ୍ଧ୍ୱ ଗାଁ ଜଳମଗ୍ନ ଅଛି। ପ୍ରାୟ ୧୦୦୦ ହେକ୍ଟର ଚାଷ ଜମିରେ ପାଣି ବୁଡ଼ିକି ଅଛି। ଫକୀରପୁର ସମେତ ଅନେକ ଗ୍ରାମର କେତେକ ପ୍ରମୁଖ ରାସ୍ତା ଉପରେ ପାଞ୍ଚ ଫୁଟର ପାଣି ଚାଲୁଛି। ଏପରି ସ୍ଥଳେ ପ୍ରକୃତିବନ୍ଧୁ ବିଭିନ୍ନ ବନ୍ୟା ପ୍ରଭାବିତ ଗାଁ ଏବଂ ଆଶ୍ରୟସ୍ଥଳୀ ବୁଲି ଲୋକଙ୍କୁ ସେମାନଙ୍କର ସୁରକ୍ଷା ଓ ପରିମଳ ସମ୍ବନ୍ଧରେ ବୁଝାଉଛନ୍ତି। ବର୍ଷା ଓ ପାଣି ବୁଡ଼ି ସମୟରେ କିପରି ଅଧିକ ସ୍ୱଚ୍ଛତା ଏବଂ ଆଖପାଖର ପରିମଳର ସୁରକ୍ଷାକୁ ଜାରି ରଖାଯାଇପାରିବ ସେନେଇ ତ୍ରିଲୋଚନ ସାହୁ ସଚେତନତାର ବାର୍ତ୍ତା ପହଞ୍ଚାଉଛନ୍ତି।

## ବସ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ; ଅଭିଯୁକ୍ତ ଫେରାର



ଯୋଡ଼ା, ୩୦।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରର ଏନ୍‌ଏସି ଗେଟ୍ ଛକ ନିକଟରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଜଣେ ବସ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଜଣେ ଯୁବକ ପେଚକସ୍‌ରେ ଡ୍ରାଇଭରଙ୍କ ଡାହାଣ ହାତକୁ ଆକ୍ରମଣ କରି ଲହୁଲୁହାଣ କରିଦେବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସହରରେ ଉତ୍ତେଜନା ସୃଷ୍ଟି ହୋଇଛି। ସୂଚନାନୁସାରେ, ବୁଧବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ 'ମୋ ବସ୍' ଯୋଡ଼ା ବସ୍‌ଷ୍ଟାଣ୍ଡରୁ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ଏନ୍‌ଏସି ଗେଟ୍? ଛକ ନିକଟରେ ଯାତ୍ରୀ ଉଠାଇବା ପାଇଁ ଅଟକିଥିଲା। ଏହି ସମୟରେ ରାସ୍ତାର ଅପରପାର୍ଶ୍ୱରେ ଠିଆ ହୋଇଥିବା ଜଣେ ବ୍ୟକ୍ତି କୌଣସି ଏକ କଥାକୁ ନେଇ ବସ୍ ଡ୍ରାଇଭରଙ୍କ ସହ ଯୁକ୍ତିତର୍କ କରିବା ସ ହ ଉତ୍ତ୍ୟକ୍ତ ହୋଇ ପେଚକସ୍ ଭଳି ଏକ ଧାରୁଆ ଉପକରଣରେ ଡ୍ରାଇଭରଙ୍କ ଡାହାଣ ହାତକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଡ୍ରାଇଭର ଗୁରୁତର ଆହତ ହୋଇ ରକ୍ତାକ୍ତ ହୋଇପଡ଼ିଥିଲେ। ଯୋଡ଼ା ପୁଲିସ ଘଟଣାସ୍ଥଳରେ ତଥ୍ୟ ସଂଗ୍ରହ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ, ଯୋଡ଼ା ସହରରେ ଦିନକୁ ଦିନ ଏଭଳି ହିଂସାତ୍ମକ ଘଟଣା ବୃଦ୍ଧି ପାଉଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସର୍ବସାଧାରଣ ସ୍ଥାନରେ ସାମାନ୍ୟ ବଚସାରୁ ମାରପିଟ ଓ ଆକ୍ରମଣ ଭଳି ଘଟଣା ଘଟିବା ସହରର ଆଇନଶୃଙ୍ଖଳା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଛି।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ; ଜଣେ ଗିରଫ

ଯୋଡ଼ା, ୩୦।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରର ସରୁଚି ବିଜାର ନିକଟରେ ସଙ୍ଘବଦ୍ଧ ଭାବେ ଖଣ୍ଡାରେ ବିଷ୍ଣୁ ନାଗଙ୍କୁ ମରଣାନ୍ତକ ଆକ୍ରମଣ ନେଇ ମାମଲାରେ ଯୋଡ଼ା ପୁଲିସ ଅଭିଯୁକ୍ତ ରାହୁଳ ପାତ୍ର (୨୬) କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଆଉ ୨ ଜଣ ଫେରାର ଅଛନ୍ତି। ଗତ ୧୬ ଜୁଲାଇ ଯୋଡ଼ା ପାତ୍ର ବସ୍ତିର ବିଷ୍ଣୁ ନାଗଙ୍କୁ ସେହି ବସ୍ତିର ୪ ଜଣ ପିଲା ସନ୍ଧ୍ୟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ବିଷ୍ଣୁ ଅଚେତ ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ, ପରେ କଟକକୁ ସ୍ଥାନାନ୍ତରିତ ହୋଇଥିଲେ। ଏହି ମାମଲାରେ ଅଭିଯୁକ୍ତ ରାହୁଲକୁ ପୁଲିସ ଗୁରୁବାର କୋର୍ଟ ଚାଲାଣ କରି ଅନ୍ୟ ଦୁଇ ଜଣଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଥିବା ଥାନାଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି। ଅଭିଯୁକ୍ତ ସିଦ୍ଧାର୍ଥ (ବୁଲୁ) ପାତ୍ରକୁ ପୂର୍ବରୁ ଏହି ଘଟଣାରେ କୋର୍ଟ ଚାଲାଣ କରାଯାଇଛି।

## ଗଡ଼ବାନ୍ଧଗୋଡ଼ାରେ ସନାତନଙ୍କ ସ୍ମୃତିସଭା



ଆନନ୍ଦପୁର, ୩୦।୭ (ସମିସ): ଆନନ୍ଦପୁର ଉପଖଣ୍ଡ ଗଡବାନ୍ଧଗୋଡ଼ା ଗ୍ରାମର ବଡ଼ ସର୍ଦ୍ଦାର ସନାତନ ଚକ୍ରଙ୍କ ଏକାଦଶାହରେ ସରକାରୀ ଓକିଲ ବିଚିତ୍ର କୁମାର ଚକ୍ରଙ୍କ ସଂଯୋଜନାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ରବିନାରାୟଣ ପାତ୍ର ଓ ଅଧ୍ୟାପକ ସଂଗ୍ରାମ କେଶରୀ ବଳ ସାମନ୍ତ, ମୁଖ୍ୟ ସର୍ଦ୍ଦାର ପ୍ରବୋଧ ଚକ୍ର ଯୋଗ ଦେଇଥିଲେ। ଉଦ୍ୟୋଗୀ ବିରଞ୍ଚି ନାରାୟଣ ଧିର ସାମନ୍ତ ଉମେଶ ଧିର ପ୍ରମୋଦ ଦେଓ ସ୍ମୃତି ବାଳା ପାତ୍ର ବସୁମତି ବିଶ୍ୱାଳ ଜୟନ୍ତୀ ଚକ୍ରଙ୍କ ସମେତ ସନ୍ଧ୍ୟାରାଣୀ ଦାସ ଓ ସମାଜସେବୀ ଦିଲ୍ଲୀପ ଦାସ ଓ ଫୌଜି ସରୋଜ ଧଳ ସାମନ୍ତ ଓ ଯୁବ ଶିଳ୍ପପତି ସଞ୍ଜୟ ଦାସ ଯୋଗ ଦେଇଥିଲେ। ବିଧାୟକ ବଦ୍ରିନାରାୟଣ ପାତ୍ର ଅଧ୍ୟାପକ ବିଜୟ ସାହୁ ସୁଦର୍ଶନ ସାହୁ ଯୁବ ଯନ୍ତ୍ରୀ ବିଶ୍ୱଜିତ୍ ଦାସ ଜିଲ୍ଲାପରିଷଦ ସଭ୍ୟା ଅସୀମା ମିଶ୍ର ଓ ସରପଞ୍ଚ ଦୀପ୍ତି ସାହୁ ଶିକ୍ଷାବିତ୍ ରାମଚନ୍ଦ୍ର ଚକ୍ର ଏମପି ପ୍ରତିନିଧି ସିବେନ୍ଦ୍ର ଚକ୍ର ପୂର୍ବତନ ସମିତିସଭ୍ୟ ତାରଣି ସେନ ଜେନା, ଭାରତ ଭୂଷଣ ନାୟକ ସାମାଜିକ କର୍ମୀ ସିଦ୍ଧେଶ୍ୱର ଜେନା ନାତି ସୁରଜ୍ ଚକ୍ର ଓ ସୁବ୍ରତ ଚକ୍ର, ନାରୀନେତ୍ରୀ ଯଶସ୍ୱିନି ବଳ ସମାଜସେବୀ ପ୍ରମୋଦ ଦେଓ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବନ୍ୟା ମୁକାବିଲା ପ୍ରସ୍ତୁତି ଶୂନ୍

## ଜଳସମ୍ପଦ କାର୍ଯ୍ୟାଳୟ ଘେରିଲେ କ୍ଷତିଗ୍ରସ୍ତ



ଆନନ୍ଦପୁର, ୩୦।୭ (ସମିସ): ଯଥେଷ୍ଟ ପୂର୍ବରୁ ବନ୍ୟା ପାଇଁ ଆନନ୍ଦପୁରରେ ହେଉଥିବା ବନ୍ୟା ମୁକାବିଲା ବୈଠକ ଚଳିତ ବର୍ଷ ହୋଇ ନଥିବାରୁ ବନ୍ୟା ମୁକାବିଲାରେ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ କ୍ଷତି ସହୁଥିବା ଲୋକଙ୍କ ଦାବି ଜିଲ୍ଲା ପ୍ରଶାସନ ଶୁଣୁ ନଥିବାରୁ ଆଜି ବନ୍ୟା ପ୍ରପୀଡ଼ିତ ଲୋକେ ଶାଳପଡାସ୍ଥିତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ରିଙ୍ଗ ରୋଡରେ ଥିବା ଦୁର୍ବଳ ସ୍ଲୁଇସ ଗେଟକୁ ବିଭାଗୀୟ ଅଧିକାରୀ ତଦାରଖ କରି ନଥିବା ଏବଂ ପ୍ରଶାସନ ଏହାର ସମୀକ୍ଷା କରି ନଥିବାରୁ ଆନନ୍ଦପୁରରେ ବଡ଼ଧରଣର କ୍ଷତି ହୋଇଥିବା ଜଣାଯାଇଛି। ସମଗ୍ର କେନ୍ଦୁଝର ଜିଲାରେ ପ୍ରାୟ ତିନି ସପ୍ତାହ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଥିବାରୁ ବୈତରଣୀରେ ବନ୍ୟା ଆସି ଆନନ୍ଦପୁରରେ ବ୍ୟାପକ କ୍ଷୟକ୍ଷତି ଘଟାଇଛ। ଏଥିପାଇଁ ପ୍ରସ୍ତୁତି ହୋଇ ନଥିବା ଏବଂ ସୂଚନା ପାଇଁ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ନଥିବା ଚିନ୍ତାର କାରଣ ହୋଇଛି। ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ଆନନ୍ଦପୁରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସୂଚନାଯୋଗ୍ୟ, ରକ୍ଷଣାବେକ୍ଷଣ ଅଭାବରୁ ରିଙ୍ଗ ବନ୍ଧଠାରେ ଥିବା ଦୁର୍ବଳ ସ୍ଲୁଇସ ଭାଙ୍ଗିଯିବାରୁ ବନ୍ୟାଜଳରେ ପ୍ରାୟ ୫୦ ଫୁଟ୍‌ର ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି।

## ବନ୍ୟା ମୃତାହତ ପାଇଁ ସହାୟତା ଦାବି




ଆନନ୍ଦପୁର, ୩୦।୭ (ସମିସ): ବୈତରଣୀ ବନ୍ୟା ପାଣିରେ ରିଙ୍ଗ ରୋଡରେ ଘାଇ ସୃଷ୍ଟି ହେବା ଦ୍ୱାରା ଫକୀରପୁର ଗ୍ରାମର ଆହତ ପ୍ରଦୀପ ମହାନ୍ତି ଓ ଏକମାତ୍ର ପୁଅ ସଦାଶିବଙ୍କ ମୃତ୍ୟୁକାଳୀନ ସହାୟତା ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି। ଏନେଇ ଆନନ୍ଦପୁର ପୌରାଧ୍ୟକ୍ଷା ରାଜନୀରାଣୀ ଖଟୁଆ କାଉନସିଲର ସୁରେନ୍ଦ୍ର ଦାସ ସୁଜିତ ସାହୁ ନିବେଦିତା ବେହେରା ସମାଜସେବୀ ତନୁଶ କୁମାର ସାହୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସହିତ ସାକ୍ଷାତ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ପୌରପାଳିକା ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ



ଆନନ୍ଦପୁର, ୩୦।୭ (ସମିସ): ଆନନ୍ଦପୁର ବୈତରଣୀ ନଦୀ ବନ୍ୟାରେ ପ୍ରଭାବିତ ୪ ନଂ ୱାର୍ଡ଼ର ମୁଖୀସାହି ଓ ଜଗନ୍ନାଥ କଲୋନୀର ବାସିନ୍ଦା, ୧୩ନଂ ୱାର୍ଡ଼ର ତଳିଆ ଅଞ୍ଚଳର ବାସିନ୍ଦାମାନେ ଜଳବନ୍ଦୀରେ ରହିଥିବାରୁ ପୌର ପରିଷଦ ପକ୍ଷରୁ ସମସ୍ତଙ୍କୁ ବିଭିନ୍ନ ବିଦ୍ୟାଳୟରେ ଥଇଥାନ କରାଯାଇ ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୁଡ଼ସୁଡ଼ିଆ ସ୍କୁଲ ଓ ଜନାର୍ଦ୍ଦନପୁର ସ୍କୁଲରେ ୯୦୦ରୁ ଅଧିକ ବ୍ୟକ୍ତି ଥିବା ବେଳେ ସେମାନଙ୍କୁ ଉପଜିଲ୍ଲାପାଳ ନୀଳମାଧବ ସୁନା, ସହକାରୀ ଜିଲ୍ଲାପାଳ ତପନ ପ୍ରଧାନ, ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ସନତ କର, ସୁରେନ୍ଦ୍ର ଦାସ, ସମାଜସେବୀ ରାଜା ଦଳେଇ ପ୍ରମୁଖ ଭେଟିଥିଲେ।

## ଷଢ଼ା ସମବାୟ ପୂର୍ବତନ ସମ୍ପାଦକ ଗିରଫ



କେନ୍ଦୁଝର/ହାଟଡିହି, ୩୦।୭(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ସଢ଼ାସ୍ଥିତ ସର୍ଭିସ କୋ- ଅପରେଟିଭ ସୋସାଇଟର ପୂର୍ବତନ ସମ୍ପାଦକଙ୍କୁ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରର ଭିଜିଲାନ୍ସ ଗିରଫ କରିଛି। କୋଅପରେଟିଭ ସୋସାଇଟିର ପୂର୍ବତନ ସମ୍ପାଦକ ଦୀନବନ୍ଧୁ ଜେନା ସୋସାଇଟିର ୫ ଲକ୍ଷ ୮୨ ହଜାର ୧୪୧ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗର ଭିଜିଲାନ୍ସ ତଦନ୍ତ କରୁଥିଲା। ତଦନ୍ତ ପରେ ବାଲେଶ୍ୱର ଭିଜିଲାନ୍ସ କେସ୍ ନମ୍ବର ୧୧/୨୦୨୬ ଅନୁସାରେ କେନ୍ଦୁଝର ଭିଜିଲାନ୍ସ ଦୀନବନ୍ଧୁ ଜେନାଙ୍କୁ ଗିରଫକରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛି।

## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

ତୁରୁମୁଙ୍ଗା, ୩୦।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଖୁଣ୍ଟାପଡା ନିକଟରେ ଏକ ବାଇକ୍ ରାସ୍ତା ପାର୍ଶ୍ୱ ସୁରକ୍ଷା ବାଡ଼ରେ ଧକ୍କା ଦେବା ଫଳରେ ବାଇକ୍‌ରେ ଥିବା ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଦ୍ୱୟ ହେଲେ ପାଟଣା ଥାନା ଗାଲଫୁଲା ଗ୍ରାମର କନ୍ଦର୍ପ ନାଏକ (୪୦) ଓ ଜଟିଆ ନାଏକ (୨୧)। କନ୍ଦର୍ପ ଓ ଜଟିଆ ଏକ ବାଇକ୍‌ରେ ଗାଲଫୁଲା ଆସୁଥିବା ବେଳେ କେନ୍ଦେଇପଶି ନିକଟସ୍ଥ ଖୁଣ୍ଟାପଡା ନିକଟରେ ଭାରସାମ୍ୟ ହରାଇଥିଲେ। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ୧୧୨ ସହାୟତାରେ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ବେଳେ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ତୁରୁମୁଙ୍ଗା ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

# ବର୍ଷା ସହ ହାତୀ ଦେଉଛନ୍ତି ଦୁଃଖ

### ୨୬ ଟିକିଆ ହାତୀପଲ ଉପଦ୍ରବ ଜାରି; ପୁଣି ଭାଙ୍ଗିଲେ ୯ ଘର

ତୁରୁମୁଙ୍ଗା, ୩୦।୭ (ସମିସ)






ଚମ୍ପୁଆ ଓ ପାଟଣା ରେଞ୍ଜରେ ୨୬ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ବିଳମ୍ବିତ ରାତିରେ ହାତୀପଲ ୯ ଘର ଭାଙ୍ଗିବା ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏକ ୬ ଟିକିଆ ହାତୀପଲ ଚମ୍ପୁଆ ରେଞ୍ଜ ପାହାଡ଼ପୁର ଗ୍ରାମରେ ୨ଟି ଘର ଭାଙ୍ଗିବା ସହ ଖିରେଇଟାଙ୍ଗିରୀ ସେକ୍ସନ କଣ୍ଟିଆପଡା ଗ୍ରାମରେ ୧୯ ଟିକିଆ ହାତୀପଲ ଭାଙ୍ଗିଲେ ୬ଟି ଘର। ଆଉ ଏକ ଗୋଟିକିଆ ଦନ୍ତା ପାଟଣା ସେକ୍ସନ ସଡ଼ଙ୍ଗବାହାଳି ଗ୍ରାମରେ ଗୋଟିଏ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। କଣ୍ଟିଆପଡ଼ା ଗାଁର କୃଷ୍ଣ ମୁଣ୍ଡା, ମୁରଲୀ ବେହେରା, କୁନା ମୁଣ୍ଡା ଓ କ୍ଷୀରମଣି ମୁଣ୍ଡାଙ୍କ ଘରକୁ ହାତୀପଲ ଭାଙ୍ଗି ଦେଇଥିବା ବେଳେ ହାତୀପଲ କଣ୍ଟିଆପଡ଼ା କାଜୁ ବଗିଚାରେ ଡେରା ପକାଇଛନ୍ତି। ସେହିଭଳି ଗୋଠ ଛଡ଼ା ଦନ୍ତା ବୁଧବାର ସଡଙ୍ଗବାହଳି ଗ୍ରାମରେ ବୁଧୁ ମୁଣ୍ଡାଙ୍କ ଘର ଭାଙ୍ଗି ଅଟେଇ ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଛି। ଅନ୍ୟ ଏକ ୬ ଟିକିଆ ହାତୀପଲ ଚମ୍ପୁଆ ରେଞ୍ଜ ପାହାଡ଼ପୁର ଗ୍ରାମର ୨ଟି ଘର ଭାଙ୍ଗି ଦେଇଛନ୍ତି। ହାତୀପଲ କୁସୁମନାଳୀ ଜଙ୍ଗଲରେ ଡେରା ପକାଇ ଛନ୍ତି। ବନ ବିଭାଗ ହାତୀପଲଙ୍କ ଉପରେ ନଜର ରଖିଛି।

## ଦନ୍ତାହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ଯୋଡ଼ା, ୩୦।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ଓ ଝାଡ଼ାଗାଁ ଅଞ୍ଚଳରେ ହାତୀ ଆତଙ୍କ ଥମିବାର ନାଁ ଧରୁନାହିଁ। ଗତ କିଛିଦିନ ଧରି ହାତୀପଲ ଗାଁମୁହାଁ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଚାଲିଛି। ବୁଧବାର ରାତି ୮ଟା ୩୦ମିନିଟ୍ ସମୟରେ ଏକ ଦନ୍ତାହାତୀ ଝାଡ଼ାଗାଁ ଗ୍ରାମ ଭିତରକୁ ପଶି ଏକ ପଣସ ଗଛ ନିକଟରେ ପଣସ ଖାଉଥିଲା। ହାତୀଟିକୁ ଦେଖିବା ପାଇଁ ଗ୍ରାମବାସୀଙ୍କ ଭିଡ଼ ଜମିଥିବା ବେଳେ ହଠାତ୍ ହାତୀଟି ଉତ୍ତେଜିତ ହୋଇ ଲୋକଙ୍କ ଆଡ଼କୁ ଗୋଡ଼ାଇଥିଲା। ଏହି ସମୟରେ ଗ୍ରାମର କାଳିଆ ପାତ୍ର (୬୨) ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିବାରୁ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ଗତ ୪-୫ ଦିନ ଧରି ଭଦ୍ରାସାହି ଓ ଆଖପାଖ ଅଞ୍ଚଳରେ ହାତୀଙ୍କ ଅବାଧ ଚଳପ୍ରଚଳ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଲାଗିରହିଛି।

# ବନ୍ୟା ବଢ଼ାଇଲା ଦୁର୍ଦ୍ଦଶା ଭାଙ୍ଗିଯାଇଛି ଘର, ଭୋକରେ ବିପନ୍ନ, ମିଳୁନି ପିଇବା ପାଣି

ବାଲେଶ୍ୱର, ୩୦।୭ (ସମିସ)



ବନ୍ୟାର ପାଣି ଏବେ ଧୀରେ ଧୀରେ ଛାଡ଼ି ଯାଇଛି, କିନ୍ତୁ ତା' ସହ ଛାଡ଼ି ଯାଇଛି ଅସହାୟତା, ଭୋକ, ଭଙ୍ଗା ଘର ଓ ନିରାଶାର ଲମ୍ବା କାହାଣୀ। ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ତାଳପଦା ପଞ୍ଚାୟତର ୧ ନମ୍ବର ୱାଡର୍ ଅନ୍ତର୍ଗତ କଳମଗଡ଼ିଆ ପାହି ଗାଁର ବର୍ତ୍ତମାନର ଚିତ୍ର ଯେକୌଣସି ଲୋକଙ୍କୁ ବିଚଳିତ କରିଦେବ। ସମୁଦ୍ର କୂଳବର୍ତ୍ତୀ ଏହି ଗାଁରେ ପ୍ରାୟ ୨୫୦ରୁ ଅଧିକ ଲୋକ ବସବାସ କରୁଥିବା ବେଳେ, ବନ୍ୟା ସମୟରେ ଲୋକ ଜଳବନ୍ଦୀ ହୋଇପଡ଼ିଥିଲେ। ପ୍ରଶାସନ ସେମାନଙ୍କୁ ଉଦ୍ଧାର କରି ଏକ ସ୍କୁଲ ଘରେ ଆଶ୍ରୟ ଦେଇଥିଲା ଏବଂ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲା। କିନ୍ତୁ ବନ୍ୟାର ପାଣି କମିବା ପରେ ଲୋକମାନେ ଯେତେବେଳେ ଆଜି ନିଜ ଘରକୁ ଫେରିଲେ ସେମାନଙ୍କ ସାମ୍ନାରେ ଥିଲା କେବଳ ଧ୍ୱଂସର ଚିତ୍ର। ଅନେକ ପରିବାରର ସ୍ୱପ୍ନର ଘର ମାଟିରେ ମିଶିଯାଇଛି। ୧୦ରୁ ଅଧିକ ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ, ଅନେକ ଘର ଅଧା ଭଙ୍ଗା ଅବସ୍ଥାରେ ରହିଛି। ଭଙ୍ଗା କାନ୍ଥ, ଭାସିଯାଇଥିବା ଘରୋଇ ସାମଗ୍ରୀ, କାଦୁଅରେ ପୋତି ହୋଇଥିବା ଜୀବନଏହା ହିଁ ଏବେ କଳମଗଡ଼ିଆ ପାହିର ବାସ୍ତବ ଚିତ୍ର। ଗ୍ରାମବାସୀଙ୍କ କହିବାନୁସାରେ, ବନ୍ୟା ସମୟରେ ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା ହୋଇଥିଲେ ମଧ୍ୟ, ଘରକୁ ଫେରିବା ପରେ ସେମାନଙ୍କ ଦୁର୍ଦ୍ଦଶା ଦେଖିବାକୁ କେହି ଆସିନାହାନ୍ତି। କ୍ଷୟକ୍ଷତିର ଆକଳନ, ଘରଭଙ୍ଗା ପରିବାରଙ୍କୁ ସହାୟତା, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା କିମ୍ବା ଜରୁରୀ ସହଯୋଗ ପାଇଁ ପ୍ରଶାସନର କୌଣସି ଅଧିକାରୀ ପହଞ୍ଚିନଥିବା ଅଭିଯୋଗ ହୋଇଛି। ଗାଁର ସବୁଠାରୁ ବଡ଼ ସମସ୍ୟା ହେଉଛି ପାନୀୟ ଜଳର ଅଭାବ। ବନ୍ୟା ପରେ ନଳକୂପ ଦୂଷିତ ହୋଇପଡ଼ିଥିବାରୁ ଶୁଦ୍ଧ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଶିଶୁ, ମହିଳା ଓ ବୃଦ୍ଧମାନଙ୍କ ପାଇଁ ପରିସ୍ଥିତି ଅତ୍ୟନ୍ତ ସଙ୍କଟଜନକ। ଯଦି ତୁରନ୍ତ ପାନୀୟ ଜଳ ଯୋଗାଣ ନ ହୁଏ, ତେବେ ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏହା ସହିତ ଗାଁକୁ ଯିବା ପାଇଁ ପକ୍କା ରାସ୍ତା ନଥିବାରୁ ବନ୍ୟା ପରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। କାଦୁଅ ଓ ଭାଙ୍ଗିଯାଇଥିବା ରାସ୍ତା ଯୋଗୁଁ ଜରୁରୀ ସେବା ମଧ୍ୟ ପହଞ୍ଚି ପାରୁନାହିଁ। ରୋଗୀଙ୍କୁ ହସ୍ପିଟାଲ ନେବା କିମ୍ବା ଦୈନନ୍ଦିନ ସାମଗ୍ରୀ ଆଣିବା ଏବେ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ବନ୍ୟା କେବଳ ଘର ଭାଙ୍ଗିନାହିଁ, ଅନେକ ଗୃହପାଳିତ ପଶୁଙ୍କ ଜୀବନ ମଧ୍ୟ ନେଇଯାଇଛି। ଗାଈ, ଛେଳି ଓ ଅନ୍ୟାନ୍ୟ ପଶୁର ମୃତ୍ୟୁ ଯୋଗୁଁ ଅନେକ ପରିବାରର ଜୀବିକା ଉପରେ ମଧ୍ୟ ଗଭୀର ପ୍ରଭାବ ପଡ଼ିଛି। ଚାଷଜମିରେ ବାଲି ଓ କାଦୁଅ ଜମିଥିବାରୁ କୃଷି କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ସବୁଠାରୁ ଗୁରୁତର ପ୍ରଶ୍ନ ହେଉଛିବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ପରେ ପୁନର୍ବାସ ଓ ପୁନଃସ୍ଥାପନ ଦାୟିତ୍ୱ କିଏ ନେବ ? ବିପଦ ସମୟରେ ଉଦ୍ଧାର ଯେତିକି ଜରୁରୀ, ବିପଦ ପରେ ପୀଡ଼ିତ ପରିବାରକୁ ପୁଣି ସାଧାରଣ ଜୀବନକୁ ଫେରାଇବା ମଧ୍ୟ ସେତିକି ଜରୁରୀ। କିନ୍ତୁ କଳମଗଡ଼ିଆ ପାହିରେ ସେହି ପୁନର୍ବାସ ବ୍ୟବସ୍ଥାର କୌଣସି ସ୍ପଷ୍ଟ ଚିହ୍ନ ଦେଖାଯାଉନାହିଁ ବୋଲି ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି। ତୁରନ୍ତ କ୍ଷୟକ୍ଷତିର ସର୍ଭେ କରାଯାଇ ଘରଭଙ୍ଗା ପରିବାରଙ୍କୁ ସରକାରୀ ସହାୟତା, ସୁରକ୍ଷିତ ପାନୀୟ ଜଳ, ମୃତ ପଶୁ ପାଇଁ କ୍ଷତିପୂରଣ, ଯାତାୟାତ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ ଆବଶ୍ୟକ ରିଲିଫ୍ ସାମଗ୍ରୀ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏ ନେଇ ରେମୁଣା ବ୍ଲକ ବିଡ଼ିଓ ସାର୍ଥକ ସୌରଭ ମହାପାତ୍ର ଙ୍କୁ ଯୋଗାଯୋଗ କରିବାରୁ ଏହାକୁ ଗୁରୁତର ଭାବେ ନେଇ ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ଲୋକଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି। ସେହିପରି ଉପ ଜିଲ୍ଲାପାଳ ଶିବ ମାଳବ୍ୟ କୁହନ୍ତି ବନ୍ୟା ପରେ ସେଠାରେ ପାନୀୟ ଜଳ ସଙ୍କଟ ସହ ଅନ୍ୟ ଯେଉଁ ଯେଉଁ ସମସ୍ୟା ଲୋକ ଭୋଗ କରୁଛନ୍ତି ସେଠାରେ ବିଡ଼ିଓଙ୍କୁ ତୁରନ୍ତ ସେବା ପ୍ରଦାନ ଦିଗରେ କାର୍ଯ୍ୟ କରିବାକୁ କହୁଛି। ସେପଟେ ବନ୍ୟାର ପାଣି ଛାଡ଼ିଯାଇଛି, କିନ୍ତୁ କଳମଗଡ଼ିଆ ପାହିରେ ଦୁର୍ଦ୍ଦଶାର ବନ୍ୟା ଏବେ ବି ଜାରି ରହିଛି। ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ନ ହେଲେ ଏହି ସମୁଦ୍ରକୂଳିଆ ଗାଁର ବିପର୍ଯ୍ୟୟ ଆହୁରି ଗଭୀର ହେବ ବୋଲି ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରିଛନ୍ତି।

# ଲଗାଣ ବର୍ଷାରେ ଓରିପ୍ଲାଷ୍ଟ କାରଖାନା ଜଳମଗ୍ନ

**ବାଲେଶ୍ୱର,୩୦।୭ (ସମିସ):** ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ସହର ଉପକଣ୍ଠରେ ଥିବା ଓରିପ୍ଲାଷ୍ଟ, ବାଲେଶ୍ୱର ଲିମିଟେଡ୍ କାରଖାନାରେ ବ୍ୟାପକ ପାଣି ପଶିଯାଇଛି। ଫଳରେ କାରଖାନାର ଉତ୍ପାଦନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପାଣି ମାଡ଼ ଯୋଗୁଁ ବହୁ ପରିମାଣର କଞ୍ଚାମାଲ, ମେସିନ୍, କେମିକାଲ, ଚୂନ, ରଙ୍ଗ ସହିତ ପ୍ୟାକିଙ୍ଗ ହୋଇଥିବା ପାଇପ୍ ଓ ଫିଟିଙ୍ଗ୍ ନଷ୍ଟ ହୋଇଯାଇଛି। ବହୁତ ମେସିନ୍ ଭିତରେ ପାଣି ପଶିଯାଇ ସେଗୁଡ଼ିକ ଖରାପ ହୋଇଯାଇଥିବା ଜଣାପଡିଛି। ଲଗାଣ ବର୍ଷା ଓ ଜଳବନ୍ଦି ଯୋଗୁଁ ଜିଲ୍ଲାର ଅନେକ ଶିଳ୍ପ ପ୍ରତିଷ୍ଠାନ ପ୍ରଭାବିତ ହୋଇଥିବାବେଳେ ଓରିପ୍ଲାଷ୍ଟ ଭଳି ବଡ଼ କାରଖାନା ଜଳମଗ୍ନ ହେବା ସ୍ଥାନୀୟ ଅର୍ଥନୀତି ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ଆଶଙ୍କା



# ବନ୍ୟାଜଳର ପ୍ରଖର ସ୍ରୋତରେ ଦବିଲା ପୋଲ, ଯାତାୟାତ ଠପ୍



**ନୀଳଗିରି, ୩୦।୭ (ସମିସ):** ନୀଳଗିରି ବ୍ଲକର ଧୋବଶିଳା ପଞ୍ଚାୟତର ଖଇରବଣି ଗ୍ରାମକୁ ସଂଯୋଗ କରୁଥିବା ଏକ ପୋଲ ଲଘୁଚାପ ବର୍ଷାରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଯାହା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଧୋବସିଲା ଛକରୁ ଖଇରବଣି ଗ୍ରାମକୁ ସଂଯୋଗ କରୁଥିବା ଏକ ପୋଲ ୧୦ବର୍ଷ ପୂର୍ବରୁ ନିଳଗିରି ଆଇ.ଟି.ଡି.ଏ ପକ୍ଷରୁ ନିର୍ମାଣ କରାଯାଇଥିଲା। ୧୦ବର୍ଷ ଭିତରେ କିପରି ପୋଲଟି ଭୁଶୁଡ଼ି ପଡ଼ିଲା, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଇରବଣି ବାସୀ ଏବେ ବହୁ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏହା ଜାଣିବା ପରେ ନୀଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପରେ ନୀଳଗିରି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ପହଞ୍ଚି ନୀଳଗିରି ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରି ତୁରନ୍ତ ଯାତାୟତ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ହୋମପାଇପ୍ ପକା ଯାଇ ଯାତାୟାତ ପାଇଁ ସୁବିଧା କରାଯାଇଛି। ଉକ୍ତ ରାସ୍ତାଟିକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଖୁବ ଶୀଘ୍ର ନୂତନ ପୋଲ ନିର୍ମାଣ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସ, ସହକାରୀ ଯନ୍ତ୍ରୀ ଦେବବ୍ରତ ଗାରୁ ସୂଚନା ଦେଇଥିଲେ।

# ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚିଲେ ବିଧାୟକ

**ସୋର, ୩୦।୭ (ସମିସ):** ଚଳିତ ଲଗାଣ ବର୍ଷାରେ କାଂଶବାଂଶ ନଦୀରେ ବନ୍ୟା ଆସିବା ଫଳରେ ତଳନଗର, ସବିରା କେଦାରପୁର, ପାଖର, ଅନନ୍ତପୁର, ଟେଣ୍ଟେଇ, ଗୁଡ଼ ଆଦି ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଲୋକଙ୍କ ଘରେ ପାଣି ପଶିବା ସହିତ ଲୋକେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଏହି ଖବର ପାଇ ବିଧାୟକ ମାଧବ ଧଡ଼ା ବିଭିନ୍ନ ପଞ୍ଚାୟତକୁ ଯାଇ ଲୋକଙ୍କୁ ସହାୟତା କରୁଥିବା ବେଳେ ଆଜି କେଦାରପୁର ପଞ୍ଚାୟତର କୁରୁମାବାଙ୍କ, ବାଣୀସିଆ, ଘାସୁଆ, ତଳନଗର ପଞ୍ଚାୟତର ସୁନାରୀ ମାଝିସାହି ପଦନପଡା ଆଦି ଗ୍ରାମକୁ ଟ୍ରାକ୍ଟର ମାଧ୍ୟମରେ ଯାଇ ଲୋକଙ୍କୁ ମଧ୍ୟାହ୍ନ ଭୋଜନ ସହ ଶୁଖିଲା ଖାଦ୍ୟ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି। ଏଥିରେ ତଳନଗର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ରାଜେନ୍ଦ୍ର ଦାଶ, ସୁଧାକର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟିଲେ ଓୟୁଜେ ସଦସ୍ୟ

**ବାଲେଶ୍ୱର,୩୦।୭ (ସମିସ):** ଜିଲ୍ଲାର ସମ୍ପ୍ରତି ଲଗାଣ ବର୍ଷା ଯୋଗୁଁ ସହର , ସହର ତଳି ଓ ନଦୀ କୂଳବର୍ତ୍ତି ଗ୍ରାମ ଗୁଡିକର ଜଳବନ୍ଦୀ ସମସ୍ୟା ଓ ତା'ର ପ୍ରତିକାର ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି। ଆଜି ବାଲେଶ୍ୱର ସର୍କିଟ ହାଉସ ଠାରେ ଓଡିଶା ସାମ୍ବାଦିକ ୟୁନିଅନର ପ୍ରତିନିଧି ମାନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଶ୍ରୀ ଚକ୍ରବର୍ତ୍ତୀ କହିଲେ ଯେ,ଜିଲ୍ଲାର ବନ୍ୟା ମୁକାବିଲା ପାଇଁ ଜିଲ୍ଲାପ୍ରଶାସନ ସମୟୋଚିତ ପଦକ୍ଷେପ ନେଇଛନ୍ତି। ଶୁଖିଲା ଓ ରନ୍ଧାଖାଦ୍ୟ,ଯୋଗାଇଦିଆ ଯିବା ସହିତ ପାଣି ଘେରରେ ଥିବା ଲୋକଙ୍କୁ ଉଦ୍ଧାର କରାଯାଇଛି। ଏବେ ବି ବହୁ ଅଞ୍ଚଳ ପାଣିଘେରରେ ରହିଛି ବୋଲି ଓୟୁଜେ ସଦସ୍ୟ ମାନେ ଶ୍ରୀ ଚକ୍ରବର୍ତ୍ତୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସୌଜନ୍ୟ ମୂଳକ ସାକ୍ଷାତ ବେଳେ ଉପ ଜିଲ୍ଲାପାଳ ଉପସ୍ଥିତ ଥିଲେ। ୟୁନିଅନର ସଭାପତି ଗଙ୍ଗାଧର ରାଉତ, ସଧାରଣ ସମ୍ପାଦକ ବିବେକାନନ୍ଦ ଦାସ ବରିଷ୍ଠ ସଦସ୍ୟ ମଧୁସୂଦନ ଦାସ, ଲୋକନାଥ ପୀରି, ଅଜିତ କୁମାର ମହାନ୍ତି ପ୍ରମୁଖ ସାକ୍ଷାତ କରିଥିଲେ।

## ଷ୍ଟାଇପେଣ୍ଡ ପ୍ରଦାନ ଓ କମିଟି ଗଠନକୁ ନେଇ ତେଜିଲା ବିବାଦ

# ନୂଆ ଉପ୍ରା ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତାଲା



**ଖଇରା,୩୦।୭ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ଗ୍ରାମ ପଞ୍ଚାୟତ ଅଧୀନ ନୁଆ ୟୁପି ଓ ହାଇସ୍କୁଲରେ ଅଭିଭାବକ ନରେନ୍ଦ୍ର ଜେନା, ପ୍ରଫୁଲ୍ଲ ଜେନା, ସୁରେନ୍ଦ୍ର ଦାସ, ଗୟାଧର ଜେନାଙ୍କ ସମେତ ଅନ୍ୟ କିଛି ଅଭିଭାବକ ୨୦୨୨-୨୩ ରୁ ଉପ୍ରା ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେ ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କର ଷ୍ଟାଇପେଣ୍ଡ ଅର୍ଥ ହେରଫେର କରିଥିବା ଅଭିଯୋଗ ଆଣି ବୁଧବାର ସକାଳେ ବିଦ୍ୟାଳୟ ଗେଟରେ ତାଲା ପକାଇଦେଇଥିଲେ। ତେବେ ସମିତି ସଭ୍ୟା ସବିତାରାଣୀ ପଣ୍ଡା ଆରତୀ ସାହୁ, ପୂର୍ଣ୍ଣଚନ୍ଦ୍ର ବାରିକ, କାଳିନ୍ଦୀ ଜେନା, ଲିଜା ଦାସଙ୍କ ନେତୃତ୍ୱରେ ଅଭିଭାବକମାନଙ୍କର ଅନ୍ୟ ଏକ ଗୋଷ୍ଠୀ ଏହା ପ୍ରତିବାଦରେ ଧାରଣାରେ ବସିଥିଲେ। ଏହି ଗୋଷ୍ଠୀର ଅଭିଯୋଗ ଅନୁଯାୟୀ ନୂଆ କମିଟି ଗଠନ ପାଇଁ ଗୁରୁବାର ଅଭିଭାବକ ମାନଙ୍କୁ ଚିଠି କରାଯାଇଥିଲା। ଏଥିରେ ପରାଜିତ ହେବା ଭୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ଏହି କମିଟି ଚୟନକୁ ସିଧାସଳଖ ବିରୋଧ କରିନପାରି ଷ୍ଟାଇପେଣ୍ଡ ଘଟଣାକୁ ଆଳ କରି ଗେଟାରେ ତାଲା ପକାଇଥିଲେ। ଏଥିରେ ପିଲାମାନଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହ ସେମାନଙ୍କ ଭବିଷ୍ୟତ ଅନ୍ଧାର ହେବା ଆଶଙ୍କାରେ ସେମାନେ ଧାରଣାରେ ବସିବାକୁ ବାଧ ହୋଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀକାରିଣୀ ସୂର୍ଯ୍ୟଶିଖା ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ଉଭୟ ଗୋଷ୍ଠୀ ସେମାନଙ୍କର ଦାବି ବିଷୟରେ ଅଫିସକୁ ଅବଗତ କରାଇ ନାହାଁନ୍ତି। ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ତହସିଲ ଅଫିସ ଆଗରେ ଧାରଣା

**ସିମୁଳିଆ, ୩୦।୭ (ସମିସ):** ଲଘୁଚାପ ବର୍ଷା ଯୋଗୁ ଚାଲୁଣିଗାଁ ପଞ୍ଚାୟତ ମହାପାତ୍ର ସାହି, ଦାସ ସାହି ଓ ପାଟଣା ସାହିରେ ଲଘୁଚାପ ଜନିତ ବନ୍ୟା ପାଣି ନିଷ୍କାସନ ନହେବାରୁ ୩ ରୁ ୪ ଗୋଟି ଗାଁର ଘର ବୁଡି ଗ୍ରାମ ଜଳମଗ୍ନ ହୋଇ ରହିଛି। ଆଗରୁ ବନ୍ୟପାଣି ଯେଉଁ ବାଟଦେଇ ନିଷ୍କାସନ ହେଉ ଥିଲା, ସେଇ ଜାଗାଟି ଜଣଙ୍କର ବ୍ୟକ୍ତି ଗତ ଜାଗା ହୋଇଥିବାରୁ ସେ ସେଇ ଜାଗାଟିକୁ ମାଟି ପକାଇ ପୋତି ଦେଇ ଅଛି। ଫଳରେ ବନ୍ୟା ପାଣି ଯାଇପାରୁନାହିଁ। ଏ ବିଷୟରେ ଗ୍ରାମବାସୀ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ। ଏଥିପ୍ରତି ପ୍ରଶାସନ ନଜର ନ ଦେବାରୁ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମବାସୀ ବିଜୟ କୁମାର ନାୟକ, ସୁରେନ୍ଦ୍ର ମହାପାତ୍ର, ତପନ ସାହୁ, ସୁମିତ୍ରା ସିଂ, କାମଲିନ ଦଳେଇ, ମିନତୀ ଦଳେଇ, ମାଥୁରୀ ଦଳେଇ, ଶାନ୍ତି ଲତା ଦଳେଇ, ମଞ୍ଜୁଲତା ମଲ୍ଲିକ ଧାରଣାରେ ବସିଥିଲେ। ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ବନ୍ୟା ଅଞ୍ଚଳ ବୁଲି ରିଲିଫ ଦେଇ ଆସିବା ପରେ ଧାରଣାରତ ବନ୍ୟା ପୀଡ଼ିତଙ୍କୁ ଆସନ୍ତା କାଲି ପୁଣି ବନ୍ୟାଞ୍ଚଳ ବୁଲି ଦେଖି ସମସ୍ୟାରେ ସମାଧାନ କରିବେ ବୋଲି ପ୍ରତିଶୃତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।



# ସୁବର୍ଣ୍ଣରେଖାରେ ବନ୍ୟା, ତଳିଆ ଅଞ୍ଚଳ ଜଳମଗ୍ନ



**ବାଲିଆପାଳ, ୩୦।୭ (ସମିସ):** ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ପ୍ରଥମ ବନ୍ୟା ଆସିଛି। ନଦୀରେ ଜଳପତ୍ତନ ବୃଦ୍ଧି ପାଇ କୂଳ ଲଂଘି ବାଲିଆପାଳ ବ୍ଲକର ଗାଁ ଗଣ୍ଡାରେ ପ୍ରବେଶ କରିବା ଆରମ୍ଭ କରିଛି। ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ଆସିଛି ପ୍ରଥମ ବନ୍ୟା।ସୁବର୍ଣ୍ଣରେଖା ନଦୀର ଜଳ ପତ୍ତନ ରାଜଘାଟ ଠାରେ ଏହାର ବିପଦ ସଂକେତ ୧୦.୩୬ ମିଟର ଥିବାବେଳେ ସତର୍କ ସଙ୍କେତ ୯.୪୫ ମିଟର ରହିଛି। ତେବେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୁବର୍ଣ୍ଣରେଖାର ଜଳସ୍ତର ୮.୫୨ ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ବିପଦ ସଂକେତର ଯଥେଷ୍ଟ ତଳେ ରହିଥିବା ଯୋଗୁଁ ଜନସାଧାରଣ ଭୟଭୀତ ନ ହେବା ପାଇଁ ପ୍ରସାଶନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଗାଲୁଡିହ ବ୍ୟାରେଜର ତିନୋଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହୋଇଥିବା ଜଣାପଡିଛି।ତେବେ ଆଜି ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା,ଘଣ୍ଟୁଆ,କୁମ୍ଭାରୀ ପ୍ରଭୃତି ପଂଚାୟତର ତଳିଆ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। ବନ୍ୟା ପାଇଁ ପ୍ରସାଶନ ସମସ୍ତ ପ୍ରକାର ପ୍ରସ୍ତୁତ ଥିବା ବିଡିଓ ରାଧା ରଞ୍ଜନ ଦାଶ କହିଛନ୍ତି।ଖରିଫ ଧାନ ଚାଷ ନଷ୍ଟ ହେବାର ସମ୍ଭାବନା ଥିବା ବେଳେ ଚାଷୀ ଚିନ୍ତାରେ ଅଛନ୍ତି।

# ଏବେବି ୧୬୬ ରିଲିଫ୍ କ୍ୟାମ୍ପ୍‌ରେ ୩୨ ହଜାର

**ବାଲେଶ୍ୱର, ୩୦।୭ (ସମିସ) :** ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା ଓ କାଂଶବାଂଶ ସମେତ ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ହଠାତ୍ ବୃଦ୍ଧି ପାଇବା ଫଳରେ ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ବାଲେଶ୍ୱର ଜିଲ୍ଲାରେ ପ୍ରଳୟଙ୍କରୀ ବନ୍ୟାରେ ଜିଲ୍ଲାର ମୋଟ ୧୨ଟି ବ୍ଲକର ୧୪୬ଟି ଗ୍ରାମ ପଞ୍ଚାୟତ, ୪୬୩ଟି ଗ୍ରାମ ଏବଂ ୭ଟି ସହରାଞ୍ଚଳର ୧୩୫ଟି ୱାର୍ଡ ଗୁରୁତର ଭାବେ ପ୍ରଭାବିତ ହୋଇଛି। ସରକାରୀ ତଥ୍ୟ ଅନୁସାରେ ପ୍ରାୟ ୧,୪୭,୦୬୫ ଜଣ ଲୋକ ବନ୍ୟା ଦ୍ୱାରା ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏପର୍ଯ୍ୟନ୍ତ ୧୭ଟି ଗ୍ରାମ ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ରହିଛି। ୯ଟି ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି। ସଙ୍ଗୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଚାଲୁ ରହିଛି। ସୁରକ୍ଷା ବାହିନୀ ଦ୍ୱାରା ବନ୍ୟାଘେରରୁ ବର୍ତ୍ତମାନ ସୁଦ୍ଧା ୩୩,୦୦୭ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପୀଡ଼ିତଙ୍କ ଆଶ୍ରୟ ଓ ସହାୟତା ପାଇଁ ୧୬୬ଟି ସ୍କୁଲ ରିଲିଫ କ୍ୟାମ୍ପ ଏବଂ ୪ଟି ସେଲ୍ଟର ଖୋଲାଯାଇ ସେଠାରେ ୩୨,୪୩୭ ଜଣଙ୍କୁ ରନ୍ଧା ଖାଦ୍ୟ ଓ ସୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଜରୁରୀକାଳୀନ ସହାୟତା ସ୍ୱରୂପ ପ୍ରଶାସନ ୩୫.୩ କ୍ୱିଣ୍ଟାଲ ଚାଉଳ, ୬୯.୮ କ୍ୱିଣ୍ଟାଲ ଚୁଡ଼ା, ୬.୯୭ କ୍ୱିଣ୍ଟାଲ ଗୁଡ଼, ୧୫୬ଟି ପଲିଥିନ୍ ସିଟ୍, ୦.୮ ମେଟ୍ରିକ ଟନ୍ ପଶୁଖାଦ୍ୟ ଏବଂ ୨୪ ମେଟ୍ରିକ ଟନ୍ ସବୁଜ ଚାରା ବଣ୍ଟନ କରିଛି। ଏହାସହ ଗୃହପାଳିତ ପଶୁଙ୍କ ପାଇଁ ୧୪ଟି ବିଶେଷ ପଶୁ ଶିବିର ଖୋଲାଯାଇଛି। ବନ୍ୟାର ପ୍ରକୋପରେ ଜିଲ୍ଲାରେ ବ୍ୟାପକ ସମ୍ପତ୍ତି କ୍ଷୟକ୍ଷତି ଘଟିଛି। ମୋଟ ୬୦୩ଟି ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିମଧ୍ୟରେ ୧୭ଟି ପକ୍କା ଘର (ଆଂଶିକ), ୮୪ଟି କଚ୍ଚା ଘର (ସମ୍ପୂର୍ଣ୍ଣ), ୧୧୦ଟି କଚ୍ଚା ଘର (ଗୁରୁତର), ୩୬୮ଟି କଚ୍ଚା ଘର (ଆଂଶିକ), ୧୪ଟି ଝାଟି ଘର ଏବଂ ୮୭ଟି ଗୁହାଳ ଘର ରହିଛି। ଅପରପକ୍ଷରେ ୨୩୮ ହେକ୍ଟର ଫସଲ ଜମି ଜଳମଗ୍ନ ହୋଇଥିବା ବେଳେ ୫୯ଟି ଗଛ ଉପୁଡ଼ି ପଡ଼ିଛି। ଉଦ୍ଧାର କାର୍ଯ୍ୟ ପାଇଁ ୨ଟି ଏନ୍‌ଡିଆର୍‌ଏଫ୍, ୯ଟି ଓଡ୍ରାଫ୍ ଓ ୮ଟି ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ ଅଛନ୍ତି। ସ୍ୱାସ୍ଥ୍ୟ ସେବା ପାଇଁ ସମସ୍ତ ବ୍ଲକରେ ପର୍ଯ୍ୟାପ୍ତ ମେଡିକାଲ ଟିମ୍ ସହ ୧୨ଟି ଭେଟରନାରୀ ଟିମ୍ ମୁତୟନ ହୋଇଛନ୍ତି। ଆରଡ଼ବ୍ଲୁଏସଏସ ଓ ପିଏଚ ବିଭାଗ ପକ୍ଷରୁ ନଳକୂପ ବିଶୋଧନ ଓ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଜାରି ରହିଛି। କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ ପରେ ପ୍ରଭାବିତଙ୍କୁ ସରକାରୀ ନିୟମାନୁସାରେ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

**ସୋର, ୩୦।୭ (ସମିସ):** ଅନନ୍ତପୁର ଥାନା ବାଲଙ୍ଗ ଛକ ନିକଟରୁ ଚଳନ୍ତା ଗାଡ଼ିରୁ ଜଣେ ମହିଳାଙ୍କ ବେକରୁ ଏକ ସୁନାଚେନ ଦୁର୍ବୃତ୍ତମାନେ ଲୁଟି ନେଇଥିବା ନେଇ ଅନନ୍ତପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖରାସାହାପୁର ଗ୍ରାମର ପ୍ରଶାନ୍ତ ନାୟକ ଏବଂ ତାଙ୍କ ସ୍ତ୍ରୀ ବିନି ନାୟକ ସ୍କୁଟି ଯୋଗେ ଆଜି ସନ୍ଧ୍ୟାରେ ସୋରରୁ କାମସାରି ଘରକୁ ଫେରୁଥିଲେ। ବାଲଙ୍ଗ ଛକ ନିକଟରେ ଏକ ନମ୍ବର ବିହୀନ କଳା ରଙ୍ଗର ପଲସର ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଦ୍ରୁତ ଗତିରେ ଆସି ବିନି ବେକରେ ପିନ୍ଧିଥିବା ୮ ଗ୍ରାମର ସୁନା ଚେନ ଟିକୁ ଝାମ୍ପି ନେଇ ଦ୍ରୁତ ଗତିରେ ପଳେଇ ଯାଇଥିଲେ। ବିନି ସନ୍ଧ୍ୟାରେ ଅନନ୍ତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୁନାଚେନ୍ ଲୁଟ୍‌ବେଳେ ବାଇକରୁ ପଡ଼ି ମହିଳା ଗୁରୁତର

**ସୋର, ୩୦।୭ (ସମିସ):** ସୋର ଥାନା କୁଆମରା ଛକ ନିକଟରେ ଜଣେ ମହିଳାଙ୍କ ବେକରୁ ଦୁଇ ଜଣ ଦୁର୍ବୃତ୍ତ ୩ ଭରି ଓଜନର ସୁନା ଚେନ ଛିନତାଇ କରିଥିବା ବେଳେ ବାଇକରୁ ପଡି ମହିଳା ଜଣଙ୍କ ଆହତ ହୋଇଛନ୍ତି। ଅଭିଯୋଗ ମୁତାବକ ପାଖର ପଞ୍ଚାୟତ ବିରିପଦା ଗ୍ରାମର ନାରାୟଣ କର ଓ ତାଙ୍କ ସ୍ତ୍ରୀ ସ୍ନେହଲତା କର ଆଜି ଅପରାହ୍ଣରେ ଡାକ୍ତର ଦେଖାଇବାକୁ ସୋର ଆସିଥିଲେ। ଫେରିବା ସମୟରେ ସୋର ଥାନା କୁଆମରା ଛକ ନିକଟରେ ଏକ ନମ୍ବର ବିହୀନ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ଚଳନ୍ତା ବାଇକରୁ ସ୍ନେହଲତା ବେକରେ ପିନ୍ଧିଥିବା ୩ ଭରି ଓଜନର ସୁନା ଚେନଟିକୁ ଝାମ୍ପନେଇ ସୋର ଅଭିମୁଖେ ଫେରାର ହୋଇ ଯାଇଥିଲେ।ଏହି ସମୟରେ ବାଇକରୁ ପଡି ସ୍ନେହଲତା ଓ ତାଙ୍କ ସ୍ୱାମୀ ନାରାୟଣ ଆହତ ହୋଇ ସୋର ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଏନେଇ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଗାଜିପୁର ୪ ନଂ ୱାର୍ଡରେ ଜଳ ନିଷ୍କାସନ ସମସ୍ୟା

# ପ୍ରଶାସନ ଶୁଣିଲାନି; ଶତାଧିକ ମହିଳା ଏକଜୁଟ ହୋଇ କଲେ ଜଳ ନିଷ୍କାସନ

ଚନ୍ଦନେଶ୍ୱର, ୩୦।୭ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ଗାଜିପୁର ୪ ନଂ ୱାର୍ଡରେ ଜଳ ନିଷ୍କାସନ ସମସ୍ୟାକୁ ନେଇ ପ୍ରଶାସନ ନିଦାବିଷ୍ଣୁ ସାଜିଛି। ବାରମ୍ବାର ନିରାଶ ହେବା ପରେ କୌଣସି ସହଯୋଗ ନ ମିଳିବାରୁ ଶେଷରେ ସମ୍ପୃକ୍ତ ୱାର୍ଡର ଶତାଧିକ ମହିଳା ହାତରେ କୋଦାଳ ଓ ଶାବଳ ଧରି ନିଜେ ଜଳ ନିଷ୍କାସନ କରିବାକୁ ବାଧ ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଓ ପ୍ରଶାସନିକ ଉଦାସୀନତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଗାଜିପୁର ୪ ନଂ ୱାର୍ଡର ପାରମ୍ପରିକ ଜଳ ନିଷ୍କାସନ ପଥକୁ ସ୍ଥାନୀୟ ଚଣ୍ଡୀପୁର ଗ୍ରାମର ଶ୍ରୀନିବାସ ପ୍ରଧାନ ନାମକ ଜଣେ ବ୍ୟକ୍ତି ଅବରୋଧ କରିଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ପ୍ରାୟ ୨୫ରୁ ଅଧିକ ପରିବାର ଦୀର୍ଘ ସମୟ ଧରି ପାଣି ଘେରରେ ରହିବାକୁ ବାଧ ହୋଇଥିଲେ। ଘର ଆଗଣାରୁ ଆରମ୍ଭ କରି ରୋଷେଇ ଘର ପର୍ଯ୍ୟନ୍ତ ସବୁଠି ପାଣି ଜମି ରହିଥିଲା। ଚୁଲିରେ ପାଣି ପଶିଯିବାରୁ ରୋଷେଇ କରିବା ଅସମ୍ଭବ ହୋଇପଡ଼ିଥିଲା। ସ୍କୁଲକୁ ଯାଉଥିବା ପିଲାମାନେ ଯାତାୟାତରେ ନାହିଁନଥିବା ଅସୁବିଧା ଭୋଗୁଥିବାବେଳେ ଘରୁ ବାହାରିବା ମଧ୍ୟ କଷ୍ଟସାଧ ହୋଇପଡ଼ିଥିଲା। ଦୀର୍ଘ ସମୟ ଧରି ପାଣି ଜମି ରହିବାରୁ ଦୁର୍ଗନ୍ଧ ସୃଷ୍ଟି ହେବା ସହ ମଶା ଓ ବିଭିନ୍ନ ଜୀବାଣୁ ବୃଦ୍ଧି ପାଇ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି। ଲୋକମାନେ ଭୟ ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଜୀବନ ବିତାଉଥିବା ଜଣାପଡ଼ିଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଏବଂ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ବହୁଦିନ ବିତିଯାଇଥିଲେ ମଧ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଶେଷରେ ନିରୁପାୟ ହୋଇ ଶଙ୍ଖାରି ସେବା ସମବାୟ ସମିତିର ସଭାପତି ତଥା ହୁଗୁଳି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ କୁମାର ପଣ୍ଡାଙ୍କ ନେତୃତ୍ୱରେ ୱାର୍ଡର ଶତାଧିକ ମହିଳା ଏକାଠି ହୋଇ ହାତରେ କୋଦାଳ ଓ ଶାବଳ ଧରିବ ଅବରୋଧ ହଟାଇ ଜଳ ନିଷ୍କାସନ କରିଥିଲେ। ମହିଳାମାନଙ୍କ ଏହି ଅଦମ୍ୟ ସାହସ ଓ ସଂଗଠିତ ପ୍ରୟାସ ସମଗ୍ର ଅଞ୍ଚଳରେ ପ୍ରଶଂସାର ବିଷୟ ପାଲଟିଥିବାବେଳେ ପ୍ରଶାସନିକ ବ୍ୟବସ୍ଥା ପ୍ରତି ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ସମିତି ସଭ୍ୟ ଗୋବିନ୍ଦ ଦାସ, ହୁଗୁଳି ଗ୍ରାମପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ବିଭୁତି ପ୍ରଧାନ, ୱାର୍ଡସଭ୍ୟଙ୍କ ପ୍ରତିନିଧି ଅଶ୍ୱିନୀ ପଣ୍ଡା, ଦିଲ୍ଲୀପ ପଣ୍ଡା, ବିମଳ ଦାସ, କୋମଳଲୋଚନ ପ୍ରଧାନ, ସୁଶାନ୍ତ ପ୍ରଧାନ, ତପନ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ବୈଜୟନ୍ତୀ ସାହୁ, ମାୟାରାଣୀ ସାହୁ, ଗୌରୀବାଳା ପ୍ରଧାନ, ଗୀତାରାଣୀ ପ୍ରଧାନ, କ୍ରିଷ୍ଣାରାଣୀ ପ୍ରଧାନ, ବାସନ୍ତୀ ପ୍ରଧାନ, ଲିଲି ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ଦାବି, ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପାରମ୍ପରିକ ଜଳ ନିଷ୍କାସନ ପଥକୁ ତୁରନ୍ତ ପୁନରୁଦ୍ଧାର କରାଯାଉ ଏବଂ ଭବିଷ୍ୟତରେ କେହି ବେଆଇନ ଭାବେ ଜଳପଥକୁ ଅବରୋଧ ନ କରିପାରନ୍ତି ସେଥିପାଇଁ ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରୁ। ନଚେତ୍ ବର୍ଷା ଦିନରେ ଏଭଳି ଜଳବନ୍ଦୀ ସ୍ଥିତି ପୁଣିଥରେ ଦେଖାଦେବା ସହ ସାଧାରଣ ଲୋକଙ୍କ ଜୀବନ ଆହୁରି ଦୁର୍ବିସହ ହୋଇପଡ଼ିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ସମ୍ପାଦକୀୟ



ବନବିଭାଗର ଦୃଷ୍ଟିରେ ଜଙ୍ଗଲ ହେଉଛି କାଠ, ଲାଖ ଓ ବୈଦେଶିକ ମୁଦ୍ରା; ଜଣେ ବନବାସୀର ଦୃଷ୍ଟିରେ ଜଙ୍ଗଲର ଅର୍ଥ - ମାଟି, ପାଣି ଓ ସ୍ୱଚ୍ଛ ବାୟୁ।

-ସୁନ୍ଦରଲାଲ ବହୁଗୁଣା

## ପ୍ରଶ୍ନପତ୍ର ପ୍ରଘଟ: ଉତ୍ତରଦାୟିତ୍ୱ କାହିଁ?

ଲୋକସଭାରେ ତୁମୁଳ ହଟ୍ଟଗୋଳ ମଧ୍ୟରେ ସରକାରୀ ପରୀକ୍ଷା(ଅନିୟମିତତା ନିବାରଣ) ସଂଶୋଧନ ବିଧେୟକ ୨୦୨୬ ବାଚନିକ ଭୋଟରେ ପାରିତ ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସଂସ୍ଥାରେ ନିଯୁକ୍ତି ପାଇଁ ଆୟୋଜିତ ଜାତୀୟସ୍ତରୀୟ ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘଟ ଆଦିକୁ ନିରୁତ୍ସାହିତ କରିବା ପାଇଁ ୨୦୨୪ରେ ସରକାର ଏହି ଆଇନ ପ୍ରଣୟନ କରିଥିବା ବେଳେ କେତେକ ସଂଶୋଧନ ସହିତ ପୁନଃ ପାରିତ ହୋଇଛି। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିବା ପରେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହାର ଆବଶ୍ୟକତା ଅନୁଭୂତ ହେଉଥିଲେ ହେଁ ଏଥିରେ କେତେକ ଦୁର୍ବଳ ଦିଗ ରହିଯାଇଛି, ଯାହାର ଫାଇଦା ଦୁର୍ନୀତିଖୋରମାନେ ଉଠାଇବା ଅସମ୍ଭବ ନୁହେଁ।

ସଂଶୋଧିତ ବିଧେୟକରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ, ଅନିୟମିତତା, ଦୁର୍ନୀତି ଆଦି ପାଇଁ ଦଣ୍ଡବିଧାନକୁ ଅଧିକ କଠୋର କରାଯାଇଛି। କୌଣସି ବ୍ୟକ୍ତିବିଶେଷ ଦୋଷୀ ସାବ୍ୟସ୍ତ ହେଲେ ୫ରୁ ୧୦ ବର୍ଷ ଜେଲ୍ ଦଣ୍ଡ ସହିତ ୧୦ ଲକ୍ଷରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯିବ। ସେହିପରି କୌଣସି ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ଜୋରିମାନା ରାଶି ୧ କୋଟିରୁ ୫ କୋଟି ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ଏବଂ ଉକ୍ତ ସଂସ୍ଥାକୁ ୪ ରୁ ୮ ବର୍ଷ ପର୍ଯ୍ୟନ୍ତ କଳା ତାଲିକାଭୁକ୍ତ କରାଯିବାର ପ୍ରାବଧାନ ରହିଛି। ଉକ୍ତ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ୧ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯିବ। ଦୁର୍ନୀତି ସଂଘବଦ୍ଧ କିମ୍ବା ଗୋଷ୍ଠୀଗତ ବୋଲି ପ୍ରମାଣିତ ହେଲେ ସମସ୍ତ ସଦସ୍ୟ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧ କୋଟିରୁ ୧୦ କୋଟି ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ଅଭିଯୋଗର ତଦନ୍ତ କରିବା ପାଇଁ ସ୍ପେଶାଲ୍ ଟାସ୍କ ଫୋର୍ସ ଗଠନ ହେବ ଏବଂ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର ହୋଇ ୫ ମାସ ମଧ୍ୟରେ ଫଏସଲା ହେବ ବୋଲି ସଂଶୋଧିତ ବିଧେୟକରେ ପ୍ରସ୍ତାବ ରହିଛି।

ସଂଶୋଧିତ ବିଧେୟକରେ କିନ୍ତୁ ଅତି ଚତୁରତାର ସହିତ 'ଉତ୍ତରଦାୟିତ୍ୱ' ପ୍ରସଙ୍ଗଟିକୁ ଏଡ଼ାଇ ଦିଆଯାଇଛି। ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ଉତ୍ତର ଖାତା ମୂଲ୍ୟାୟନ ପାଇଁ ଏବେ ଘରୋଇ ସଂସ୍ଥା ବା ଆଉଟସୋର୍ସିଂ ଉପରେ ନିର୍ଭର କରାଯାଉଥିବାରୁ ବିଭ୍ରାଟ ଅଧିକ ହେଉଛି। କିନ୍ତୁ ଆଉଟସୋର୍ସିଂ ଆପେ ଆପେ ହେଉନାହିଁ। ଏଥିରେ ସମ୍ପୃକ୍ତ ମନ୍ତ୍ରଣାଳୟ, ବିଭାଗ ଓ ନିର୍ଦ୍ଦେଶାଳୟର ପ୍ରଚ୍ଛନ୍ନ ଓ ପ୍ରତ୍ୟକ୍ଷ ଭୂମିକା ରହୁଛି। କେଉଁ ସଂସ୍ଥାଙ୍କୁ ଠିକା ଦିଆଯିବ ତାହା ବିଭାଗୀୟ ଅଧିକାରୀ କିମ୍ବା ମନ୍ତ୍ରୀମାନେ ନିଷ୍ପତ୍ତି ନେଉଛନ୍ତି। ତେଣୁ ଯଦି ଉକ୍ତ ସଂସ୍ଥା ଓ ତାହାର ଅଧିକାରୀମାନଙ୍କୁ ଦଣ୍ଡିତ କରାଯିବ ବିଭାଗ ଓ ମନ୍ତ୍ରଣାଳୟ ସେଥିରୁ ବାଦ୍ ପଡ଼ିବ କେମିତି ଓ କାହିଁକି? 'ଉତ୍ତରଦାୟିତ୍ୱ' ଭଳି ସର୍ତ୍ତଟିଏ ଆଇନରେ ରହିଥା'ନ୍ତା ତେବେ ତଳସ୍ତରରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ସମସ୍ତେ ସତର୍କ ଓ ଯତ୍ନଶୀଳ ହୋଇଥା'ନ୍ତେ। ଦଣ୍ଡବିଧାନରୁ ବର୍ତ୍ତିବା ପାଇଁ ଜଣେ ଆଉ ଜଣଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥା'ନ୍ତେ। ଯାହା ଫଳରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛ ହୋଇପାରିଥା'ନ୍ତା। ଏବେ 'ଉତ୍ତରଦାୟିତ୍ୱ' ନ୍ୟସ୍ତ ନ ଥିବା ହେତୁ ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ ଆସୀନ ବ୍ୟକ୍ତିବିଶେଷ ଖାମଖିଆଲି ଓ ଦାୟିତ୍ୱହୀନ ଅଥଚ ଆରାମଦାୟକ ଓ ସୁରକ୍ଷିତ ରହିପାରୁଛନ୍ତି। ସରକାରୀ ପରୀକ୍ଷାକୁ ସ୍ୱଚ୍ଛ ଓ ସୁପରିଚାଳିତ କରିବା ପାଇଁ ଅତୀତରେ ଓଡ଼ିଶା ସମେତ କେତେକ ରାଜ୍ୟରେ ଆଇନ ପ୍ରଣୟନ ହୋଇଛି। କିନ୍ତୁ 'ଉତ୍ତରଦାୟିତ୍ୱ'ର ଅଭାବ ଯୋଗୁଁ ଆଇନଗୁଡ଼ିକ ଦନ୍ତହୀନ ବାଘ ସଦୃଶ କେବଳ କାଗଜକଲମରେ ତିଷ୍ଠି ରହିଛନ୍ତି। ତେଣୁ ସଦ୍ୟ ପାରିତ ବିଧେୟକର ମଧ୍ୟ ଏଭଳି ଅବସ୍ଥା ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି।

ଏବେ ମାମଲାର ବିଚାର ଓ ଫଏସଲା ପ୍ରସଙ୍ଗରେ କିଞ୍ଚିତ ଆଲୋଚନା କରିବା। ଆମ ଦେଶରେ ବିଚାର ବ୍ୟବସ୍ଥାର ଗତି କେତେ ମନ୍ଥର ତାହା ଆମେ ପ୍ରାୟ ସମସ୍ତେ ଅଳ୍ପେବହୁତ ହୃଦୟଙ୍ଗମ କରୁଛୁ। କେବଳ ଯଦି ଆଇନ ପ୍ରଣୟନ କରିଦେଲେ କିମ୍ବା ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିଦେଲେ ଭୟରେ ସମସ୍ୟାର ସମାଧାନ ବା ଅପରାଧ ହ୍ରାସ ଘଟୁଥା'ନ୍ତା ତେବେ ସାମାଜିକ ଅପରାଧ କେବେଠାରୁ ହ୍ରାସ ପାଇସାରିଥା'ନ୍ତା। ଆମ ଦେଶର ବିଚାର ପ୍ରକ୍ରିୟାର ମନ୍ଥରତା ଯୋଗୁଁ ଆଉ କେହି ଆଇନ ଓ ଦଣ୍ଡାଦେଶକୁ ଭୟ କରୁନାହାନ୍ତି। ଆଇନ ତା' ବାଟରେ, ଅପରାଧୀ ସେମାନଙ୍କ ବାଟରେ। ସମୟ ଅନୁସାରେ ଅଧିକରୁ ଅଧିକ ଆଇନ ପ୍ରଣୟନ ହେଉଛି। ତା' ସହିତ ଅପରାଧର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ନ ରହିଲେ କେବଳ ଆଇନ ଓ କୋର୍ଟକଚେରି ଅପରାଧ ହ୍ରାସ କରିପାରିବ ନାହିଁ। ନିଷ୍ଠୁର ସତ୍ୟ ହେଉଛି 'ଉତ୍ତରଦାୟିତ୍ୱ' ନିର୍ଦ୍ଧାରଣ ବିନା ଜନସାଧାରଣଙ୍କ ଆସ୍ଥା ମଧ୍ୟ ଜିତା ଯାଇପାରିବ ନାହିଁ।

ଉଦାହରଣ ସ୍ୱରୂପ ଶିଶୁ ଯୌନ ଅପରାଧ ମାମଲାଗୁଡ଼ିକର ତୁରନ୍ତ ଶୁଣାଣି ଓ ତ୍ୱରିତ ଫଏସଲା ପାଇଁ ୨୦୧୨ରୁ ଆମ ଦେଶରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହୋଇଛି। ଗତ ୨୪ ତାରିଖରେ ଲୋକସଭାରେ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘୱାଲ୍ ଦେଇଥିବା ସୂଚନା ଅନୁଯାୟୀ ଗତ ଏପ୍ରିଲ୍ ୩୦ ତାରିଖ ସୁଦ୍ଧା ଭାରତରେ ୩୯୮ଟି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସମେତ ୭୭୫ଟି ଫାଷ୍ଟ ଟ୍ରାକ୍ କୋର୍ଟ ରହିଛି। ୨୦୨୫, ଡିସେମ୍ବର ୩୧ ତାରିଖ ସୁଦ୍ଧା ଉକ୍ତ କୋର୍ଟଗୁଡ଼ିକରେ ୨ ଲକ୍ଷ ୪୫ ହଜାର ମାମଲା ବିଚାରାଧୀନ ଅଛି। ୨୦୨୪ରେ ଫାଷ୍ଟଟ୍ରାକ୍ କୋର୍ଟରେ ପଞ୍ଜିକୃତ ମାମଲା ସଂଖ୍ୟା ୮୮, ୯୦୨ ଥିବା ବେଳେ ୨୦୨୫ରେ ତାହା ୧, ୪୩, ୯୩୬କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଫଏସଲା ହୋଇଥିବା ମାମଲା ସଂଖ୍ୟା ୨୦୨୪ରେ ୮୫, ୫୯୫ ରୁ ୨୦୨୫ରେ ମାତ୍ର ୬୬, ୫୦୦କୁ ବୃଦ୍ଧି ହୋଇପାରିଛି।

ଏହି ପୃଷ୍ଠଭୂମିରେ ଲୋକସଭା ପାରିତ କରିଥିବା ସଂଶୋଧିତ ପରୀକ୍ଷା ପରିଚାଳନା ଆଇନ ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ ମାମଲାର ଶୁଣାଣି ଓ ଫଏସଲା ଯେ ମାତ୍ର ୫ ମାସ ଭିତରେ ହୋଇପାରିବ ସେ ଆଶା ଦେଖାଯାଉନାହିଁ। କେବଳ ଜନଆକ୍ରୋଶକୁ ଶାନ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହା ଏକ ତାଳିପକା ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ସରକାରଙ୍କ ଆନ୍ତରିକତା ଥା'ନ୍ତା ତେବେ ଆଇନରେ 'ଉତ୍ତରଦାୟିତ୍ୱ' ଭଳି ସର୍ତ୍ତଟିଏ ଯୋଡ଼ି ପାରିଥା'ନ୍ତେ। 'ଉତ୍ତରଦାୟିତ୍ୱ' ନ୍ୟସ୍ତ ହୋଇଥିଲେ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲା ପଞ୍ଜିକରଣ ଓ ଶୁଣାଣିର ଆବଶ୍ୟକତା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥାନ୍ତା। କିନ୍ତୁ ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ? ●

## ବିକାଶ ନା ବିନାଶ ପଥରେ ଭାରତ

ଡ. ପଦ୍ମଲୋଚନ ରାଉତ

କୌଣସି ରାଷ୍ଟ୍ରର ବିକାଶ କେବଳ ଉଚ୍ଚ ଅଟ୍ଟାଳିକା, ବିଶାଳ ରାଜପଥ କିମ୍ବା ଆର୍ଥିକ ଅଭିବୃଦ୍ଧିର ସଂଖ୍ୟାରେ ମାପାଯାଇପାରିବ ନାହିଁ। ପ୍ରକୃତ ବିକାଶ ସେତେବେଳେ ସମ୍ଭବ, ଯେତେବେଳେ ଦେଶର ବୈଜ୍ଞାନିକ ଚିନ୍ତାଧାରା, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପରିବେଶ, ନ୍ୟାୟବ୍ୟବସ୍ଥା ଏବଂ ସାମାଜିକ ସଦ୍ଭାବ ସମାନ ଭାବେ ସୁଦୃଢ଼ ହୁଏ। ଆଜିର ଭାରତକୁ ଦେଖି ପ୍ରଶ୍ନ ଉଠେ - ଆମେ ସତରେ ବିକାଶ ପଥରେ ଅଛୁ, ନା ବିନାଶର ଦିଗକୁ ଅଗ୍ରସର ହେଉଛୁ?

ନିକଟ ଅତୀତରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଉଠିଥିବା ବିବାଦ ଦେଶବାସୀଙ୍କୁ ଚିନ୍ତିତ କରିଛି। ନିଟ୍ ପରୀକ୍ଷାରେ ବାରମ୍ବାର ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ବିଶିଷ୍ଟ ବୈଜ୍ଞାନିକ ସୋନମ ୱାଙ୍ଗଚୁକ୍‌ଙ୍କ ଆମରଣ ଅନଶନ ଏବଂ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତାର ଦାବି କେବଳ ଜଣେ ବ୍ୟକ୍ତିର ପ୍ରତିବାଦ ନୁହେଁ; ଲକ୍ଷ ଲକ୍ଷ ମେଧାବୀ ଯୁବକ-ଯୁବତୀଙ୍କ ଆଶଙ୍କାର ପ୍ରତିଧ୍ୱନି। ଯେତେବେଳେ ପରିଶ୍ରମଠାରୁ ଦୁର୍ନୀତି ଶକ୍ତିଶାଳୀ ହୋଇଯାଏ ଏବଂ ନ୍ୟାୟ ଓ ସତ୍ୟଠାରୁ କ୍ଷମତାର ଅପବ୍ୟବହାର ଅଧିକ ହୁଏ, ଶାସକର ଅହଙ୍କାର ପ୍ରବଳ ହୁଏ, ସେତେବେଳେ ରାଷ୍ଟ୍ରର ଭବିଷ୍ୟତ ଦୁର୍ବଳ ହୋଇପଡ଼େ, ରାଷ୍ଟ୍ର ବିନାଶାଭିମୁଖୀ ହୁଏ।

ପରିବେଶ କ୍ଷେତ୍ରରେ ମଧ୍ୟ ଅନେକ ପ୍ରଶ୍ନ ଉଠିଛି। ଗଙ୍ଗା ନଦୀର ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦୀର୍ଘ ଅନଶନ କରିଥିବା ଆଇଆଇଟି ପ୍ରଫେସର ଜି. ଡି. ଅଗ୍ରୱାଲଙ୍କ ମୃତ୍ୟୁ ଦେଶକୁ ଗଭୀର ବାର୍ତ୍ତା ଦେଇଥିଲା। ନଦୀ, ଜଙ୍ଗଲ, ପାହାଡ଼ ଓ ପ୍ରାକୃତିକ ସମ୍ପଦ କେବଳ ଆର୍ଥିକ ଲାଭର ଉତ୍ସ ନୁହେଁ; ଏଗୁଡ଼ିକ ଆଗାମୀ ପିଢ଼ିର ଜୀବନର ଆଧାର। ଉନ୍ନୟନ ନାମରେ ଯଦି ପରିବେଶର ଅପୂରଣୀୟ କ୍ଷତି ହୁଏ, ତେବେ ତାହାକୁ ପ୍ରକୃତ ବିକାଶ କୁହାଯାଇପାରେ ନାହିଁ। ଏହି ପ୍ରଫେସରଙ୍କ ଦୁଃଖଦ ମୃତ୍ୟୁ ମଧ୍ୟ ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଯାହା ଜଣାପଡୁଛି ବର୍ତ୍ତମାନ ସରକାରଙ୍କ ପାଖରେ ଆମ ଦେଶର ବୈଜ୍ଞାନିକ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ତୁଚ୍ଛ ଅଟେ। କେବଳ କ୍ଷମତାର ରାଜଗାଦି ସେମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ।

ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା ଏବଂ ବିଭିନ୍ନ ଜନସୁରକ୍ଷା ସମ୍ବନ୍ଧୀୟ ଘଟଣା ପୁନଃ ପୁନଃ ଏହି ପ୍ରଶ୍ନ ଉଠାଇଛି ଯେ, ଆଧାରଭୂତ ସଂରଚନାର ବିସ୍ତାର ସହ ସୁରକ୍ଷା ମାନଦଣ୍ଡ କେତେ ସୁଦୃଢ଼ ହେଉଛି? କେବଳ ପ୍ରକଳ୍ପର ଉଦ୍‌ଘାଟନ ନୁହେଁ, ତାହାର ଗୁଣବତ୍ତା, ଉତ୍ତରଦାୟିତ୍ୱ ଓ ନିରନ୍ତର ନିରୀକ୍ଷଣ ହିଁ ପ୍ରକୃତ ସଫଳତାର ପରିମାପ। ରେଳ ଦୁର୍ଘଟଣାରେ ଶହଶହ ଯାତ୍ରୀଙ୍କର ପ୍ରାଣହାନି ଘଟୁଛି। ଅଥଚ ମାନବିକତା ଓ ନୈତିକତା ଦୃଷ୍ଟିରୁ ରେଳ ମନ୍ତ୍ରୀ ନିଜ କାର୍ଯ୍ୟରୁ ଓହରି ଯିବାର ଦେଖାଯାଉ ନାହିଁ କିମ୍ବା ସେମାନଙ୍କୁ ପଦବୀରୁ ଅନ୍ତର କରାଇବା ଦେଖାଯାଉ ନାହିଁ। ସିଜେପିର ଦୃଢ଼ ମନୋବଳ, ଅଟଳ ନିଷ୍ପତ୍ତି ଓ ନିର୍ଣ୍ଣାୟକ ଆନ୍ଦୋଳନ ପ୍ରଭାବ ପଡ଼ି ନ ଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇ ନ ଥା'ନ୍ତେ। ସରକାର ସାଧାରଣ ଜନତାର ମୌଳିକ ଦାବିଗୁଡ଼ିକ ପ୍ରତି ଆଦୌ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ବଢ଼ିବାରେ ଲାଗିଛି।

ଗଣତନ୍ତ୍ରରେ ନାଗରିକଙ୍କ ସ୍ୱର ହିଁ ସର୍ବୋଚ୍ଚ। ସରକାର ଯେକୌଣସି ଦଳର ହେଉ ଲୋକଙ୍କ ପ୍ରଶ୍ନ, ଆନ୍ଦୋଳନ ଓ ସମାଲୋଚନାକୁ ଶୁଣିବା ତାହାର କର୍ତ୍ତବ୍ୟ। ସେହିପରି ବିରୋଧୀ ମତ ମଧ୍ୟ ତଥ୍ୟ, ସଂଯମ ଓ ରଚନାତ୍ମକ ପ୍ରସ୍ତାବ ସହ ଉପସ୍ଥାପିତ ହେବା ଆବଶ୍ୟକ। ଗଣତନ୍ତ୍ରର ଶକ୍ତି ସଂଳାପରେ, ନିରବତାରେ ନୁହେଁ। ଯେଉଁଠି ସାଧାରଣ ଜନତାର ସ୍ୱରକୁ ବଳପୂର୍ବକ ଚପାଇ ଦିଆଯାଏ, ସେଠାରେ ଅରାଜକତା ସୃଷ୍ଟି ହୁଏ ଏବଂ ଏକଛତ୍ରବାଦୀ ଶାସନ ଦେଖାଯାଏ। ଗଣତନ୍ତ୍ରରେ ସାଧାରଣ ଜନତାର ସ୍ୱରକୁ ବଳପୂର୍ବକ ଦମନ କରିବା ବିନାଶ ଓ ଅହଙ୍କାରର ପ୍ରତୀକ ଏବଂ ସମ୍ବିଧାନ ବିରୋଧୀ। କିନ୍ତୁ ଆମ ଦେଶରେ ଏସବୁ ବାସ୍ତବତାରୁ ଊର୍ଦ୍ଧ୍ୱରେ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଏହି ବିନାଶ ପଥକୁ ଆବୋରି ନେଉଥିବା ଦେଖାଯାଉଛି।

ଭାରତ ପରି ବହୁଧର୍ମୀ, ବହୁଭାଷୀ ଓ ବହୁସଂସ୍କୃତିଭିତ୍ତିକ ଦେଶରେ ସାମ୍ପ୍ରଦାୟିକ ସଦ୍ଭାବନା ହିଁ ସବୁଠାରୁ ବଡ଼ ସମ୍ପଦ। ମନ୍ଦିର, ମସଜିଦ, ଗୁରୁଦ୍ୱାର କିମ୍ବା ଚର୍ଚ୍ଚ ସବୁ ଆସ୍ଥାର କେନ୍ଦ୍ର; କିନ୍ତୁ ଯଦି ଧର୍ମ ରାଜନୈତିକ ବିଭାଜନର ମାଧ୍ୟମ ହୋଇଯାଏ, ତେବେ ସମାଜର ଏକତା ଦୁର୍ବଳ ହୁଏ। ଭାରତର ଶକ୍ତି ତାହାର ବିବିଧତାରେ, ବିଭାଜନରେ ନୁହେଁ। ବର୍ତ୍ତମାନ ମନ୍ଦିର, ମସଜିଦ, ଚର୍ଚ୍ଚ, ଧର୍ମଗ୍ରନ୍ଥକୁ ନେଇ ଯେଭଳି ହୀନ ରାଜନୀତି କରାଯାଉଛି, ଏଥିରୁ ସ୍ପଷ୍ଟ ଜଣାପଡୁଛି ବର୍ତ୍ତମାନ ଆମ ଦେଶ ବିନାଶ ପଥରେ ଅଗ୍ରସର ହେଉଛି। ରାଷ୍ଟ୍ରର ସାମଗ୍ରିକ ବିକାଶ ଓ ଉନ୍ନତି ଧର୍ମାନୁଷ୍ଠାନ ନିର୍ମାଣ କିମ୍ବା ଧର୍ମପୁସ୍ତକ ବଣ୍ଟନରେ ହୁଏ ନାହିଁ। 'ବିକଶିତ ଭାରତ'ର ସ୍ୱପ୍ନ ବୈଜ୍ଞାନିକ ଚିନ୍ତାଧାରା, ଗବେଷଣା ଓ ବୈଷୟିକ ଜ୍ଞାନର ଦ୍ରୁତ ପ୍ରସାର ଉପରେ ନିର୍ଭର କରେ। ଧର୍ମାନୁଷ୍ଠାନ ଆମକୁ ଦାସତ୍ୱ ବନ୍ଧନରେ ବାନ୍ଧି ରଖେ। କିନ୍ତୁ ଶିକ୍ଷାନୁଷ୍ଠାନ ଓ ବୈଜ୍ଞାନିକ ଚିନ୍ତାଧାରା ଆମକୁ ଦାସତ୍ୱ ବନ୍ଧନରୁ ମୁକ୍ତ କରେ, ପ୍ରଗତିର ମାର୍ଗ ପ୍ରଶସ୍ତ କରାଏ। ଏକଥା ଆମ ଦେଶର ବୁଦ୍ଧିଜୀବୀ, ଶିକ୍ଷାବିତ୍, ବୈଜ୍ଞାନିକ, ବରିଷ୍ଠ ନାଗରିକ, ସାଧାରଣ ଜନତା, ଛାତ୍ରଛାତ୍ରୀ ସମସ୍ତେ ହୃଦୟଙ୍ଗମ କରିବା ଉଚିତ।

ଦେଶର ପ୍ରକୃତ ସମ୍ପଦ ସୁନା, କୋଇଲା କିମ୍ବା ଖଣିଜ ନୁହେଁ; ତାହାର ମାନବ ସମ୍ପଦ। ବୈଜ୍ଞାନିକ ନୂତନ ଆବିଷ୍କାର କରନ୍ତି, ଯନ୍ତ୍ରୀ ଦେଶ ଗଢ଼ନ୍ତି, ଡାକ୍ତର ଜୀବନରକ୍ଷା କରନ୍ତି, ଶିକ୍ଷକ ଆଗାମୀ ପିଢ଼ିକୁ ଗଢ଼ନ୍ତି। ଏହି ବର୍ଗକୁ ସମ୍ମାନ, ସ୍ୱାଧୀନତା ଓ ଉପଯୁକ୍ତ ପରିବେଶ ପ୍ରଦାନ କରା ନ ଗଲେ ବିକାଶ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ଦେଶର ବୈଜ୍ଞାନିକ ଅନୁଷ୍ଠାନଗୁଡ଼ିକ କେବଳ ପ୍ରଯୁକ୍ତିର କେନ୍ଦ୍ର ନୁହେଁ, ସେମାନେ ଜାତୀୟ ପ୍ରଗତିର ମେରୁଦଣ୍ଡ। ଯଦି କେବେ ବୈଜ୍ଞାନିକମାନେ ନୀତିଗତ ସମସ୍ୟା, ଗବେଷଣା ପାଇଁ ଅନୁକୂଳ ପରିବେଶର ଅଭାବ କିମ୍ବା ପ୍ରଶାସନିକ ଅସନ୍ତୋଷ ନେଇ ସାମୂହିକ ପ୍ରତିବାଦ କରନ୍ତି, ତେବେ ତାହାକୁ କେବଳ କର୍ମଚାରୀଙ୍କ ଅସନ୍ତୋଷ ଭାବରେ ନୁହେଁ, ବରଂ ଜାତୀୟ ଚିନ୍ତାର ବିଷୟ ଭାବେ ଦେଖିବା ଦରକାର। ବିଜ୍ଞାନ ଓ ଗବେଷଣା ରାଜନୈତିକ ବିଭାଜନରୁ ଊର୍ଦ୍ଧ୍ୱରେ ରହିବା ଉଚିତ୍। ଏକ ରାଷ୍ଟ୍ରର ଭବିଷ୍ୟତ ତାହାର ବୈଜ୍ଞାନିକ, ଇଞ୍ଜିନିୟର ଓ ଗବେଷକମାନଙ୍କ ସ୍ୱାଧୀନ ଚିନ୍ତା, ନବସୃଷ୍ଟି ଓ ସୃଜନଶୀଳତା ଉପରେ ନିର୍ଭର କରେ। ସେମାନଙ୍କ ମତାମତକୁ ସମ୍ମାନ ଦେବା ଓ ସମସ୍ୟାର ସଂଳାପ ମାଧ୍ୟମରେ ସମାଧାନ କରିବା ହିଁ ପ୍ରକୃତ ବିକାଶର ପରିଚୟ। ସମ୍ପ୍ରତି ଗଣମାଧ୍ୟମରେ ଇସ୍ରୋର ବୈଜ୍ଞାନିକମାନଙ୍କ ଅସନ୍ତୋଷ ଏବଂ ସାମୂହିକ ଇସ୍ତଫା ସମ୍ପର୍କିତ ବିଭିନ୍ନ ଦାବି ଚର୍ଚ୍ଚାର ବିଷୟ ହୋଇଛି। ଏହି ଚର୍ଚ୍ଚା ଏକ ବଡ଼ ପ୍ରଶ୍ନ ଉଠାଏ ଯେ ଆମେ ଦେଶର ବୈଜ୍ଞାନିକ ଓ ଗବେଷଣା ଅନୁଷ୍ଠାନଗୁଡ଼ିକୁ ପର୍ଯ୍ୟାପ୍ତ ଗୁରୁତ୍ୱ ଦେଉଛୁ କି? ବିଜ୍ଞାନକୁ ଦୁର୍ବଳ କରି କୌଣସି ରାଷ୍ଟ୍ର ଦୀର୍ଘସ୍ଥାୟୀ ବିକାଶର ଶିଖରରେ ପହଞ୍ଚିପାରିବ ନାହିଁ।

ଭାରତକୁ ବିଶ୍ୱଗୁରୁ କରିବାର ପଥ ଅନ୍ଧବିଶ୍ୱାସ, ଘୃଣା, ଅହଙ୍କାର କିମ୍ବା ବିଭାଜନ ମଧ୍ୟରେ ନୁହେଁ; ବରଂ ବିଜ୍ଞାନ, ଶିକ୍ଷା, ସମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଓ ପରିବେଶ ସୁରକ୍ଷା ମାଧ୍ୟମରେ। ଆଜି ଦେଶ ସମ୍ମୁଖରେ ପ୍ରଶ୍ନ କେବଳ ଏତିକି - ଆମେ ଭାବନାର ରାଜନୀତିକୁ ବାଛିବୁ ନା ଜ୍ଞାନ, ବିବେକ ଓ ମାନବିକତାକୁ? ଏହି ପ୍ରଶ୍ନର ଉତ୍ତର ହିଁ ନିର୍ଦ୍ଧାରଣ କରିବ ଯେ ଭାରତ ବିକାଶର ପଥରେ ଆଗେଇବ ନା ବିନାଶର ଦିଗରେ। ●

(ଆସୋସିଏଟ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୬୮୦୯୧୩୦୦

## ସୂର୍ଯ୍ୟାସ୍ତର ସୌନ୍ଦର୍ଯ୍ୟ, ସୂର୍ଯ୍ୟୋଦୟର ସମ୍ଭାବନା

ରଞ୍ଜନ କୁମାର ରାୟ

ସବୁ ସୂର୍ଯ୍ୟାସ୍ତ ଅନ୍ଧକାରର ଘୋଷଣା କରେ ନାହିଁ। କେତେକ ସୂର୍ଯ୍ୟାସ୍ତ ନୂଆ ପ୍ରଭାତର ଆଗମନୀ ସଙ୍ଗୀତ ଗାଏ। ପ୍ରକୃତିର ନିୟମ ଯେପରି ଅପରିବର୍ତ୍ତନୀୟ, ଇତିହାସର ଗତି ମଧ୍ୟ ସେହିପରି ନିର୍ଦ୍ଦୟ। ସେଠାରେ କୌଣସି ସାମ୍ରାଜ୍ୟ ଚିରସ୍ଥାୟୀ ନୁହେଁ, କୌଣସି ମୁକୁଟ ସଦାକାଳ ପାଇଁ ଗୋଟିଏ ମସ୍ତକରେ ଶୋଭା ପାଏ ନାହିଁ। ଫୁଟବଲ୍‌ର ମହାଗାଥା ମଧ୍ୟ ଏହି ଅନନ୍ତ ସତ୍ୟର ପୁନରାବୃତ୍ତି। ୨୦୨୬ ବିଶ୍ୱକପ୍‌ର ଫାଇନାଲ୍‌ର ରୋମାଞ୍ଚକୁ ଫୁଟବଲ ପ୍ରଶଂସକ ଏବେ ବି ମନେ ରଖିଛନ୍ତି। ଏହି ଫାଇନାଲ କେବଳ ଏକ ମ୍ୟାଚ୍ ନୁହେଁ, ତାହା ଥିଲା ଦୁଇଟି ଦର୍ଶନର ସଂଘର୍ଷ, ଦୁଇଟି ଯୁଗର ସୀମାରେଖା, ଦୁଇଟି ସ୍ୱପ୍ନର ସାକ୍ଷାତକାର। ରେଫରିଙ୍କ ଅନ୍ତିମ ହ୍ୱିସିଲ ବାଜିବା ପରେ ଷ୍ଟାଡିୟମ ଆକାଶରେ ଉତ୍ସବର ଆଲୋକ ଜଳିଉଠିଲା। କିନ୍ତୁ ଆର୍ଜେଣ୍ଟିନାର ଆଉ ଏକ ଟାଇଟଲ ଜିତିବାର ସ୍ୱପ୍ନ ଅଧୁରା ରହିଯାଇଥିଲା। ଭାରତ ଭଳି ସାରା ବିଶ୍ୱରେ ରହିଥିବା ଆର୍ଜେଣ୍ଟିନା ସମର୍ଥକମାନେ ନିରାଶ ହୋଇଥିଲେ ମଧ୍ୟ ବାସ୍ତବତାକୁ ସହଜରେ ଗ୍ରହଣ କରି ନେଇଥିଲେ।




ଫୁଟବଲ୍‌ରେ ସ୍କୋରବୋର୍ଡ ସତ୍ୟ କହିଥାଏ। କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ କହେ ନାହିଁ। ଗୋଟିଏ ଗୋଲ୍‌ର ବ୍ୟବଧାନ କେବଳ ବିଜୟ-ପରାଜୟର ହିସାବ ରଖେ। ସେ ମଣିଷର ହୃଦୟରେ ଜନ୍ମ ନେଇଥିବା କବିତା, ଅଶ୍ରୁ, ଗର୍ବ, ଯନ୍ତ୍ରଣା ଓ ଆଶାର ହିସାବ ରଖିପାରେ ନାହିଁ। ସେହି ଅଦୃଶ୍ୟ ଇତିହାସ ଲେଖାଯାଏ ଷ୍ଟାଡିୟମ୍‌ର ଗର୍ଜନରେ, ଖେଳାଳିଙ୍କ ନିଃଶ୍ୱାସରେ ଓ କୋଟି କୋଟି ସମର୍ଥକଙ୍କ ପ୍ରାର୍ଥନାରେ।

ଆର୍ଜେଣ୍ଟିନା ମଇଦାନକୁ ଓହ୍ଲାଇଥିଲା ଗୋଟିଏ ସ୍ୱପ୍ନକୁ ବଞ୍ଚାଇ ରଖିବାକୁ। ସେମାନଙ୍କ ପଛରେ ଥିଲା ଡିଏଗୋ ମାରାଡୋନାଙ୍କ ଅତୃପ୍ତ ଆତ୍ମା, ଲିଓନେଲ୍ ମେସିଙ୍କ ଲିଗାସି, ଲାଟିନ୍ ଆମେରିକାର ଫୁଟବଲ୍ ସଂସ୍କୃତିର ଅଦମ୍ୟ ସ୍ପନ୍ଦନ। ସେମାନେ ଜାଣିଥିଲେ- ବିଶ୍ୱକପ୍ କେବଳ ଟ୍ରଫି ନୁହେଁ, ଏହା ଜାତିର ସ୍ୱାଭିମାନ। କିନ୍ତୁ ସମୟ କାହାକୁ ଅପେକ୍ଷା କରେନାହିଁ। ସମୟ ନଦୀ ପରି - ଯେ ଆଗକୁ ବହିବାକୁ ଜାଣେ, ସେ ହିଁ ସମୁଦ୍ରକୁ ଛୁଇଁଥାଏ ଓ ମିଶିଥାଏ। ଯେ ଅତୀତର ଗୌରବକୁ ଧରି ରହେ, ସେ କେବଳ ସ୍ମୃତିର ତଟରେ ଅଟକିଯାଏ। ଆର୍ଜେଣ୍ଟିନା ହାରିଲା କାରଣ ସେମାନେ ଖରାପ ଖେଳିଲେ ବୋଲି ନୁହେଁ, ସେମାନେ ହାରିଲେ କାରଣ ସ୍ପେନର ଫୁଟବଲ୍ ଟିମ୍ ସେହିଦିନ ଅଧିକ ପରିପକ୍ୱ, ଅଧିକ ସଂଗଠିତ ଓ ଅଧିକ ଧୈର୍ଯ୍ୟଶୀଳ ଥିଲା।

ସ୍ପେନର ଏହି ବିଜୟ କୌଣସି ଆକସ୍ମିକ ଚମତ୍କାର ନୁହେଁ। ଏହା ଦୀର୍ଘବର୍ଷର ନିରବ ସାଧନାର ଫଳ। ବୀଜ ବପନ କରିବା ପରେ ଯେପରି ଗଛ ରାତାରାତି ବିଶାଳ ହୁଏନାହିଁ, ସେହିପରି ବିଶ୍ୱଚାମ୍ପିଅନ୍ ଦଳ ମଧ୍ୟ ଗୋଟିଏ ଋତୁରେ ସୃଷ୍ଟି ହୁଏନାହିଁ। ବର୍ଷ ବର୍ଷର ଯୋଜନା, ଯୁବ ପ୍ରତିଭାର ଯତ୍ନ, ବୈଜ୍ଞାନିକ ପ୍ରଶିକ୍ଷଣ ଓ ଦଳଗତ ଚେତନାର ନିରନ୍ତର ସାଧନା ସ୍ପେନକୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି। ଫୁଟବଲ୍‌ରେ ଜଣେ ମହାନ ତାରକା ମ୍ୟାଚ୍ ଜିତାଇପାରନ୍ତି, କିନ୍ତୁ ମହାନ ଦଳକୁ ଯୁଗ ଗଢ଼େ। ସ୍ପେନ୍ ପ୍ରମାଣ କରିଦେଲା ଯେ ଆଧୁନିକ ଫୁଟବଲ୍‌ର ମୂଳମନ୍ତ୍ର ହେଉଛି ସମନ୍ୱୟ। ସେମାନଙ୍କ ପାଦରେ ବଲ୍ ଥିଲା, କିନ୍ତୁ ତା'ଠାରୁ ବଡ଼ କଥା ଥିଲା - ସେମାନଙ୍କ ମନର ଧୈର୍ଯ୍ୟ। ସେମାନଙ୍କ ଦୌଡ଼ରେ ଥିଲା ଗତି, କିନ୍ତୁ ଚିନ୍ତାରେ ଥିଲା ସ୍ଥିରତା। ଏହି ସନ୍ତୁଳନ ହିଁ ସେମାନଙ୍କୁ ବିଶ୍ୱର ଶିଖରକୁ ନେଇଗଲା।

ଆଜି ଯେତେବେଳେ ଆର୍ଜେଣ୍ଟିନାର ସମର୍ଥକଙ୍କ ଆଖିରେ ଲୁହ, ସେହି ଲୁହ ଦୁର୍ବଳତାର ନୁହେଁ। ସେ ହେଉଛି ଫୁଟବଲ ପ୍ରତି ଅସାଧାରଣ ଭଲପାଇବାର ଭାଷା। କାରଣ ଯେଉଁ ଦଳ ପ୍ରତି ଭଲପାଇବାର ସ୍ରୋତ ଉଚ୍ଛଳ ହୁଏ ତାହାର ପରାଜୟ ପ୍ରଶଂସକଙ୍କୁ ଯନ୍ତ୍ରଣା ଦିଏ। ତଥାପି ଫୁଟବଲ୍‌ର ସବୁଠୁ ବଡ଼ ସୌନ୍ଦର୍ଯ୍ୟ - ପରାଜିତଙ୍କ ପ୍ରତି ମଧ୍ୟ ସମ୍ମାନ ରହେ। କାରଣ ଖେଳପଡ଼ିଆରେ ଯିଏ ଶେଷ ପର୍ଯ୍ୟନ୍ତ ଲଢ଼େ, ସେ କେବେ ସମ୍ପୂର୍ଣ୍ଣ ପରାଜିତ ହୁଏନାହିଁ।

ଏହି ବିଶ୍ୱକପ୍ ଆଉ ଗୋଟିଏ ଗଭୀର ବାର୍ତ୍ତା ଦେଇଛି। ବ୍ୟକ୍ତିର ଯୁଗ ଧୀରେ ଧୀରେ ସାମୂହିକତାର ଯୁଗକୁ ସ୍ଥାନ ଦେଉଛି। ବିଶ୍ୱ ଫୁଟବଲ୍ ଆଜି ଏକକ ନାୟକଙ୍କ କାହାଣୀ ନୁହେଁ, ଏହା ସମବେତ ସଙ୍ଗୀତର ମହାକାବ୍ୟ। ଆମ ପାଇଁ ମଧ୍ୟ ଏଥିରେ ଏକ ଶିକ୍ଷା ରହିଛି। ଖେଳ କେବଳ ପ୍ରତିଭାର ଉତ୍ସବ ନୁହେଁ, ଏହା ଦୂରଦୃଷ୍ଟି, ପରିଶ୍ରମ, ଶୃଙ୍ଖଳା ଓ ନିରନ୍ତର ବିନିଯୋଗର ଫଳ। ଯେଉଁ ଜାତି ଶିଶୁର ପାଦରେ ପ୍ରଥମ ବଲ୍‌ଟି ଦିଏ, ସେହି ଜାତି ଦିନେ ବିଶ୍ୱକପ୍‌ର ଟ୍ରଫିକୁ ମଧ୍ୟ ଛୁଏ। ଫୁଟବଲ୍ ଆମକୁ ବିନମ୍ରତା ଶିଖାଏ। ଆଜି ତୁମେ ବିଜେତା, କାଲି ତୁମେ ପରାଜିତ। ଆଜି ତୁମେ ଆକାଶରେ, କାଲି ମାଟିରେ। କିନ୍ତୁ ଯେଉଁମାନେ ପଡ଼ିଯାଇ ପୁଣି ଉଠିବା ଶିଖିଛନ୍ତି, ଇତିହାସ ସେମାନଙ୍କୁ ହିଁ ଅମର କରେ।

ସ୍ପେନ ଆଜି ବିଶ୍ୱର ଶିଖରରେ। ସେମାନଙ୍କ ମୁଣ୍ଡରେ ବିଶ୍ୱବିଜୟର ମୁକୁଟ। କିନ୍ତୁ ସେହି ମୁକୁଟର ସବୁଠୁ ବଡ଼ ଅଳଙ୍କାର ହେଉଛି ପରିଶ୍ରମ, ଶୃଙ୍ଖଳା ଓ ଦଳଗତ ପ୍ରୟାସ ତଥା ପ୍ରଦର୍ଶନ। ଆଉ ଆର୍ଜେଣ୍ଟିନା ଓ ତା'ର ଖେଳାଳିମାନେ ହାରିଛନ୍ତି, କିନ୍ତୁ ସେମାନଙ୍କ ଫୁଟବଲ୍ ପ୍ରେମ, ସଂଘର୍ଷ ଓ ଗୌରବ ହାରିନାହିଁ। ସମୁଦ୍ରର ଢେଉ ପରି ସେମାନେ ପୁଣି ଫେରିଆସିବେ। କାରଣ ଫୁଟବଲ୍‌ରେ କୌଣସି ଶେଷ ନାହିଁ। ପ୍ରତ୍ୟେକ ପରାଜୟ ହେଉଛି ନୂଆ ସ୍ୱପ୍ନର ବୀଜ, ପ୍ରତ୍ୟେକ ବିଜୟ ହେଉଛି ନୂଆ ଦାୟିତ୍ୱର ଆରମ୍ଭ। ସେହିଥିପାଇଁ ୨୦୨୬ ବିଶ୍ୱକପ୍‌ର ଏହି ଫାଇନାଲ୍‌କୁ କେବଳ ଗୋଟିଏ ଫଳାଫଳ ଭାବେ ନୁହେଁ, ସମୟର ଏକ ସାହିତ୍ୟିକ ରୂପକ ଭାବେ ମନେ ରଖିବା ଦରକାର। ସୂର୍ଯ୍ୟ ଅସ୍ତ ଯାଇଛି, କିନ୍ତୁ ଆକାଶ ଅନ୍ଧକାରରେ ବୁଡ଼ିନାହିଁ। ଦିଗନ୍ତରେ ଆଉ ଗୋଟିଏ ପ୍ରଭାତ ଜନ୍ମ ନେଇସାରିଛି। ସେହି ପ୍ରଭାତର ନାମ ହେଉଛି ସ୍ପେନ। ଆଉ ସେହି ସୂର୍ଯ୍ୟାସ୍ତର ନାମ - ଆର୍ଜେଣ୍ଟିନା, ଯାହାର ଆଲୋକ କେବେ ଇତିହାସରୁ ଲିଭିଯିବ ନାହିଁ। ●

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ବୋହୂ ରୂପରେ ପୂଜା ପା'ନ୍ତି ପିତା ଶୁଖୁଆ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଓଡ଼ିଶାରେ ପିତା ଶୁଖୁଆକୁ ପ୍ରତ୍ୟକ୍ଷ ଭାବେ ପୂଜା କରାଯାଉଥିବା ବେଳେ କେତେକ ମନ୍ଦିରରେ ଶୁଖୁଆକୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ତାମିଲନାଡୁର ତଟୀୟ ଅଞ୍ଚଳରେ ଅନୁଷ୍ଠିତ ଏକ ବିଶେଷ ଉତ୍ସବରେ ଶୁଖୁଆ (କରୁବାଡୁ)ର ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଜି ଦିଆଯାଏ। ଭାରତର ଅନ୍ୟ କେତେକ ରାଜ୍ୟ ସହିତ ଓଡ଼ିଶାର କେତେକ ମନ୍ଦିରରେ ଶୁଖୁଆକୁ ଭୋଗ ଭାବେ ଅର୍ପଣ କରାଯାଇଥାଏ।

କେବଳ ଭାରତରେ ନୁହେଁ, କେତେକ ବିଦେଶୀୟ ସଂସ୍କୃତିରେ ମଧ୍ୟ ଶୁଖୁଆକୁ ପବିତ୍ର ମନେକରି ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। କେତେକ ଧାର୍ମିକ ଅନୁଷ୍ଠାନରେ ଶୁଖୁଆ ଅର୍ପଣ କରିବା ଏବଂ ଉପବାସ ସମୟରେ ଶୁଖୁଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଛି। ଚୀନ୍ ସଂସ୍କୃତିରେ ଶୁଖୁଆକୁ ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ତେଣୁ ବିଶେଷ ଭାବେ ଚୀନ୍ ନବବର୍ଷରେ ଶୁଖୁଆ ଓ



ଅନ୍ୟ ସାମୁଦ୍ରିକ ଜୀବ-ଖାଦ୍ୟକୁ ଉପହାର ଭାବେ ଆଦାନପ୍ରଦାନ କରାଯାଇଥାଏ। ଏହାସହିତ ସେହି

### ବିଚିତ୍ର ବିଶ୍ୱାସ

ଦେଶରେ ଶୁଖୁଆକୁ ଦେବତା ଓ ପୂର୍ବପୁରୁଷଙ୍କୁ ଭୋଗ ଭାବେ ଅର୍ପଣ କରିବାର ବିଧି ମଧ୍ୟ ଅଛି। ଚୀନ୍‌ର 'ଜୋମୋନୋ କାଳ'ରେ ଶୁଖୁଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଥିବାର ତଥ୍ୟ ରହିଥିବା ବେଳେ 'ନାରା କାଳ'ରେ ଶୁଖୁଆ ଏତେ ମୂଲ୍ୟବାନ ଥିଲା ଯେ, ଏହାକୁ ରାଜ୍ୟକର ବା ଟିକସ ଭାବେ ପ୍ରଦାନ କରାଯାଉଥିଲା।

ଜାପାନ୍‌ରେ ଶୁଖୁଆର ସର୍ବପୁରାତନ ଇତିହାସ ଓ ଗଭୀର ସାଂସ୍କୃତିକ ମହତ୍ତ୍ୱ ଅଛି। ସେ ଦେଶରେ ଶୁଖୁଆକୁ 'ହିମୋନୋ' କୁହାଯାଏ। ଖ୍ରୀଷ୍ଟପୂର୍ବ ୭୧୦ରୁ ୭୯୪ ପର୍ଯ୍ୟନ୍ତ 'ହିମୋନୋ'କୁ ପବିତ୍ର ନୈବେଦ୍ୟ 'ଶିଶେନ୍' ଭାବେ ଦେବତାଙ୍କୁ ଅର୍ପଣ କରାଯାଉଥିଲା। ପ୍ରାଚୀନ ଗ୍ରୀକ୍ ପରମ୍ପରା ଅନୁଯାୟୀ କେଉଟମାନେ ସମୁଦ୍ର ଭିତରକୁ ଯିବା ପୂର୍ବରୁ ନିଜର ସୁରକ୍ଷା ଓ ଅଧିକ ମାଛ ଧରିବା ଆଶାରେ ସମୁଦ୍ର ଦେବତା 'ପୋସିଡନ୍' ଓ 'ହେକାଟେ'ଙ୍କୁ ଶୁଖୁଆ ଭୋଗ ଅର୍ପଣ କରୁଥିଲେ। ଏହାବ୍ୟତୀତ କେତେକ ବିଶେଷ ପୂଜାନୁଷ୍ଠାନରେ ଦେବତାଙ୍କୁ ଶୁଖୁଆ ସମର୍ପଣ କରାଯିବା ସହିତ ପବିତ୍ର ପ୍ରସାଦ ଭାବେ ଅତିଥି ଓ ପରିବାରକୁ ପରଷା ଯାଉଥିଲା। ପର୍ତ୍ତୁଗାଲ୍ ଓ ସ୍ପେନ୍‌ରେ ବିଶେଷ ଭାବେ ଲେଣ୍ଟ୍, ଗୁଡ୍ ଫ୍ରାଇଡେ ଓ କ୍ରିସମାସ୍‌ରେ ଶୁଖୁଆ(ବାକାଲ୍‌ହାଓ)କୁ ଏକ ପାରମ୍ପରିକ ବ୍ୟଞ୍ଜନ ଭାବେ ଗ୍ରହଣ କରାଯାଏ। କେତେକ ବିଦେଶୀୟ ମୂଳ ଜନଜାତି ସମ୍ପ୍ରଦାୟରେ ମଧ୍ୟ ଶୁଖୁଆକୁ ପରୋକ୍ଷ ଭାବେ ପୂଜାର୍ଚ୍ଚନାର ଏକ ଅଂଶବିଶେଷ ଭାବେ ଗ୍ରହଣ କରାଯାଇଛି।

ମୁଖ୍ୟତଃ ଆଧ୍ୟାତ୍ମିକ ମତବାଦ ଅନୁସାରେ ମାଛ, ମାଂସ, ଶୁଖୁଆ ଆଦି ଅପବିତ୍ର ଓ ତାମସିକ ଖାଦ୍ୟ ଭାବେ ଗ୍ରହଣୀୟ ହୋଇଥିବା ବେଳେ ବିଶେଷ ପୂଜାନୁଷ୍ଠାନରେ ଏଗୁଡ଼ିକର ମହତ୍ତ୍ୱ ପ୍ରତିପାଦିତ ହୋଇପାରିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ - ଶିବ ଓ ଶବ ଉଭୟଙ୍କର ଉପସ୍ଥିତି ସୃଷ୍ଟିରେ ସମାନ ଏବଂ ଈଶ୍ୱରୀୟ ସତ୍ତାରେ ଉଭୟ ଉଭୟଙ୍କର ପରିପୂରକ। ଏହା ହିଁ ଦୃଢ଼ ଧର୍ମବିଶ୍ୱାସର ମୂଳାଧାର।(ସମାପ୍ତ) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନକଲି ୱାରେଣ୍ଟରେ ଗିରଫଦାରୀ

# ୩୦ ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

କଟକ,୩୦।୭(ସମିସ): ନକଲି ଓ ଜାଲ୍ ଜାମିନ ବିହୀନ ଗିରଫ ପରୱାନା ଆଧାରରେ ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ଗିରଫ କରି ନିର୍ଯାତନା ଦେବା ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପୀଡ଼ିତ ଆବେଦନକାରୀଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ଏହି ଅର୍ଥ ଦୋଷୀ ପୁଲିସ ଅଧିକାରୀ କିମ୍ବା କୋର୍ଟ କର୍ମଚାରୀଙ୍କଠାରୁ ଆଦାୟ କରାଯିବ। ବିକ୍ରମ ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱର ଏସଡିଜେଏମ କୋର୍ଟଙ୍କ ନାମରେ ଏକ ଜାଲ୍ ଗିରଫ ୱାରେଣ୍ଟ ଦେଖାଇ ପୁଲିସ ତାଙ୍କୁ ବେଆଇନ ଭାବେ ଗିରଫ କରିଥିଲା। ହାଜତ ମଧ୍ୟରେ ଓ କୋର୍ଟ ପରିସରରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ସେ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଏସଡିଜେଏମ କୋର୍ଟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଥିଲା ଯେ ଆବେଦନକାରୀଙ୍କ ନାମରେ କୌଣସି ଏନବିଡବ୍ଲୁ ଜାରି କରାଯାଇ ନଥିଲା। ସେହି ମାମଲାରେ ବିକ୍ରମ ଆସାମୀ କିମ୍ବା ଅଭିଯୋଗକାରୀ ନଥିଲେ। ଅପରପକ୍ଷରେ, ପୁଲିସ ଦର୍ଶାଇଥିଲା ଯେ ସ୍ପିଡ୍ ପୋଷ୍ଟ ମାଧ୍ୟମରେ କୋର୍ଟଙ୍କ ନକଲି ମୋହର ଥିବା ୱାରେଣ୍ଟ ଆସିବା ପରେ ଏହି ଗିରଫଦାରି ହୋଇଥିଲା। ଏହି ଘଟଣାରେ ଲାଲବାଗ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ଭୁବନେଶ୍ୱର ଏସଡିଜେଏମ କୋର୍ଟ ନକଲି ୱାରେଣ୍ଟ ଜାରି ଓ ମୋହର ଜାଲିଆତି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବେ। କଟକ ଡିସିପି ବେଆଇନ ଗିରଫଦାରି ଓ ପୁଲିସର ଭୂମିକା ନେଇ ବିସ୍ତୃତ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତଦନ୍ତ ରିପୋର୍ଟ ଆଧାରରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ନିଜ ଆଦେଶରେ ସ୍ପଷ୍ଟ କରି ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

# ଚେକ୍ ବାଉନ୍ସ ମାମଲାରେ ପଦାଧିକାରୀଙ୍କ ସହ କମ୍ପାନି ମଧ୍ୟ ଅଭିଯୁକ୍ତ: ହାଇକୋର୍ଟ

କଟକ,୩୦।୭(ସମିସ): ଯଦି କୌଣସି କମ୍ପାନି ତରଫରୁ ଦିଆଯାଇଥିବା ଚେକ୍ ବାଉନ୍ସ କରେ, ଏଥିରେ ଦସ୍ତଖତ କରିଥିବା ପଦାଧିକାରୀଙ୍କୁ ମାମଲାରେ କେବଳ ପକ୍ଷଭୁକ୍ତ କରାଯାଏ ଓ କମ୍ପାନିକୁ ବାଦ



ଦିଆଯାଇଥାଏ ତେବେ ଏହା ଆଇନ ସମ୍ମତ ନୁହେଁ। ଏନ୍ଆଇ ଆକ୍ଟ ଅନୁସାରେ ଏଭଳି ଘଟଣାରେ ପଦାଧିକାରୀଙ୍କ ସହିତ କମ୍ପାନିକୁ ମଧ୍ୟ ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ କରି ଅଦାଲତରେ ମାମଲା ରୁଜୁ କରାଯିବା କଥା ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କମ୍ପାନିକୁ ପକ୍ଷଭୁକ୍ତ ନ କରି କେବଳ ଏହାର ନିର୍ବାହୀ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରି ସୋନପୁର ଏସଡିଜେଏମ ଅଦାଲତରେ ଦାୟର ଚେକ୍ ବାଉନ୍ସ ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଡି.କେ.ପଟେଲଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶିବ ଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡର ଏକ କମ୍ପାନି ତରଫରୁ ମାମଲାର ପ୍ରତିପକ୍ଷଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ଚେକ୍‌ରେ କମ୍ପାନିର ପ୍ରାଧିକୃତ ଦସ୍ତଖତକାରୀ ଭାବେ ଆବେଦନକାରୀ ଦସ୍ତଖତ କରିଥିଲେ। ଏହି ଚେକ ବାଉନ୍ସ କରିବା ପରେ ପ୍ରତିପକ୍ଷଙ୍କ ତରଫରୁ ଆବେଦନକାରୀଙ୍କୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ନୋଟିସ ପାଇବା ପରେ ମଧ୍ୟ ଆବେଦନକାରୀ ଟଙ୍କା ନ ଦେବାରୁ ପ୍ରତିପକ୍ଷ ଏସଡିଜେଏମ ଅଦାଲତରେ ଚେକ ବାଉନ୍ସ ପାଇଁ ମାମଲା ରୁଜୁ କରିଥିଲେ। ଏହି ମାମଲା ଗ୍ରହଣୀୟ ନୁହେଁ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସୋମେଶ ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ ନିଯୁକ୍ତ

ଭୁବନେଶ୍ୱର,୩୦।୭(ସମିସ): ୨୦୧୭ ମସିହା ବ୍ୟାଚର ଆଇଏଏସ ତଥା ରାଜ୍ୟ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ ଭାବରେ ନିଯୁକ୍ତି ପାଇଛନ୍ତି। ଏନେଇ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ବର୍ତ୍ତମାନର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ କାର୍ଯ୍ୟକାଳ ସମାପ୍ତ ହେଉଛି। ଶ୍ରୀ ରାଉତରାୟଙ୍କ ସ୍ଥାନରେ ଶ୍ରୀ ଉପାଧ୍ୟାୟ ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିବେ।

# ୧.୪୭ କୋଟିର ଋଣ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୭(ସମିସ): ଆଇସିଆଇସିଆଇ ବ୍ୟାଙ୍କ ଋଣ ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥ ନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମିହିର ପାଇକରାୟ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଇଓଡବ୍ଲ୍ୟୁ ସୂଚନା ମୁତାବକ ଆଇସିଆଇସିଆଇ ଭୁବନେଶ୍ୱର ମୁଖ୍ୟ ଶାଖା ବ୍ୟାଙ୍କରୁ ମିହିର ୧କୋଟି ୪୭ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲେ। ଏଥିପାଇଁ ସେ କିଛି ଜମିର କାଗଜପତ୍ର ବନ୍ଧକ ରଖିଥିଲେ। ଏହାପରେ ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର କରାଯାଇଥିଲା। ମାତ୍ର ସେ ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କ ଏହାକୁ ଏନ୍‌ପିଏ ଶ୍ରେଣୀଭୁକ୍ତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ କାଳରେ ଏହି ଜମିଗୁଡ଼ିକ ପୂର୍ବରୁ ବ୍ୟାଙ୍କ ଅଫ ବରୋଦାରେ ପୂର୍ବରୁ ବନ୍ଧକ ଦେଇ ସେ ୩୦ ଲକ୍ଷ ଟଙ୍କାର ଋଣ ଉଠାଇଥିବା ଜଣା ପଡ଼ିଥିଲା। ମାମଲା ଜଣାପଡ଼ିବା ପରେ ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିଲା। ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଦସ୍ତାବିଜ ଅନୁଯାୟୀ ମିହିର ଋଣ ପାଇଁ ଜାଲିଆତି କରିଥିବା ଜଣା ପଡ଼ିଥିଲା। ଏହାପରେ ବ୍ୟାଙ୍କ ପକ୍ଷରୁ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା ଓ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରିଥିଲା।


**AFFIDAVIT**

I, Ipsita Agrawal, D/o Pradeep Kumar Agrawal, Resident of Union Bank Pakha, Shankar Cinema Road, Po/Ps and Dist.-Angul, Pin-759122, Odisha declare by this affidavit No-19973 Dated 30 July 2026 that now onwards I shall be known as **IPSITA AGARWAL** for all future purposes.

**Change of Name (Minor)**

By virtue of an affidavit (CF No-144, Date: 30/07/2026) sworn before The Executive Magistrate, Jharbandh. I, Dinesh Sahu (applicant name), S/o Kapurchan Sahu, permanent & current resident of R/o-vill-Balangir, PO: Dava , PS/TAH-Jharbandh, Dist: Bargarh, State: Odisha declare that I have changed my minor son's name from Bhimesh Sahu to Bhabesh Sahu. Henceforth, he shall be known as **Bhabesh Sahu** (new name) for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗେରୁଆ ହେଲା...

ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟ ବିରୋଧୀ ଦଳ ସାଂସଦ ଅମର ସିଂହ, ତାରିକ ଅନୱାର ଏବଂ କିର୍ତ୍ତି ଆଜାଦ ମଧ୍ୟ ଏହାର ସମାଲୋଚନା କରି କହିଛନ୍ତି ଯେ ସରକାର ବିପଜ୍ଜନକ ଧାରା ଆରମ୍ଭ କରିଛନ୍ତି। ସରକାର ସେନାବାହିନୀ ପୋଷାକ ରଙ୍ଗ ଗେରୁଆ କରିଦେଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୪ ବିଶ୍ୱକପ୍ ସମୟରେ ଭାରତୀୟ ଦଳ ହଳଦିଆ ରଙ୍ଗର ଜର୍ସି ପିନ୍ଧିଥିବା ବେଳେ ୨୦୧୮ ବିଶ୍ୱକପ୍‌ରେ ଆକାଶୀ ନୀଳ ରଙ୍ଗର ପୋଷାକ ବ୍ୟବହାର କରାଯାଇଥିଲା। ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ବେଲଜିୟମ ଓ ନେଦରଲ୍ୟାଣ୍ଡସରେ ଆୟୋଜିତ ହେବାକୁ ଥିବା ୨୦୨୬ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଚଳାଇଛି। ୫୧ ବର୍ଷ ପରେ ଦ୍ୱିତୀୟ ଥର ବିଶ୍ୱକପ୍ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ଭାରତୀୟ ଦଳ ପାଇଁ ଜର୍ସି ବିବାଦ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ହକି ଇଣ୍ଡିଆ ସଫେଇ ଦେଇଛି ଯେ, ଏହି ନିଷ୍ପତ୍ତି କୌଣସି ଆବେଗ କିମ୍ବା ସୌନ୍ଦର୍ଯ୍ୟ ପାଇଁ ନୁହେଁ, ବରଂ ବୈଷୟିକ ସୁବିଧାକୁ ଦୃଷ୍ଟିରେ ରଖି ନିଆଯାଇଛି।

### କ୍ରୀଡ଼ାପ୍ରେମୀଙ୍କ ଭାବନାକୁ...

ଯୋଡ଼ିହୋଇ ରହିଥିବା ଏକ ଆବେଗ। ଦଶନ୍ଧି ଦଶନ୍ଧି ଧରି ଏହି ରଙ୍ଗ ଆମକୁ ଆଶା, ବିଜୟ, ପରାଜୟ ଏବଂ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟରେ ଏକାଠି ବାନ୍ଧି ରଖିଛି। ଆମେ ଆମର ନୀଳ ଜର୍ସି ପିନ୍ଧିଥିବା ପୁରୁଷ ଓ ମହିଳା ଖେଳାଳିମାନଙ୍କ ସହ ଆମେ କାନ୍ଦିଛୁ, ହସିଛୁ, ଉତ୍ସବ ପାଳନ କରିଛୁ ଏବଂ ଗର୍ବର ସହ ଛିଡ଼ା ହୋଇଛୁ। ଏହି ନୀଳ ଜର୍ସି ପିନ୍ଧି ଆମ ଟିମ୍ ଅଲିମ୍ପିକ୍ସ ପଦକ ଜିତିଛି ଏବଂ ବିଶ୍ୱ ମଞ୍ଚରେ ଆମ ଜାତୀୟ ସଙ୍ଗୀତ ଗୁଞ୍ଜରିତ ହୋଇଛି। ନୀଳ ରଙ୍ଗ ଆମ ଜାତୀୟ ପତାକାର ଅଶୋକ ଚକ୍ରରୁ ଅଣାଯାଇଛି। ଏହା ଆମ ଜାତୀୟ ଗୌରବ ଓ ପରିଚୟର ପ୍ରତୀକ। ଯେତେବେଳେ ଜାତୀୟ ହକି ଟିମ୍ ପ୍ରାୟୋଜକ ଅଭାବରେ ସଂଘର୍ଷ କରୁଥିଲା, ସେତେବେଳେ ଆମ ଜାତୀୟ ଦଳ ଏବଂ ପ୍ରିୟ ଖେଳକୁ ସହଯୋଗ କରିବାରେ ଓଡ଼ିଶା ପ୍ରଥମ ଓ ଏକମାତ୍ର ରାଜ୍ୟ ଭାବେ ଇତିହାସ ରଚିଥିଲା। ଜାତୀୟ ହକି ପ୍ରତି ରାଜ୍ୟର ଏହି ସହଯୋଗ ପାଇଁ ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଓଡ଼ିଆ ଗର୍ବିତ ଥିଲେ। ୪୧ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଆମ ପୁରୁଷ ଦଳ ଅଲିମ୍ପିକ୍ସ ପଦକ ଜିତିଥିଲା। କେବଳ ଓଡ଼ିଶାରେ ସରକାର ବଦଳିଯାଇଛି ବୋଲି ଆମ ଜାତୀୟ ଦଳର ରଙ୍ଗ ବଦଳାଯିବା ଉଚିତ୍ ନୁହେଁ। ଏହା ସବୁଠାରୁ ନିମ୍ନମାନର ରାଜନୀତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଆର୍ଜେଣ୍ଟିନାର ଆଇକନିକ୍ ଷ୍ଟ୍ରାଇପ୍ସ (ଗାର) ଏବଂ ବ୍ରାଜିଲ୍‌ର ହଳଦିଆ ଜର୍ସି ସେହି ଦେଶ ପାଇଁ ଯେତିକି ମହତ୍ୱ ରଖେ, ଭାରତୀୟ ହକି ଖେଳାଳିଙ୍କ ନୀଳ ଜର୍ସି ଆମ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହା ଆମ ସାମୂହିକ ସ୍ମୃତିରେ ସଦାସର୍ବଦା ଲିପିବଦ୍ଧ ହୋଇରହିଛି। ଏହି ରଙ୍ଗରେ କୌଣସି ବି ପରିବର୍ତ୍ତନ, ଆମ ଅମୂଲ୍ୟ କ୍ରୀଡ଼ା ଐତିହ୍ୟକୁ ପୋଛିଦେବାର ଏକ ଅତ୍ୟନ୍ତ ନିନ୍ଦନୀୟ ପ୍ରଚେଷ୍ଟା। ଓଡ଼ିଶାର ବିଜେପି ସରକାରଙ୍କ ଚାପରେ ଏହି ପଦକ୍ଷେପ ନିଆଯାଇଛି। କ୍ଷମତାରେ ଥିବା ବ୍ୟକ୍ତିମାନେ ଏହାକୁ ଅସ୍ୱୀକାର କରିପାରନ୍ତି; କିନ୍ତୁ ଗତ ଦୁଇ ବର୍ଷ ହେବ ଓଡ଼ିଶାରେ ସରକାରଙ୍କର ସରକାରୀ କୋଠା, ବସ୍ ଏବଂ ପୋଲଗୁଡ଼ିକର ରଙ୍ଗ ବଦଳାଇବାର ନିଶାକୁ ସମସ୍ତେ ଦେଖିଛନ୍ତି। ଆଜି ଓଡ଼ିଶାରେ କେବଳ ଏହି ଗୋଟିଏ କାମ ହିଁ ହେଉଛି। କିନ୍ତୁ ଏବେ ସେହି ସରକାର ଆମ ଜାତୀୟ ଦଳର ଜର୍ସି ରଙ୍ଗକୁ ମଧ୍ୟ ବଦଳାଇ ଦେଇଛନ୍ତି। ହକି ଭଳି ଏକ ଜାତୀୟ ଖେଳକୁ ରାଜନୀତିକରଣ କରିବାକୁ ବିଜେପି ଓଡ଼ିଶାର ଏହି ପ୍ରଚେଷ୍ଟାକୁ ମୁଁ ଦୃଢ଼ ନିନ୍ଦା କରୁଛି। ଏହା ସାରା ଦେଶର ଲକ୍ଷ ଲକ୍ଷ କ୍ରୀଡ଼ାପ୍ରେମୀଙ୍କ ଭାବନା ଏବଂ ଜାତୀୟ ହକିକୁ ଓଡ଼ିଶା ଯେଉଁ ଗର୍ବର ସହ ସହଯୋଗ କରିଆସିଛି, ତାହାକୁ ଗଭୀର ଆଘାତ ପହଞ୍ଚାଇଛି ବୋଲି ନବୀନ କ୍ଷୋଭର ସହ କହିଛନ୍ତି।

### ମାଡ଼ିଆସୁଛି 'ମହା'..

କ୍ୟୁସେକ ପର୍ଯ୍ୟନ୍ତ ଜଳ ପ୍ରବାହ ହୋଇଥିବାରୁ ବର୍ତ୍ତମାନ ସ୍ଥିତିକୁ ନିୟନ୍ତ୍ରଣଯୋଗ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି। ମାତ୍ର ମହାନଦୀର ଶାଖା ନଦୀଗୁଡ଼ିକରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଉଛି। କାଲି ସୁଦ୍ଧା ହୀରାକୁଦର ଆଉ ୧୦ରୁ ୧୨ଟି ଗେଟ୍ ଖୋଲାଯାଇପାରେ। ତେବେ ଏହି ପାଣି ମୁଣ୍ଡଳୀରେ ପହଞ୍ଚିବା ବେଳକୁ ୨୪ ଘଣ୍ଟା ଲାଗିବ ଓ ସେତବେଳକୁ ମୁଣ୍ଡଳୀଠାରେ ଜଳ ପ୍ରବାହ ହ୍ରାସ ପାଇଥିବା ବୋଲି ବିଭାଗ ପକ୍ଷରୁ ଆକଳନ କରିଛି।

ମହାନଦୀର ବଢ଼ୁଥିବା ଜଳସ୍ତର ସହ ଏହାର ଶାଖାନଦୀ ଲୁଣା, କରାଣ୍ଡିଆ, ପାଇକା, କୁଶଭଦ୍ରା, ଦେବୀ ଓ କୁଆଖାଇ ଓ ଚିତ୍ରୋତ୍ପଳା ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ନିମ୍ନାଞ୍ଚଳ ପ୍ରଭାବିତ ହୋଇପାରେ। ସେଥିପାଇଁ ଜିଲ୍ଲା ପ୍ରଶାସନକୁ ପୂର୍ବରୁ ସତର୍କ କରାଯାଇଛି ଏବଂ ଅଧିକାରୀମାନେ ଗତକାଲି ରାତିରୁ ମୈଦାନରେ କାମ ଆରମ୍ଭ କରିଛନ୍ତି ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ଜଗତସିଂହପୁରର ବିରିଡ଼ି, ନାଉଗାଁ, ତିର୍ତ୍ତୋଲ, କୁଜଙ୍ଗ, ରଘୁନାଥପୁର, ଏରସମା ଓ ବାଲିକୁଦା, କଟକର ବାଙ୍କୀ ଓ ଆଠଗଡ଼, ପୁରୀର କଣାସ, ଡେଲାଙ୍ଗ, ବ୍ରହ୍ମଗିରି, କାକଟପୁର, ନିମାପଡ଼ା ଓ ଗୋପ, କେନ୍ଦ୍ରାପଡ଼ାର ପାଟକୁରା, ଗରଦପୁର ଓ ଆଳି ଅଞ୍ଚଳ ଉପରେ ବିଶେଷ ନଜର ରଖାଯାଇଛି ବୋଲି ସେ କହିଛନ୍ତି।

ହୀରାକୁଦ ଡ୍ୟାମ୍ ତଳ ମୁଣ୍ଡରେ ବୌଦ୍ଧ ଜିଲ୍ଲାର ଖଇରମାଳ ଠାରେ ମହାନଦୀରେ ୭ ଲକ୍ଷ ୭୪ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ଠିକ ସେହିପରି ନୟାଗଡ଼ ଜିଲ୍ଲାର ବରମୂଳ ଠାରେ ମହାନଦୀରେ ୭ ଲକ୍ଷ ୭୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ମୁଣ୍ଡଳି ଠାରେ ୮ ଲକ୍ଷ ୫୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ରୁଲ୍ କର୍ଭ ଅନୁସାରେ ହୀରାକୁଦର ଜଳସ୍ତର ୧୩ ଫୁଟ୍ ଅଧିକ ଥିଲେ ମଧ୍ୟ ତଳମୁଣ୍ଡରେ ମାତ୍ରାଧିକ ପାଣି ରହିଥିବାରୁ ଅଧିକ ଗେଟ୍ ଖୋଲାଯାଇ ପାରୁନାହିଁ। ତଳ ମଣ୍ଡରେ ବନ୍ୟା ଜଳ ଅପସାରିତ ହେଲା ପରେ ଶୁକ୍ରବାର ଆଉକୁ ହୀରାକୁଦର ଅଧିକ ଗେଟ୍ ଖୋଲାଯିବାକୁ ନିଷ୍ପତି ହୋଇଥିବା ଜଣାପଡ଼ିଛି।

### ୬୨୧ ଫୁଟ୍ ଡେଇଁଲା...

ସୁଦ୍ଧା ୧୨ଟି ଗେଟ୍ ଖୋଲିବା ପାଇଁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି। ତେବେ ତଳ ମୁଣ୍ଡରେ ବନ୍ୟା ସ୍ଥିତି ଗମ୍ଭୀର ଥିବାରୁ ଏହା ଉପରେ ନଜର ରଖାଯାଇଛି।

ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ପ୍ରବେଶ କରୁଛି ସେକେଣ୍ଡ ପ୍ରତି ୩,୦୮,୨୫୭ କ୍ୟୁସେକ୍ ଜଳ। ହୀରାକୁଦ ଜଳସ୍ତର ମଧ୍ୟ ୬୨୧.୩୫ ଫୁଟ୍‌ରେ ପହଞ୍ଚିଛି। ସମ୍ପ୍ରତି ହୀରାକୁଦର ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ବନ୍ୟା ଯୋଗୁଁ ସ୍ଥିତି ସୁଧୁରିବା ଯାଏ ଗେଟ୍ ଖୋଲାଯିବ ନାହିଁ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ଖଇରମାଳ, ବାରମୁଳ ଓ ମୁଣ୍ଡଳୀଠାରେ ୭ରୁ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ଦ୍ୱିତୀୟଥର ପାଇଁ ହୀରାକୁଦ ନଦୀବନ୍ଧରୁ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିବାବେଳେ ଗତ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଥିଲା।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୦୮,୨୫୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୫,୨୩୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୧୫୧୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୩୪୯ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୨୧୧୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨,୦୯,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୪,୪୦,୮୨୫ କ୍ୟୁସେକ୍, ଖଇରମାଳଠାରେ ୭,୫୦,୦୦୦ କ୍ୟୁସେକ୍, ବାରମୁଲଠାରେ ୭,୭୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୮,୬୫,୪୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୧.୭୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୩୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

### ସଂସଦରେ ହଙ୍ଗାମା...

ଦଳ ମାନେ ପୁଲିସ କାର୍ଯ୍ୟାନୁଷ୍ଠାନ ସହିତ ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲା ମଧ୍ୟ ଉଠାଇ ହଙ୍ଗାମା କରିଥିଲେ। ହଙ୍ଗାମା ଚାଲିଥିବା ବେଳେ ବନ୍ଦେମାତରମ ବିଲକୁ ବାଚନିକ ଭୋଟରେ ପାରିତ କରାଇଥିଲେ ସରକାର। ଗତକାଲି ଏହା ରାଜ୍ୟସଭାରେ ପାସ୍ ହୋଇଥିଲା। ଏହି ବିଲ ଏବେ ଦସ୍ତଖତ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ଯିବ। ଆଜି ଏହି ବିଲ୍ ପାରିତ ହେବାପରେ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

### ମେଡିକାଲ ପିଜି...

ପରୀକ୍ଷା ଆରମ୍ଭର ମାତ୍ର କିଛି ସମୟ ପରେ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ହ୍ୱାଟ୍ସଅପ ଗ୍ରୁପ୍ (ଏସ-୧), (ଏଲ-୧) ଓ (ଜେଡ-୧) ନାମରେ ଥିବା ଗ୍ରୁପରେ ସେୟାର କରାଯାଇଥିଲା। ଏହା ପରେ ଉକ୍ତ ହ୍ୱାଟ୍ସଅପ ଗ୍ରୁପ୍‌ରେ ପ୍ରଶ୍ନର ଉତ୍ତର ମଧ୍ୟ ପରୀକ୍ଷାର୍ଥୀଙ୍କୁ ପଠାଯାଉଥିବା ଅଭିଯୋଗ ହୋଇଛି। ଏହି ହ୍ୱାଟ୍ସଅପ ଗ୍ରୁପ୍‌କୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର କିଛି ଡାକ୍ତରୀ ଛାତ୍ର ପରିଚାଳନା କରୁଥିଲେ। ଏଥିସହ ପରୀକ୍ଷା କେନ୍ଦ୍ରକୁ ଏକାଧିକ ପରୀକ୍ଷାର୍ଥୀ ମୋବାଇଲ୍ ଫୋନ୍ ସହିତ ପ୍ରବେଶ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ପରୀକ୍ଷାରେ କପି, କେନ୍ଦ୍ର ମଧ୍ୟକୁ ମୋବାଇଲ ନେବା ଓ ପରିଚାଳନାରେ କୋହଳ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲର କିଛି ପରିକ୍ଷାର୍ଥୀଙ୍କୁ ମଧ୍ୟ ପ୍ରଶ୍ନପତ୍ର ବିକ୍ରି କରାଯାଇଥିବା ନେଇ ମଧ୍ୟ ସୂଚନା ରହିଛି। ଘଟଣାକୁ ନେଇ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ ବିଭିନ୍ନ ସ୍ଥାନରେ ଅଭିଯୋଗ ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ପିଜି ପରୀକ୍ଷାର ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନେଇଥିଲା। ଏହା ପୂର୍ବରୁ ଏହି ପରୀକ୍ଷା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ହେଉଥିଲା। ଅନ୍ୟପକ୍ଷରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କର୍ତ୍ତୃପକ୍ଷ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ତଦନ୍ତ ରିପୋର୍ଟ ପରେ ପ୍ରକୃତ ଘଟଣା ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ। ଅଭିଯୋଗ ପରେ ପରୀକ୍ଷା ସେଲ୍‌କୁ ଅଧିକ କଠୋର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଦୁଇଟି ପରୀକ୍ଷାରେ ଅନ୍ୟ କୌଣସି ପ୍ରକାର ଅନିୟମିତତାକୁ ରୋକିବା ପାଇଁ ସଜାଗ ହେବା ସହ ବର୍ତ୍ତମାନ ଏହି ପରୀକ୍ଷାପତ୍ର କିପରି ଅନ୍ୟ ଶିକ୍ଷାନୁଷ୍ଠାନକୁ ଗଲା ତାହାକୁ ନେଇ ତର୍ଜମା ଚାଲିଛି। ଘଟଣାର ତଦନ୍ତ ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିବା ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ କହିଛନ୍ତି।

### କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ...

ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମର ପକ୍ଷ ଦୃଢ଼ତାର ସହ ଉପସ୍ଥାପନ କରିଛୁ। ଉଭୟ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା, ପାରସ୍ପରିକ ସହଯୋଗ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ କିଭଳି ଭାବରେ ମହାନଦୀ ସମସ୍ୟାର ଏକ ସ୍ଥାୟୀ ଓ ସନ୍ତୋଷଜନକ ସମାଧାନ ହେବ, ସେନେଇ ଆଜି ଆଲୋଚନା ହୋଇଛି। ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ଆଲୋଚନା ବିଭିନ୍ନ ସ୍ତରରେ ଜାରି ରହିବ। ଏହି ୩ ମାସ ମଧ୍ୟରେ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ଜଳକୁ ନେଇ ଯେଉଁ ସମସ୍ୟା ରହିଛି ତାହାର ସମାଧାନ ନେଇ ମୁଁ ଆଶାବାଦୀ। ଆସନ୍ତା ଦୀପାବଳି ବେଳକୁ ସମସ୍ୟା ନିଶ୍ଚିତ ଭାବରେ ସମାଧାନ ହୋଇଥିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ଜୁଲାଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ମହାନଦୀ ଜଳ ବିବାଦରେ ଏକ ଚିଠି ଲେଖିଥିଲେ। ଏଥିରେ ସେ ମହାନଦୀ ଜଳବିବାଦରେ ଆପୋଷ ସମାଧାନ ଏବଂ ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ତଥା କେନ୍ଦ୍ରୀୟ ଜଳ ଆୟୋଗର ମଧ୍ୟସ୍ଥତା ନେଇ ପ୍ରସ୍ତାବ ରଖିଥିଲେ। ଗତ ଜୁଲାଇ ୨୨ ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏକ ବିସ୍ତୃତ ପତ୍ର ଜରିଆରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର ପ୍ରସ୍ତାବକୁ ସ୍ୱୀକାର କରିଥିଲେ। ଏହାପରେ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ମଧ୍ୟରେ ମଧ୍ୟସ୍ଥତା ପାଇଁ ଉଭୟ ସିଡବ୍ଲ୍ୟୁସି ଓ ଜଳଶକ୍ତି ମନ୍ତ୍ରାଳୟକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଆଜିର ବୈଠକ ଅନୁଷ୍ଠିତ ହୋଇଛି।

### ଶୀତରାତିରେ ଆହ୍ୱାନ...

ଶ୍ରମିକ ଓ ଶୀତଳୀକରଣ ସୁବିଧା ନ ଥିବା ଲୋକଙ୍କ ମଧ୍ୟରେ ଉତ୍ତାପଜନିତ ରୋଗ ଓ ମୃତ୍ୟୁର ଆଶଙ୍କା ବଢ଼ିଯାଏ। ୧୯୯୮ର ଭୟଙ୍କର ଉତ୍ତାପ ପ୍ରବାହରେ ଓଡ଼ିଶାରେ ୨ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଉଷ୍ମ ରାତି ବଢ଼ିବା ସହ ବିଦ୍ୟୁତ ଚାହିଦା ମଧ୍ୟ ବଢୁଛି। ସେହିପରି ରାତିରେ ବାୟୁମଣ୍ଡଳ ଗରମ ରହିବାରୁ ପ୍ରଦୂଷକ କଣିକା ଭୂପୃଷ୍ଠ ନିକଟରେ ଅଧିକ ସମୟ ରହିଯାଉଛି। ଯାହା ବାୟୁ ପ୍ରଦୂଷଣକୁ ବଢ଼ାଉଛି। ଗବେଷଣାରେ ଏହି ପରିବର୍ତ୍ତନକୁ ଭୁବନେଶ୍ୱରର ଦ୍ରୁତ ସହରୀକରଣ ସହ ସିଧାସଳଖ ଭାବେ ଯୋଡ଼ାଯାଇଛି। ୨୦୦୦ରୁ ୨୦୨୫ ମଧ୍ୟରେ ସହରର ନିର୍ମିତ ଅଞ୍ଚଳ ୩୬ ବର୍ଗ କିଲୋମିଟରରୁ ବଢ଼ି ୧୨୨ ବର୍ଗ କିଲୋମିଟରରୁ ଅଧିକ ହୋଇଛି। ଅନ୍ୟପକ୍ଷରେ କୃଷି ଜମି ୮୩ ପ୍ରତିଶତ କମିଯାଇଥିବାବେଳେ ସବୁଜ ଆବରଣ ଅଧାରୁ ଅଧିକ ହ୍ରାସ ପାଇଛି। କଂକ୍ରିଟ, ପିଚୁ ରାସ୍ତା ଓ ବଡ଼ ବଡ଼ ଅଟ୍ଟାଳିକା ଦିନରେ ଉତ୍ତାପ ଶୋଷଣ କରି ରାତିରେ ଧୀରେ ଧୀରେ ଛାଡ଼ୁଥିବାରୁ ସହରର ରାତି ଅଧିକ ଗରମ ରହୁଛି। ଗବେଷକମାନେ କହିଛନ୍ତି ଯେ, ୧୯୯୦ ଦଶକ ପରଠାରୁ ଅତ୍ୟଧିକ ଉଷ୍ମ ବର୍ଷର ସଂଖ୍ୟା ବହୁତ ବଢ଼ିଛି। ୨୦୦୯, ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ସବୁଠାରୁ ଅଧିକ ଉଷ୍ମ ବର୍ଷ ମଧ୍ୟରେ ରହିଛି। ସେମାନଙ୍କ ମତରେ, ୨୦୨୦ ଦଶକର ମଧ୍ୟଭାଗ ସୁଦ୍ଧା ଭୁବନେଶ୍ୱରର ହାରାହାରି ଓ ସର୍ବନିମ୍ନ ତାପମାତ୍ରା ପୂର୍ବରୁ ସାଧାରଣ ବୋଲି ବିବେଚିତ ସୀମାକୁ ସ୍ଥାୟୀ ଭାବେ ଅତିକ୍ରମ କରିସାରିଛି। ଏହା ଏକ ସାମୟିକ ଉତ୍ତାପ ପ୍ରବାହ ନୁହେଁ, ବରଂ ଭୁବନେଶ୍ୱର ଏକ ସ୍ଥାୟୀ ଉଷ୍ମ ଜଳବାୟୁ ପର୍ଯ୍ୟାୟରେ ପ୍ରବେଶ କରିଥିବା ସ୍ପଷ୍ଟ ସଙ୍କେତ ଦେଇଛି।


GOVERNMENT OF ODISHA 19001/169/2627

**Panchayat Samiti, Junagarh**

E-Procurement Notice

Bid Identification No. PS-JNG-T-3/2026-27

| | | |
|---|---|---|
| 1 | No. of the work | Building works 1 nos. |
| 2 | Estimated cost | Rs. 17.47 lakh |
| 3 | Class of Contractor | "C" & "D" |
| 4 | Period of completion | 6 months |
| 5 | Date and time of availability of bid document in the portal | 11.00 hrs of 01.08.2026 to 17.00 hrs of 17.08.2026 |
| 6 | Last date/Time for receipt of bid in the portal | 17.00 hour of 17.08.2026 |
| 7 | Name and address of the Officer Inviting Bid | Block Development Officer, Junagarh |
| 8 | Date & Venue of Opening of the Single Cover Bid and Technical Bid (Cover 1) | On 18.08.2026 at 11.00 AM in the Office of the Panchayat Samiti, Junagarh |

Further details can be seen from the e-procurement portal: https://tendersodisha.gov.in

Block Development Officer Junagarh

OIPR-19001/19180/1/26-27/0001

GOVERNMENT OF ODISHA 32001/626/2627

DEPARTMENT OF WATER RESOURCES

OFFICE OF THE SUPERINTENDING ENGINEER

CHHELIGADA HEADWORKS DIVISION, AT/PO: MAHENDRAGADA, VIA: CHANDRAGIRI, DIST: GAJAPATI. PIN – 761017.

e-mail: eechwd@gmail.com

e-Procurement Notice No. SE-CHWD-01/2026-27

1. **Type of Work** :- Building work
2. **Total No of Works** :- 04 (Four) Nos.
3. **Amount put to tender** :- Varies from **₹13.61 Lakh to ₹13.38 Lakh**
4. **Period of completion** :- 06 (Six) calendar months
5. **Paper Cost** :- ₹6000/- per each
6. **Class of Contractor** :- **'D' & 'C' Class of Contractor**

| Sl. No. | Procurement Officer | Bid Identification No. | Name of the Work | Bid Amount (Rs. in lakh) | Availability & Submission of Bid Online | Date and Place of Opening of Technical Bids Online |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Superintending Engineer, Chheligada Headworks Division, Mahendragada | e-CHWD-01/2026-27 | Construction of Anganwadi center for R&R colony Bidyadharpur of Chheligada Irr. Project | 13.61 | From 03.08.2026, 11.00 A.M. to 14.08.2026, 5.00 P.M. | 17.08.2026 (11.30 A.M.) in the office of the Superintending Engineer, Chheligada Headworks Division, Mahendragada. |
| 2 | | e-CHWD-02/2026-27 | Construction of Anganwadi center for R&R colony Chakundapalli of Chheligada Irr. Project | 13.43 | | |
| 3 | | e-CHWD-03/2026-27 | Construction of Anganwadi center for R&R colony Balipata of Chheligada Irr. Project | 13.38 | | |
| 4 | | e-CHWD-04/2026-27 | Construction of Anganwadi center for R&R colony Babulibandha of Chheligada Irr. Project | 13.38 | | |

Bidders are to participate in online bidding only. Further details can be seen from the Govt. of Odisha e-Procurement Website www.tendersodisha.gov.in. Any addendum/corrigendum/cancellation of the tender can be seen in the above website only.

Superintending Engineer, Chheligada Headworks Division, Mahendragada

OIPR-32001/32109/1/26-27/0001

25001/846/2627 E_maill: rw_bhawanipatna@yahoo.co.in

GOVERNMENT OF ODISHA

OFFICE OF THE SUPERINTENDING ENGINEER

RURAL WORKS, DIVISION, BHAWANIPATNA.

Letter No. 2265 Date: 24.07.2026

e-Procurement Notice

Bid identification No: SERWBPT/Online-05/2026-27

1. Class of Contractor
   a) Estimated cost more than Rs.20.00 lakhs And less than Rs.3.00 Crore : **B Class Contractor** of Odisha PWD) or relevant class of other licensing authorities.
   b) Estimated cost more than Rs.20.00 lakhs And less than Rs.40.00 Lakhs : **C Class & B Class Contractor** of Odisha PWD) or relevant class of other licensing authorities
   c) Estimated cost less than Rs.20.00 lakhs : **D Class & C Class Contractor** of Odisha PWD) or relevant
2. Period of Completion : **As mentioned in the Annexure column-07**
3. E.M.D. required : The bidders shall transfer on line the EMD of the Amount as specified for the work in the table Col no-4 in the Annexure-A.
4. Cost of tender Paper : **As mentioned in the Annexure column-05**
5. Mode of Submission of Tender : Tender should be submitted online in www.tendersorissa.gov.in
6. Period of availability of tenders on-line / Date and time of bidding online /last date of seeking clarification / date of opening of Tender Papers. : The details are as follows.
7. Other details : As per DTCN & www.tendersorissa.gov.in

| Procurement Officer | Bid Identification No | Availability of Tender on line for bidding | | Last date & time of seeking tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer R.W. Division, Bhawanipatna | SERWBPT-online-05/2026-27 | 05.08.2026 At 10.00 AM | 24.08.2026 Up to 5.00 PM | 24.08.2026 Up to 5.00 PM | 25.08.2026 At 11.00 AM | Will be intimated Separately |

Other details can be seen in the bidding documents, which is available in website www.tendersorissa.gov.in

Supereintending Engineer Rural Works Division,Bhawanipatna

OIPR-25001/25070/1/26-27/0003

**NOTICE**

By virtue of an affidavit sworn before the Notary Public, Bhubaneswar, dated 22/06/2026 I, RASHMINANDITA JENA, W/o- SRIKANTA RAUT , Resident of of Duplex-104, Plot No-388 Nandan Villa, Raghunathpurjalli, Raghunathpur, Po-Kalarahanga, Bhubaneswar, Dist-Khordha, ODISHA-751024, I declare that my name changed from **RASMINANDITA RAUT** to **RASHMINANDITA JENA**. Henceforth, I Shall be known as **RASHMINANDITA JENA** for all future purposes.

**RASHMINANDITA JENA**

**AFFIDAVIT**

I, SANJAYA KUMAR SHARMA, aged about 42 years, S/o- PRAFULLA KUMAR NATH, Resident of AT-KAUPADA, PO-BAGHILO BABANPUR, PS-DERABIS, DIST- KENDRAPARA- 754208. ODISHA, declared by this Affidavit No.866/2026 Dated. 29.07.2026, That now onwards I shall Be Known as **SANJAY SHARMA** for all future Purposes.

**AFFIDAVIT**

By virtue of an affidavit no. 37 before the Executive Magistrate, Rairakhol, dtd-29/07/2026, I, Satyajit Meswa, Vill- Kadaligarh, P.S. Rairakhol, Dist. Sambalpur, hereby declare that the name of my minor son has been changed from Sajansip Meswa to Ritesh Meswa. Both names refer to the same person. Henceforth he shall be known as **Ritesh Meswa** for all purposes.

**Satyajit Meswa**

**AFFIDAVIT**

By virtue of an affidavit no. 826 before the Executive Magistrate, Nabarangpur, dtd-29/07/2026, I, Sri Sekhar Hial, Vill- Kangara, P.S. Tentulikhunti, Dist. Nabarangpur hereby declare that my name has been wrongly recorded as Sekhar Harijan, S/o Kurupasindhu Harijan, in my Driving Licence but my correct name is Sekhar Hial, S/o Moya Hial, as per my Aadhaar and PAN. Henceforth, I shall be known as **Sekhar Hial, S/o Moya Hial** for all purposes.

**Sd/- Sekhar Hial**

**AFFIDAVIT**

I, Phanindra Bhusan Sahu (59) S/o Gayadhar Sahu of GG-9, Civil Township, Rourkela-4, P.S : Raghunathpalli, Dist-Sundargarh do hereby declare vide affidavit No A/66, dtd 30. 07. 2026 sworn before the Executive Magistrate, Uditnagar, Rourkela that, my correct name is Phanindra Bhusan Sahu, which is mentioned in my Voter ID, Bank Passbook etc. whereas in my Aadhar card No.4366 9094 4315 the same is mentioned wrongly as Ffanindra kumar Sahu. Hence both the names stand for one and same person i.e. myself, which will be produced for Adhar correction before the competent authority. The facts stated above are true to my knowledge.

**LOST**

I jagannath sahu (31) son of Prabhakar Sahu of resident Brahmin Sahi, Rayagada PS/District Rayagada,i lost my certificate 1. B Tech electrical engineering bearing Regd No-1221317047 and issued with certificate SL No-DO8160122160 and Certificate No- BPC140121369 2. 10 th Board,Roll No- 04 PH 086,board of Secondary Education, 3. Diploma in Electrical bearing,No-F0956022141and issued with Certificate SL No- 12/378122. I have lodged a FIR at Rayagada police station vide GD No.006 dated 06/11/2025 time-12:13pm If anyone finds it kindly inform me on below mentioned contact no-9040959673.

# ବନ୍ୟା ଉଜାଡ଼ିଲା ଫସଲ | ୧୧ ହଜାର ହେକ୍ଟରରୁ ଅଧିକ ଚାଷଜମି ଜଳମଗ୍ନ

ବାଲେଶ୍ୱର, ୩୦।୭ (ସମିସ)



ଲଗାଣ ବର୍ଷା ଏବଂ ଉପରମୁଣ୍ଡରୁ ଆସିଥିବା ବନ୍ୟାଜଳ ଯୋଗୁଁ ଜିଲ୍ଲାର ବିସ୍ତୃତ ନଦୀକୂଳିଆ ଏବଂ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପ୍ରକୃତିର ଏହି କୋପ ଯୋଗୁଁ ସବୁଠାରୁ ବେଶି ପ୍ରଭାବିତ ହୋଇଛନ୍ତି ସାଧାରଣ ଚାଷୀ। ବର୍ଷାର ଆରମ୍ଭରୁ ହସୁଥିବା ସବୁଜ ଧାନ କ୍ଷେତ ଏବେ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ସମୁଦ୍ରର ରୂପ ଧାରଣ କରିଛି। ପ୍ରାଥମିକ ଆକଳନ ଅନୁଯାୟୀ, କେବଳ ବାଲେଶ୍ୱର ସଦର ବ୍ଲକରେ ହିଁ ପ୍ରାୟ ୧୧ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ବନ୍ୟା ପାଣି ଠିଆ ହୋଇ ରହିଛି, ଯାହାକି ଆଗାମୀ ଦିନରେ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯିବାର ବଡ଼ ଆଶଙ୍କା ସୃଷ୍ଟି କରିଛି। ବାଲେଶ୍ୱର ଜିଲ୍ଲା ପାଇଁ ବନ୍ୟା କୌଣସି ନୂଆ କଥା ନୁହେଁ। ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇଲେ ବାଲେଶ୍ୱର ସଦର, ବସ୍ତା, ଜଳେଶ୍ୱର, ଭୋଗରାଇ ଏବଂ ରେମୁଣା ବ୍ଲକର ବିସ୍ତୃତ ଚାଷ ଜମି ପ୍ରତିବର୍ଷ ଏହିପରି ଜଳମଗ୍ନ ହୋଇଥାଏ। ପୂର୍ବରୁ ଅନେକ ଥର ଭୟଙ୍କର ବନ୍ୟା ସମୟରେ ଚାଷୀଙ୍କ ହଜାର ହଜାର ହେକ୍ଟର ଚାଷ ଜମିରେ ଦୀର୍ଘ ଦିନ ଧରି ପାଣି ଜମି ରହିବା ଯୋଗୁଁ ଗଜା ରୁଆ ଓ ବୁଣା ଧାନ ଗଛ ପଚିନଷ୍ଟ ହୋଇଯାଇଥିବାର ନଜୀର ରହିଛି। ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ହେଉଥିବା ଏହି ବନ୍ୟା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥାଏ। ଚଳିତ ବର୍ଷ ମଧ୍ୟ ସେହି ସମାନ ସ୍ଥିତି ଦୋହରାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସଦର ବ୍ଲକର, ଏବେ ପାଣି ଘେରରେ ରହିଛି। ସଦର ବ୍ଲକର ବଇଁଚା, ହଳଦୀପଦା, ବୁଆଁଳ, ଚାନ୍ଦିପୁର, ଗୋପୀନାଥପୁର, କୁରାଡ଼ିଆ, ନଗ୍ରମ, ଓଲନ୍ଦା ସାରଗାଁ, ଓଡ଼ଙ୍ଗୀ, ପରୀକ୍ଷୀ, ପାତ୍ରପଡା, ସିନ୍ଧିଆ ଓ ଶ୍ରୀକୋଣା ପଂଚାୟତର ସହ ବିଭିନ୍ନ ପଂଚାୟତ ସମେତ ତୋଟାପାଳ, ପାଖରାବାଡ, ରଘୁନାଥପୁର, ବଳରାମଗଡି, ମୀର୍ଜାପୁର, ଚାନ୍ଦିପୁର, ନଳକୂଳୀ, ମାଣିକୁଲା, କାଠପାଳ, ପରମାନନ୍ଦପୁର, ଫୁଲୱରକସବା, କଂଟାବଣିଆ ଆଦି ପ୍ରଭାବିତ ଅଞ୍ଚଳଗୁଡ଼ିକରେ ହଜାର ହଜାର ଏକର ଧାନ ଜମିରେ କେବଳ ପାଣିର ଲହଡ଼ି ଭାଙ୍ଗୁଛି। ଅନ୍ୟପଟରେ ଚାଷୀମାନେ ଧାର-କରଜ କରି, ସାର ଓ ବିହନ ପାଇଁ ଟଙ୍କା ଖର୍ଚ୍ଚ କରି ଯେଉଁ ଧାନ କ୍ଷେତକୁ ସଜାଡ଼ିଥିଲେ, ତାହା ଆଖି ପିଛୁଳାକେ ବନ୍ୟାଜଳରେ ଲୀନ ହୋଇଯାଇଛି। ଯଦି ଆଗାମୀ ୨ରୁ୩ ଦିନ ମଧ୍ୟରେ ଜଳସ୍ତର ହ୍ରାସ ନ ପାଏ, ତେବେ ବୁଡ଼ି ରହିଥିବା ତଳି ଧାନ ଗଛଗୁଡ଼ିକ ସମ୍ପୂର୍ଣ୍ଣ ପଚିଯିବ ଯାହା ଫଳରେ ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଯିବ। ଏହାଛଡା ସେମାନେ ବର୍ଷସାରା ପରିବାର ପ୍ରତିପୋଷଣ କରିବା ପାଇଁ କଷ୍ଟକର ହୋଇପଡ଼ିବ। ଫଳରେ ଚାଷ ଉଜୁଡ଼ିଯିବା ଭୟରେ ଚାଷୀକୂଳ ଏବେ ଚିନ୍ତାଗ୍ରସ୍ତରେ ରହିଛନ୍ତି। ଏହି ସଂକଟଜନକ ସ୍ଥିତିକୁ ଦୃଷ୍ଟିରେ ରଖି କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ କ୍ଷତି ଗ୍ରସ୍ତ ଅଞ୍ଚଳ ତଦାରଖ କରି ନଷ୍ଟ ହୋଇଥିବା ଚାଷ ଜମିର ଆକଳନ ସ୍ପଷ୍ଟ କରିବା ସହ ପ୍ରଭାବିତ ଚାଷୀମାନଙ୍କୁ ସରକାରୀ ସହାୟତା ଏବଂ ବିକଳ୍ପ ଚାଷ ପାଇଁ ବିହନ ଯୋଗାଇଦେବାକୁ ଦାବି ହେଉଛି। ଏ ନେଇ ଚାଷୀ ସତ୍ୟନାରାୟଣ ସାହୁ କହିଛନ୍ତି ଯେ, ଚଳିତ ବର୍ଷ ସେ ଦେଢ଼ ଏକର ଜମିରେ ଚାଷ କରିବା ପାଇଁ ୨୦କେଜି ବିହନ ବୁଣି ଥିଲେ। ବିହନ ବୁଣିବାର ଦୁଇ ଦିନ ପରେ ଲଘୁଚାପ ବର୍ଷା ହେଇଥିଲା ଏବଂ ପରେ ବନ୍ୟା ହେଲା। ସେଥିରେ ତାଙ୍କ ବିଲରେ ପାଣି ଠିଆ ହେଇ ରହିଛି ଯାହଫଳରେ ତାଙ୍କ ବିହନ ସବୁ ନଷ୍ଟ ହୋଇଯାଇଛି। ଏବେ କଣ କହିବେ ସେଇ ଚିନ୍ତାରେ ରହିଛନ୍ତି କହିଛନ୍ତି। ଅନ୍ୟପଟେ ସଦର ବ୍ଲକ କୃଷି ଅଧିକାରୀ ଅଳକା ସାହୁ କହିଛନ୍ତି ଯେ, ପ୍ରାଥମିକ ସ୍ତରରେ ୧୧ହଜାର ହେକ୍ଟର ଜମିରେ ପାଣି ମାଡ଼ି ରହିଛି ବୋଲି ତଥ୍ୟ ପ୍ରଦାନ କରାଯାଇଛି। ଏଥିରେ ରୁଆ ଆଉ ବୁଣା ସାମିଲ ଥିଲା। ତେବେ ବିଲରୁ ପାଣି ଛାଡିବା ପ୍ରକୃତ ତଥ୍ୟ ଜଣା ପଡ଼ିବ।

## ତଳିଆ ଅଞ୍ଚଳରେ ପଶିଲା ବନ୍ୟା ପାଣି



**କାଳିପଦା, ୩୦।୭ (ସମିସ):** ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ଆଜି ସୁବର୍ଣ୍ଣ ରେଖା ନଦୀର ଜଳ ପତନରେ ବୃଦ୍ଧି ଘଟିଛି। ନଦୀ ତଟ ତଳିଆ ଅଞ୍ଚଳରେ ସନ୍ଧ୍ୟା ବେଳକୁ ବନ୍ୟା ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। କ୍ରମାଗତ ଭାବରେ ପାଣି ବଢୁ ଥିବାରୁ ଲୋକେ ଶଙ୍କାରେ ରହିଛନ୍ତି। ଜଳେଶ୍ୱର ବ୍ଲକ ରାଜଘାଟ ଠାରେ ନଦୀର ଜଳ ପତନ ୮. ୫୪ ମିଟର ରହିଛି। ଏଠାରେ ସତର୍କ ସୂଚନା ୯. ୪୫ ମିଟର ରହିଥିବା ବେଳେ ବିପଦ ସଂକେତ ହେଉଛି ୧୦. ୩୬ ମିଟର। ବନ୍ୟା ପାଣି ବାଲିଆପାଳ ପଞ୍ଚାୟତର ମନୁ ନଗର, ତଳ ବାଲିଆପାଳ, ଗୁନାପୁର, ଆଠବାଟିଆ, ବିଷ୍ଣୁପୁର ପଞ୍ଚାୟତର ବିଷ୍ଣୁପୁର, ରସଲପୁର, ନୟାବାଲି, ଜାମ କୁଣ୍ଡା ପଞ୍ଚାୟତର କୁହ୍ଲାଚଡ଼, ତାଳପଦା , ଅସ୍ତି ପଞ୍ଚାୟତର ଚଡ଼ ବଢାପାଳ, ଛୋଟ ଖାନପୁର, ଘଣ୍ଟୁଆ ପଞ୍ଚାୟତ ର ଚଡ଼ ପାଳପଡ଼ା, ପାଳଚମ୍ପେଇ, ନିଖିରା ପଞ୍ଚାୟତର ପାଳପଡ଼ା, କୁମ୍ଭାରୀ ପଞ୍ଚାୟତର ଝଲ ଝଲିଆ ଆଦି ଗାଁ କୁ ବନ୍ୟା ପାଣି ପଶିଛି। ବଢାପାଳ ହାଟ ଓ ପାଳ ପଡ଼ା ନଦୀ ବନ୍ଧ ଦୁର୍ବଳ ଥିବାରୁ ସେହିସବୁ ତଳିଆ ଅଞ୍ଚଳର ଲୋକ ମାନେ ଭୟ ଭୀତ ଅବସ୍ଥାରେ ରହିଛନ୍ତି। ତେବେ ବନ୍ୟାର ଆଶୁ ମୁକାବିଲା ପାଇଁ ପ୍ରଶାସନ ସବୁ ପ୍ରକାର ବ୍ୟବସ୍ଥା କରିଛି ବୋଲି ବିଡ଼ିଓ ରାଜ କିଶୋର ଦାସଙ୍କ ସୂତ୍ରରୁ ପ୍ରକାଶ। ବନ୍ୟା ଅଞ୍ଚଳର ସମସ୍ତ ସରପଞ୍ଚ ମାନଙ୍କୁ ସଜାଗ ରହିବା ପାଇଁ କୁହାଯାଇଛି। ବାତ୍ୟା ଆଶ୍ରୟ ସ୍ଥଳୀକୁ ମଧ୍ୟ ପ୍ରସ୍ତୁତ କରି ରଖା ଯାଇଛି। ଲୋକେ ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆ ଯାଇଛି ବୋଲି ବିଡ଼ିଓ ମଧ୍ୟ କହିଛନ୍ତି।

## ରିଲିଫ୍ ବାଣ୍ଟିବାକୁ ଯାଇ ଗାଁରେ ରେମୁଣା ବିଧାୟକ ହଟହଟା



**ବାଲେଶ୍ୱର, ୩୦।୭ (ସମିସ):** ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସାଳପୁର ପଞ୍ଚାୟତର କୁସୁମୁଲି ପାହି ଗାଁରେ ବନ୍ୟା ଓ ଜଳବନ୍ଦୀ ସମସ୍ୟାର ସମୀକ୍ଷା କରିବା ସହ ରିଲିଫ ସାମଗ୍ରୀ ବାଣ୍ଟିବାକୁ ଯାଇ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ। ଗୁରୁବାର ବିଧାୟକ ନିଜର ଗାଡ଼ି ଓ ସୁରକ୍ଷାକର୍ମୀଙ୍କ ସହ କୁସୁମୁଲି ପାହି ଗାଁକୁ ଯାଇଥିଲେ। ମାତ୍ର ସେଠାରେ ପହଞ୍ଚିବା ପରେ ସ୍ଥାନୀୟ ମହିଳା ଓ ଗ୍ରାମବାସୀ ସଂଘବଦ୍ଧ ହୋଇ ତାଙ୍କୁ ଘେରିଥିଲେ। ଦୀର୍ଘଦିନ ହେବ ଜଳବନ୍ଦୀ ସମସ୍ୟା ଓ ଅନ୍ୟାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଚଣ୍ଡ ଅସନ୍ତୋଷ ପ୍ରକାଶ ପାଇଥିଲା। ସେଠାରେ ପହଞ୍ଚିବା ପରେ ବିଧାୟକ ଗ୍ରାମବାସୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ହେଁ, ଲୋକମାନେ ନିଜ ନିଜର ଅଭିଯୋଗ ନେଇ ବିଧାୟକଙ୍କ ସହ ପାଟିତୁଣ୍ଡ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ବିଧାୟକ ଗାଡ଼ିରୁ ଓହ୍ଲାଇ ଲୋକଙ୍କୁ ଶାନ୍ତ କରିବାକୁ ବାଧ୍ୟ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କେବଳ ସଙ୍କଟ ସମୟରେ ଫଟୋ ଉଠାଇବା ଓ ଭିଡିଓ କରିବା ପାଇଁ ନେତାମାନେ ଗାଁକୁ ଆସୁଛନ୍ତି, ମାତ୍ର ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ବିଧାୟକଙ୍କ ସୁରକ୍ଷାକର୍ମୀ ଓ ପୁଲିସ କର୍ମଚାରୀମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ପାଣି ନିଷ୍କାସନ ବେଳେ ଜେସିବି ଉପରେ ଚଢ଼ିଲେ ମହିଳା

**ସୋର, ୩୦।୭ (ସମିସ):** ଚଳିତ ଲଗାଣ ବର୍ଷା ଫଳରେ ସୋରରେ ବନ୍ୟା ପରିସ୍ଥିତି ଉପୁଜିଛି। କିନ୍ତୁପୌର ପାଳିକା ଅନ୍ତର୍ଗତ କଲେଜ ଛକରେ ବିନା ଅନୁମତିରେ ପୋଲ ନିର୍ମାଣ ଦ୍ୱାରା ପାଣି ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଛି। ଏପରି ସ୍ଥଳେ ପ୍ରଶାସନ ତରଫରୁ ବେଆଇନ ପୋଲକୁ ଉଚ୍ଛେଦ କରାଯାଇ ଜଳ ନିଷ୍କାସନ କରାଯାଉଛି। ମାତ୍ର କେତେକ ମୁଷ୍ଟିମେୟ ଲୋକଙ୍କ ମନମାନି ପାଇଁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଆଜି ସୋର କଲେଜ ଛକସ୍ଥିତ ଗଳା ପୋଲ ନିକଟରେ ବର୍ଷା ଜଳ ନିଷ୍କାସନରେ ବାଧା ଉପୁଜିବାରୁ ତହସିଲ ପକ୍ଷରୁ ସେଠାରେ ବେଆଇନ ଓ ଅବୈଧ ପୋଲକୁ ଉଚ୍ଛେଦ କରାଯାଇଛି। ଏହି ସମୟରେ କଲେଜ ଛକରେ ଥିବା ଏକ ବହୁତଳ ଅଟ୍ଟାଳିକାରେ କାର୍ଯ୍ୟରତ କିଛି ମହିଳା ଉଚ୍ଛେଦକୁ ବିରୋଧ କରି ଜେସିବି ଉପରକୁ ଚଢି ଯାଇଥିଲେ। ଫଳରେ ଉଚ୍ଛେଦ କାର୍ଯ୍ୟରେ ବାଧା ଉପୁଜିବାରୁ ଜଳ ନିଷ୍କାସନ ହୋଇ ପାରି ନ ଥିଲା। ପରେ ଅତିରିକ୍ତ ତହସିଲଦାର ସଞ୍ଜୀବ କୁମାର ପାତ୍ର ସୋର ପୋଲିସ ସହାୟତାରେ ସେମାନଙ୍କୁ ହଟାଇବା ପରେ ଜେସିବି ସହାୟତା ରେ ଅବରୋଧ ଉଚ୍ଛେଦ କରାଯାଇ ଜଳ ନିଷ୍କାସନ କରାଯାଇଥିଲା। ସେହିପରି ଶରଶଙ୍କ ଠାରେ ସ୍ଥାନୀୟ ଗ୍ରାମବାସୀମାନେ ବିନା ପ୍ରଶାସନିକ ଅନୁମତିରେ ବ୍ୟକ୍ତିଗତ ଅବୈଧ ପୋଲକୁ ଅବରୋଧ ହଟାଇ ଜଳ ନିଷ୍କାସନ କରିଥିଲେ। ଏହି ସମୟରେ କୁଡେଇ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କୁମାର ବାରିକ ଉପସ୍ଥିତ ରହି ବେଆଇନ ସରକାରୀ ଜାଗା ଗୁଡ଼ିକରେ ବେଆଇନ ନିର୍ମାଣ ଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥିଲେ।



## ବର୍ଷାରେ ଧୋଇଗଲା ରାସ୍ତା



**ବାଲେଶ୍ୱର, ୩୦।୭ (ସମିସ):** ଲଗାଣ ବର୍ଷାରେ ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ବେଶ୍ୱରପୁର ଗ୍ରାମର ପୂର୍ବପାଶ୍ୱର୍ ବଡଖୁଆଆଡି ଉପଜାତି ବସ୍ତିର ଲୋକମାନଙ୍କ ଦୀର୍ଘଦିନର ସମସ୍ୟା ପୁଣିଥରେ ପ୍ରକଟ ହୋଇଛି। ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନର ଉଦାସୀନତା ଯୋଗୁଁ ବସ୍ତିବାସୀ ନିଜ ଉଦ୍ୟମରେ ନିର୍ମାଣ କରିଥିବା ରାସ୍ତାଟି ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ପରମାନନ୍ଦ ସେଠୀଙ୍କ ଘରଠାରୁ ଲାଇବ୍ରେରୀ ଖାଲ ପର୍ଯ୍ୟନ୍ତ ଥିବା ଏହି ରାସ୍ତା ଉପରେ ଦୀର୍ଘ ସମୟ ଧରି ବର୍ଷା ଓ ବନ୍ୟାଜଳ ପ୍ରବାହିତ ହେବାରୁ ତାହା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ରାସ୍ତାଟି ଚାଲିବା ଅବସ୍ଥାରେ ନଥିବାରୁ ସାଧାରଣ ଲୋକଙ୍କ ସହ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ରୋଗୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। ତେଣୁ ବସ୍ତିବାସୀମାନେ ତୁରନ୍ତ ରାସ୍ତାର ମରାମତି ସହ ବନ୍ୟାଜଳର ସ୍ଥାୟୀ ନିଷ୍କାସନ ବ୍ୟବସ୍ଥା କରି ଏକ ପକ୍କା ସଡ଼କ ନିର୍ମାଣ କରିବାକୁ ଦୃଢ଼ ଦାବି ଜଣାଇଛନ୍ତି। ଏ ନେଇ ସାମାଜିକ କର୍ମୀ ମୋନାଲିସା ମୋନାଲିସା ସେଠୀ, ଜୟନ୍ତୀ ସେଠୀ, ଶାନ୍ତିଲତା ସେଠୀ, ହରେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ବନପ୍ରଭା ଜେନା, ବାସନ୍ତୀ ପ୍ରଧାନ, ଲାଇସୁ ପ୍ରଧାନ ପ୍ରମୁଖ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଅବିଳମ୍ବେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।

## ବନ୍ୟା ବିପନ୍ନଙ୍କୁ ଖାଦ୍ୟ ଓ ପଲିଥିନ୍ ବଣ୍ଟନ

**ବାଲେଶ୍ୱର,୩୦।୭ (ସମିସ):** ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ସହର ସମେତ ଉପକଣ୍ଠ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଜଳବନ୍ଦୀ ହୋଇଥିବାରୁ ଲୋକେ ରୋଷେଇ କରି ନପାରି ଭୋକିଲା ଅବସ୍ଥାରେ ରହିଛନ୍ତି। ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦେଖି ବିକ୍ରମ ପଣ୍ଡା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ରିଲିଫ୍ ବଣ୍ଟନ କରାଯାଇଛି। ଫାଉଣ୍ଡେସନର ମୁଖ୍ୟ ତଥା ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସଦସ୍ୟମାନେ ବାଲେଶ୍ୱର ମ୍ୟୁନିସିପାଲିଟି ୧୨ ନମ୍ବର ୱାର୍ଡର ଦୌଡ଼ିଭଙ୍ଗା ଅଞ୍ଚଳରେ ପହଞ୍ଚି ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ରନ୍ଧା ଖାଦ୍ୟ ବଣ୍ଟନ କରିଥିଲେ। ପରେ ୨୪ ନମ୍ବର ୱାର୍ଡ ଅନ୍ତର୍ଗତ ବାରବାଟୀ ବାଳିକା ସ୍କୁଲରେ ଆଶ୍ରୟ ନେଇଥିବା ବନ୍ୟାବିପନ୍ନଙ୍କୁ ମଧ୍ୟ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହା ପରେ ଶ୍ରୀ ପଣ୍ଡା ସଦର ବ୍ଲକ୍‌ର ହଳଦିପଦା ଓ ରାଇସୁଆଁ ପଞ୍ଚାୟତ ପରିଦର୍ଶନ କରି ସେଠାରେ ବାସହୀନ ପରିବାରଙ୍କୁ ରିଲିଫ୍ ଖାଦ୍ୟ ସହ ପଲିଥିନ ବଣ୍ଟନ କରିଥିଲେ।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ହସ୍ପିଟାଲ ସମ୍ମୁଖରେ ଗଣଧାରଣା

**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୩୦।୭ (ସମିସ):** ରବିବାର ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଜି. କେ. ଭଟ୍ଟର ହସ୍ପିଟାଲ ପରିସରରେ ଜଳେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସପିଟାଲ ଏକ୍ସନ କମିଟି ପକ୍ଷରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତକୁ ନେଇ ଏକ ଗଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଶାଖାର ସଭାପତି କମଳ ଚକ୍ରବର୍ତ୍ତୀ ସଭାପତିତ୍ୱରେ ଆୟୋଜିତ ଏହି ଗଣ ଧାରଣାରେ ସମ୍ପାଦକ ଅଜିତ କୁମାର ମହାନ୍ତି, କେନ୍ଦ୍ରୀୟ କମିଟିର ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବାଲେଶ୍ୱର ଜିଲ୍ଲା ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ରମେଶ ଚନ୍ଦ୍ର ଜେନା, ଡଃ ରମାକାନ୍ତ ଭଞ୍ଜ, ଶରତ ଚନ୍ଦ୍ର ପରିଡ଼ା, ଭାସ୍କର ଚନ୍ଦ୍ର ମିଶ୍ର, ଡଃ ଲଳିତ ରଂଜନ ସେନାପତି, କାଳି ଚରଣ ପୁଷ୍ଟି, ମହେଶ୍ୱର ଜେନା, ଇଂ ରାମଚନ୍ଦ୍ର ସାହୁ, ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ସବିତା ଭୂୟାଁ, ରତ୍ନାକର ରାୟ, ଦୀପ୍ତିମାନ ଆଚାର୍ଯ୍ୟ, ପ୍ରଶାନ୍ତ ପାତ୍ର, ଜଗଦୀଶ ନନ୍ଦୀ, ପଲ୍ଟୁ ଦାସ, ସୁଦାମ ପାତ୍ର, ସୁକୁମାର ରଣା, ଡ. ରଜନୀ କାନ୍ତ ଭୂୟାଁ, ସୁମନ୍ତ ଘୋଷ, ରବିନ୍ଦ୍ର ନାଥ ବାରିକ, ସୁଶାନ୍ତ ରାଉତ, ସୁକୁମାର ଦତ୍ତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଜି କେ ଭଟ୍ଟର ହସ୍ପିଟାଲ, ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜଳେଶ୍ୱର ବ୍ଲକରେ ଥିବା ବିଭିନ୍ନ ଆରୋଗ୍ୟ ମନ୍ଦିରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର, ଜି କେ ଭଟ୍ଟର ହସ୍ପିଟାଲରେ ହାର୍ଟ ପରୀକ୍ଷା ପାଇଁ ଇକୋ ମେସିନ, ଏମ ଆର ଆଇ ମେସିନ, ରକ୍ତ ସଂଗ୍ରହ କେନ୍ଦ୍ର ପାଇଁ ଜଳେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଥିଲା। ଶେଷରେ ୬ ଦଫା ସମ୍ବଳିତ ଏକ ଦାବିପତ୍ର ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲର ମୁଖ୍ୟ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।



## ତହସିଲ କାର୍ଯ୍ୟାଳୟ ଛାତରୁ ପାଣି ଗଳୁଛି



**ସିମୁଳିଆ,୩୦।୭ (ସମିସ):** ଲଗାଣ ବର୍ଷା ଯୋଗୁଁ ସିମୁଳିଆ ଅଞ୍ଚଳରେ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି ଅବସ୍ଥାରେ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ବିଭିନ୍ନ ଅଞ୍ଚଳ ବୁଲି ବୁଲି ପରିଦର୍ଶନ କରୁଛନ୍ତି । ହେଲେ ତହସିଲ କାର୍ଯ୍ୟାଳୟ ଛାତରୁ ପାଣି ପଡି କାର୍ଯ୍ୟାଳୟ କାର୍ଯ୍ୟ କରୁଥିବା କର୍ମଚାରୀ କାର୍ଯ୍ୟ କରି ପାରୁ ନ ଥିବା ଦେଖିବାକୁ ମିଳିଛି । ପାଣି ପଡୁଥିବା କିଛି ସ୍ଥାନରେ ବାଲଟି, ମାଡିଆ ଆଦି ବାସନ କୁସନ ରଖି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା । ଏପରିକି ଅତିରିକ୍ତ ତହସିଲଦାରଙ୍କ ରୁମରେ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଥିଲା । ଏ ସଂକ୍ରାନ୍ତରେ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ଏହି କାର୍ଯ୍ୟାଳୟଟି ବହୁ ପୁରୁଣା ହେତୁ ଏହାର ଛାତ ନଷ୍ଟ ହୋଇଯାଇଛି । ଏ ବାବଦରେ ଆର.ଡ଼ି ଅଧିକାରୀଙ୍କୁ ଅବଗତ କରାଯାଇଛି ଖୁବ୍‌ଶୀଘ୍ର ଘର କାର୍ଯ୍ୟ ହେବା କଥା ବର୍ଷା ହେତୁ ବିଳମ୍ବ ହୋଇଛି ବୋଲି ପ୍ରକାଶ କରିଥିଲେ।

## ଔଷଧ ବ୍ୟବସାୟୀଙ୍କ ପରଲୋକ

**ସୋର, ୩୦।୭ (ସମିସ):** ସୋର ଅଡଙ୍ଗ ବଜାରସ୍ଥିତ ଅରୋ ଫାର୍ମାସିଟିକାଲ ଔଷଧ ଦୋକାନର ପ୍ରତିଷ୍ଠାତା ବ୍ରଜ କିଶୋର ପ୍ରଧାନଙ୍କ ଗତକାଲି ସନ୍ଧ୍ୟାରେ ସୋର ବାମ୍ଫି ଛକସ୍ଥିତ ପୈତୃକ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ତାଙ୍କ ମରଶରୀର ପାଖରେ ପୁତ୍ର, ପୁତ୍ର ବୋଧୂ, ଝିଅ, ଜ୍ୱାଇଁ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ସୋର ବଣିକ ସଂଘର ସଭାପତି ଅଦ୍?ତେ କୁମାର କରଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶେଷ ଦର୍ଶନ କରିଥିଲେ। ଆଜି ସୋର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି। ସାନ ପୁଅ ରମେଶ ଚନ୍ଦ୍ର ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ଗାଧୋଇବା ବେଳେ ନଈରେ ବୁଡ଼ି ଯୁବକ ମୃତ

**ସୋର, ୩୦।୭ (ସମିସ):** ସୋର ବ୍ଲକ ଦହିସଡା ପଞ୍ଚାୟତ ସୁଲତାନପୁର ଗ୍ରାମରେ ଗାଧୋଇବା ବେଳେ ନଈରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ବିଶ୍ୱଜିତ ପାତ୍ର (୨୨) ଆଜି ପୂର୍ବାହ୍ନରେ ଗ୍ରାମ ନିକଟ ନୂଆଗାଁ ଜେଲ ନିକଟରେ ଥିବା ଚିକିଡ଼ି ନଈକୁ ଅନ୍ୟ ଦୁଇ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଗାଧୋଇବା ସମୟରେ ନଈର ପ୍ରଖର ସୁଅରେ ଭାସି ଯାଇଥିବା ବେଳେ ଅନ୍ୟ ଦୁଇ ସାଙ୍ଗ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିବା ବେଳେ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ସୋର ତହସିଲଦାର କୃଷ୍ଣମୋହନ ସିଂହ ଓ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ବିଶ୍ୱଜିତଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଆରମ୍ଭ କରିଛି।

## ଦୋକାନରେ ପଶି ଭଙ୍ଗାରୁଜା କଲା ହାତୀ

ନୀଳଗିରି, ୩୦।୭ (ସମିସ): କୁଲଡିହା ଜଙ୍ଗଲରୁ ଏକ ହାତୀ ତାଳଖାଇବାକୁ ଆସି ପାହାଡ଼ ପାଦଦେଶରେ ଅବସ୍ଥିତ ଗାଁ ଗୁଡିକରେ ଥିବା ତାଳଗଛ ନିକଟରେ ପଡ଼ିଥିବା ପାଚିଲା ତାଳ ଖାଉଥିବା ଦେଖିବାକୁ ମିଳିଥିଲା। ଦିନ ପ୍ରାୟ ସାଢେ ସାତଟା ବେଳେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗାର୍ଡ ଜୟଲକ୍ଷ୍ମୀ ପୁହାଣଙ୍କ ସହିତ ସବୁଜବାହିନୀ ଜୟନ୍ତ ସେଠୀ, ମହେଶ୍ୱର ବେହେରା, କ୍ଷୀତିଶ ପରିଡା, ସ୍ଥାନୀୟଯୁବକ ମନୋରଞ୍ଜନ ଦାସଙ୍କ ସହ ଗ୍ରାମବାସୀ ହାତୀଟିକୁ ଖେଦିବାକୁ ଚେଷ୍ଟା କରିଥିଲେ। ମାତ୍ର ଯିବାରାସ୍ତାରେ କିଛି ଦେଖଣାହାରୀ ହାତୀଟିକୁ ବିରକ୍ତ କରିବାରୁ ହାତୀଟି ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଆଡ଼କୁ ଯାଇଥିଲା। ଯିବା ବାଟରେ ଗୁରୁଶକ୍ତି ହୋଟେଲ ସାମ୍ନାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଭାଙ୍ଗିଦେବା ଫଳରେ ନିକଟରେ ଥିବା ଏକ ଚାରିଚକିଆ ଯାନ କ୍ଷତିଗ୍ରସ୍ତ ହୋଇଥିଲା। ପରେ ହାତୀଟି ବସନ୍ତ ପାତ୍ର ଓ ମହେଶ୍ୱର ବେହେରାଙ୍କ ଦୋକାନ ଭିତରେ ପଶି ଜିନିଷପତ୍ର ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ପରେ ହାତୀଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ ହେଁ ଦୀର୍ଘ ୧ଘଣ୍ଟା ଧରି ତାଣ୍ଡବ ରଚିଥିବା ଜଣାଯାଇଛି।


# ବନ୍ୟାଜଳ ନିଷ୍କାସନରେ ବାଧା ସାଜିଛି ବେଆଇନ ନିର୍ମାଣ

ବସ୍ତା ବ୍ଲକ, ୩୦।୭ (ସମିସ)



ବସ୍ତା ବ୍ଲକ ଦେଇ ପ୍ରବାହିତ ନଦୀ ଜଳକାର ବନ୍ୟା ପରିସ୍ଥିତି ବର୍ଷକୁ ବର୍ଷ ଗମ୍ଭୀର ହେଉଛି। ଜଳକା ନଦୀ ଛୋଟ ହେଲେବି ବନ୍ୟା ଆସିଲେ ଭୟଙ୍କର ହୋଇ ଉଠେ। ପ୍ରତ୍ୟେକ ବର୍ଷ ଚାଷୀଙ୍କ ମେରୁଦଣ୍ଡ କୁ ଭାଙ୍ଗି ଦେଇଥାଏ ଜଳକାର ଏକାଧିକ ଥର ବନ୍ୟା। ପୂର୍ବ ବର୍ଷ ମାନଙ୍କରେ ବନ୍ୟା ଆସୁଥିଲେ ମଧ୍ୟ ଚାଷ ଜମି କୁ ଅଳ୍ପ କ୍ଷତି କରୁଥିଲା। ମାତ୍ର ଏବେ ରାଜସ୍ୱ ବିଭାଗ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ସହିତ ମୋଟା ଅଙ୍କର ଅର୍ଥ ଉତ୍କୋଚ ଆଗରେ ସମୂହ ସ୍ୱାର୍ଥ ବଳି ପଡୁଥିବା ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ଜଳ ନିଷ୍କାସନର ରାସ୍ତା ଅବରୋଧ, ଜବର ଦାଖଲ, ଜମି ମାଫିଆଙ୍କ ଟଙ୍କା ଆଗରେ ରାଜସ୍ୱ ବିଭାଗ ବଙ୍କା ହୋଇ ଯାଉଥିବା ଚର୍ଚ୍ଚା ହେଉଛି। ଜଳ ଦାଣ୍ଡ ଜମିକୁ ଘରବାଡ଼ି କରିବା ସହିତ ସବୁ ନିୟମକୁ ଖୋଲା ଖୋଲି ଉଲଂଘନ କରି ବସ୍ତା ରାଜସ୍ୱ ବିଭାଗ ସଲା ସୁତୁରାରେ ଜମି ବିକ୍ରି ହେଉଛି। ଜବର ଦଖଲ ତ ଦୂରର କଥା ନଦୀ ପୋଲ ଆଗରେ ପାଣି ନିଷ୍କାସନ ରାସ୍ତାକୁ ଅବରୋଧ କରି ଚାଲିଛି କୋଠା ନିର୍ମାଣ। ଯାହା ଫଳରେ ବନ୍ୟା ପରିସ୍ଥିତି ଗମ୍ଭୀର ହେଉଛି। ଏହି ଭଳି ଘଟଣା ବସ୍ତା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଅଧିନସ୍ଥ ଅଞ୍ଚଳରେ ଦେଖିବାକୁ ମିଳିଛି। ବସ୍ତା ଏନ୍‌ଏସିରେ ଏହିଭଳି ଏକ ଘଟଣା ସାମ୍ନାକୁ ଆସିଛି। ବସ୍ତା ଏନ୍‌ଏସି ଅନ୍ତର୍ଭୁକ୍ତ ଗୁଣ୍ଡୁରି ସାହି ଏକ ବନ୍ୟା ପ୍ରପୀଡ଼ିତ ଗ୍ରାମ। ବସ୍ତା ହସ୍ପିଟାଲରୁ ଗାନ୍ଧିଛକ ରାସ୍ତାର ଗୁଣ୍ଡୁରୀ ସାହି ଛକ ନିକଟରେ ଥିବା ଏକ ପୋଲ ଦେଇ ବନ୍ୟାଜଳ ଦ୍ରୁତ ବେଗରେ ନିଷ୍କାସିତ ହୋଇ ଥାଏ। ମାତ୍ର ଠିକ୍ ପୋଲ ଆଗରେ ଏକ ନିର୍ମାଣ କାର୍ଯ୍ୟ ଚାଲିଛି। ଯାହା ଫଳରେ ବନ୍ୟାଜଳ କୁ ଅବରୋଧ କରୁଥିବା ରୁ ଚାଷ ଜମି ରେ ବନ୍ୟା ପାଣି ଛାଡୁ ନଥିବା ଅଭିଯୋଗ ହୋଇଛି। ଏଠାରେ ପ୍ରଶ୍ନ ଉଠୁଛି ପୋଲ ଆଗରେ ଥିବା ଜମିକୁ ଘର ବାଡ଼ି ଦେଲା କିଏ? ଯଦି ଘରବାଡ଼ି ନାହିଁ ତାହାଲେ କେଉଁ ଅଧିକାରୀଙ୍କ ଓ ବିଭାଗର ଅନୁମତିରେ ନିର୍ମାଣ ଚାଲିଛି। ଯଦି ଘର ବାଡ଼ି ଜମି ଅଛି ତାହାଲେ କେଉଁ ରାଜସ୍ୱ ନିରୀକ୍ଷକ ଏହାକୁ ଘରବାଡ଼ି କରିବା ପାଇଁ ରିପୋର୍ଟ ଦେଲେ। ଖାଲି ଏହି ଗୋଟିଏ ଘଟଣା ନୁହେଁ ଏହିଭଳି ବସ୍ତା ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଗ୍ରାମମାନଙ୍କରେ କିସମ ପରିବର୍ତ୍ତେ କରି ଘରବାଡ଼ି କରି ଜମି ଦଲାଲ ଜମି ବିକୁଛନ୍ତି। ମୋଟା ଅଙ୍କର ଅର୍ଥ ନେଇ ତହସିଲ ରେ ନଥିଲା କାମ କରାଯାଉଥିବା ଶୁଣିବାକୁ ମିଳିଛି। ଏହାର ମୁଖ୍ୟ କାର୍ପଟଦାର ସାଜୁଛନ୍ତି ସେହି ଅଞ୍ଚଳ ର ରାଜସ୍ୱ ନିରୀକ୍ଷକ। ଏହିଭଳି ଜବରଦଖଲ, ନିର୍ମାଣ କାର୍ଯ୍ୟ ଜଳନିଷ୍କାସନ ରେ ବାଧା ସୃଷ୍ଟି କରିବାରୁ ବସ୍ତା ଚାଷୀଙ୍କ ଭାତହାଣ୍ଡି ଉଜୁଡ଼ି ଯାଉଛି। ଅନ୍ୟ ପକ୍ଷେ ବସ୍ତା ଡ୍ରେନେଜ ବିଭାଗ ନୟନଯୋରିକୁ ସଫା ନ କରିବାରୁ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟ ପକ୍ଷେ ଧୀରେ ଧୀରେ ନୟନ ଯୋରୀକୁ ପୋତି, ଜବରଦେଖଲ କରିବା ଓ ତାହା ଉପରେ ଅଣ ଓସାରିଆ ବେଆଇନ ପୋଲ ନିର୍ମାଣ ହେଉଥିବାରୁ ବନ୍ୟାଜଳ ନିଷ୍କାସନ ହୋଇ ନପାରି ଚାଷ ଜମି ଉପରେ ମାଡ଼ି ଚାଷ ନଷ୍ଟ କରୁଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ନିର୍ବାଚିତ ଜନପ୍ରତିନିଧିମାନେ ବନ୍ୟା ଅଞ୍ଚଳ ବୁଲିବା, ବନ୍ୟା ପ୍ରପୀଡ଼ିତଙ୍କ ଆଗରେ କୁମ୍ଭୀର କାନ୍ଦଣା କାନ୍ଦିବା ନିଜ ରାଜନୀତିର ଭୋଟ ବ୍ୟାଙ୍କକୁ ସାଇତି ରଖିବାର ଏକ ପ୍ରୟାସ ବୋଲି ଆଲୋଚନା ହେଉଛି। ଏହି ସମସ୍ୟା ଉପରେ ସରକାର ଧ୍ୟାନ ଦେବାକୁ ଲୋକେ ଦାବି କରିଛନ୍ତି।

## ପ୍ଲେଟଲେଟ୍ ଦାନକଲେ ସାମ୍ବାଦିକ



ବୈଶିଙ୍ଗା,୩୦।୭ (ସମିସ): ମାନବିକତାର ଏକ ଉଜ୍ଜ୍ୱଳ ନିଦର୍ଶନ ସୃଷ୍ଟି କରିଛନ୍ତି ବୈଶିଙ୍ଗାର ଜଣେ ସାମ୍ବାଦିକ। ଜୀବନ ବଞ୍ଚାଇବା ପାଇଁ ସେ ପ୍ରାୟ ୨୫୦ କିଲୋମିଟର ଦୂର ବୈଶିଙ୍ଗାରୁ ଭୁବନେଶ୍ୱରସ୍ଥ ଏମ୍ସ ହସ୍ପିଟାଲକୁ ଯାଇ ଏସ୍‌ଡିପି ପ୍ଲେଟଲେଟ ଦାନ କରିଛନ୍ତି। ହିତେଶ କୁମାର ନାଥ (୨୩) ନାମକ ଯୁବକ ଚିକିତ୍ସାଧୀନ ଥିବାବେଳେ ତାଙ୍କ ପାଇଁ ଜରୁରୀ ଭାବେ ଏସଡିପି ପ୍ଲେଟଲେଟର ଆବଶ୍ୟକତା ପଡ଼ିଥିଲା। କଟକର ସମାଜସେବୀ ପୁଷ୍ପଲତା ମହାନ୍ତିଙ୍କଠାରୁ ଖବର ପାଇ ବୈଶିଙ୍ଗା ପ୍ରେସ କ୍ଲବର ସାମ୍ବାଦିକ ଅବିନାଶ ପଣ୍ଡା ବିଳମ୍ବ ନ କରି ଭୁବନେଶ୍ୱର ଏମ୍ସରେ ପହଞ୍ଚି ପ୍ଲେଟଲେଟ ଦାନ କରିଥିଲେ। ତାଙ୍କର ଏହି ମହାନ ପଦକ୍ଷେପ ହିତେଶଙ୍କ ପରିବାର ପାଇଁ ଆଶାର ଆଲୋକ ସାଜିଛି। ହିତେଶଙ୍କ ବାପା ରତିକାନ୍ତ ନାଥ ଜଣାଇଛନ୍ତି ଯେ, କରୋନା ମହାମାରୀ ସମୟରେ ହିତେଶଙ୍କ ମା'ଙ୍କର ମୃତ୍ୟୁ ଘଟିଥିଲା। ଏଭଳି କଠିନ ପରିସ୍ଥିତିରେ ପୁଅର ଚିକିତ୍ସା ପାଇଁ ସଂଘର୍ଷ କରୁଥିବାବେଳେ ସାମ୍ବାଦିକଙ୍କ ଏହି ମାନବିକ ସହଯୋଗ ତାଙ୍କ ପରିବାରକୁ ନୂଆ ଭରସା ଦେଇଛି। ସାମ୍ବାଦିକଙ୍କ ଏହି ନିଷ୍ଠାପୂର୍ଣ୍ଣ ସେବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ମୟୂରଭଞ୍ଜର ତିନୋଟି ସରକାରୀ ହାଇସ୍କୁଲରେ ଖୋଲିବ +୨ କଳା

ବାରିପଦା, ୩୦।୭(ସମିସ): ସମଗ୍ର ଶିକ୍ଷା ଯୋଜନା ଅଧୀନରେ ୨୦୨୬-୨୭ ବର୍ଷ ପାଇଁ ଓଡ଼ିଶାର ୭୧ଟି ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରିବାକୁ ଭାରତ ସରକାରର ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି) ଅନୁମୋଦନ ଦେଇଛି। ଏହି ଅନୁମୋଦନ ସହିତ ଏହି ୭୧ଟି ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ମୋଟ ୧୪,୦୭୩.୮୦ ଲକ୍ଷ ଟଙ୍କା ଅଣ-ପୁନରାବୃତ୍ତି ଖର୍ଚ୍ଚ ଭାବେ ମଞ୍ଜୁର କରାଯାଇଛି। ଓଡ଼ିଶା ସ୍କୁଲ ଏଜୁକେସନ ପ୍ରୋଗ୍ରାମ ଅଥରିଟି (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସ୍ମୃତି ଅନନ୍ୟା ଦାସ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର କମିଶନର-କମ୍-ସଚିବଙ୍କୁ ଏହି ସମ୍ପର୍କରେ ପତ୍ର ଲେଖିଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜିଲ୍ଲା ସଂଗ୍ରାହକ-କମ୍-ସମଗ୍ର ଶିକ୍ଷା ଅଧ୍ୟକ୍ଷଙ୍କ ସୁପାରିଶ କ୍ରମେ ଏହି ବିଦ୍ୟାଳୟଗୁଡ଼ିକୁ ଉନ୍ନୀତ କରାଯାଇଛି। ସରକାର ଏବଂ ଏସ ଆଣ୍ଡ ଏମଇ ବିଭାଗ ଆବଶ୍ୟକ ଆଦେଶ ଜାରି କରି ଏହି ଉନ୍ନୀତ ବିଦ୍ୟାଳୟଗୁଡ଼ିକୁ ଖୋଲିବା ପାଇଁ ଅନୁରୋଧ କରାଯାଇଛି।"ଏହି ଅନୁମୋଦିତ ତାଲିକାରେ ମୟୂରଭଞ୍ଜ ଜିଲ୍ଲାର ତିନୋଟି ସରକାରୀ ହାଇସ୍କୁଲ ଅନ୍ତର୍ଭୁକ୍ତ। ସେଗୁଡ଼ିକ ହେଲା ଠିଙ୍ଗି ବ୍ଲକର ବଡଡାଲିମା ସରକାରୀ ହାଇସ୍କୁଲ, ରାସଗୋବିନ୍ଦପୁର ବ୍ଲକର ପାଇକସାହି ଏସଡି ସରକାରୀ ହାଇସ୍କୁଲ ଓ କୁସୁମୀ ବ୍ଲକର ଡୋଭା ନୂତନ ସରକାରୀ ହାଇସ୍କୁଲ। ଏହି ତିନୋଟି ବିଦ୍ୟାଳୟରେ ଯୁକ୍ତ ଦୁଇ କଳା ଶ୍ରେଣୀରେ ପାଠପଢ଼ା ଆରମ୍ଭ ହେବ। ପ୍ରତ୍ୟେକ ଅନୁଷ୍ଠାନକୁ ୧୮୬.୫୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି।"ଓସେପା ପକ୍ଷରୁ ସମସ୍ତ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ, ସଂଗ୍ରାହକ ଏବଂ ସେକେଣ୍ଡାରି/ହାୟର ସେକେଣ୍ଡାରି ଶିକ୍ଷା ନିର୍ଦ୍ଦେଶକଙ୍କୁ ଏହି ବିଷୟରେ ସୂଚନା ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଏକକିତା ନିର୍ଦ୍ଦେଶ ଜାରି କରାଯାଇଛି।

## ଦେଶୀ ବନ୍ଧୁକ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

ବଡ଼ସାହି,୩୦।୭(ସମିସ): ବଡ଼ସାହି ଥାନା ଅଧୀନ ଯଦୁନାଥପୁର ପଞ୍ଚାୟତ ବେଲଡୁଙ୍ଗୁରୀ ଗ୍ରାମର ସୁରେଶ ଦେହୁରୀ ଓ ତାଙ୍କ ସାଙ୍ଗ ନିକଟସ୍ଥ ଚାକୁଣ୍ଡାପଦା ହାଟକୁ ଯାଇଥିବାବେଳେ ସେହି ଗ୍ରାମର ଜଗତରାମ ମହାନ୍ତ ସେମାନଙ୍କୁ ଗାଳିଗୁଲଜ ଓ ମାରପିଟ କରି ସେମାନଙ୍କଠାରୁ ମୋବାଇଲ ଛଡାଇ ନେଇଥିଲା। ସୁରେଶ ଏ ସମ୍ପର୍କରେ ଘରେ ଜଣାଇବା ପରେ ତାଙ୍କ ବାପାମାଆ ଓ ଭଉଣୀ ସେଠାକୁ ଯାଇ ଘଟଣା ସମ୍ପର୍କରେ ଜଗତରାମକୁ ପଚାରିବାରୁ ସେ ଉତ୍ତକ୍ଷିପ୍ତ ହୋଇ ଏକ ଦେଶୀ ବନ୍ଧୁକ ବାହାର କରି ସୁରେଶ ଉପରକୁ ଗୁଳି କରିଥିଲା। ସୁରେଶ ଅଳ୍ପକେ ବର୍ତ୍ତିଯିବାରୁ ଅଭିଯୁକ୍ତ ସୁରେଶର ବାପାକୁ ବନ୍ଧୁକରେ ନିସ୍ଥୁକ ମାଡ଼ ମାରି ଚେତାଶୂନ୍ୟ କରିବା ସହିତ ତାଙ୍କ ବିବାହିତା ଭଉଣୀଙ୍କୁ ଟଣାଓଟରା କରି ମାଡ ମାରିଥିଲା। ଏ ସମ୍ପର୍କରେ ସୁରେଶର ମାଆ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ବନ୍ଧୁକ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

ଉଦଳା,୩୦।୭(ସମିସ): ମୟୂରଭଞ୍ଜ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କଁଅର ଓ ଜିଲ୍ଲା ଉପଅଧିକ୍ଷକ ତପସ୍ୱିନୀ ନାଏକଙ୍କ ନିର୍ଦ୍ଦେଶକ୍ରମେ ଉଦଳା ଅବକାରୀ ନିରୀକ୍ଷକ ଦାୟିତ୍ୱରେ ଥିବା ପ୍ରଦୀପ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦଳା ଅବକାରୀ ଉପନିରୀକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲିକ, ବିଭାଗୀୟ କର୍ମଚାରୀ ତଥା ଖୁଣ୍ଟା ଅବକାରୀ ବିଭାଗର ଉପନିରୀକ୍ଷକ ଅଞ୍ଜନ ଜେନା, ବେତନଟୀର କର୍ମଚାରୀ ମାନସ ବେହେରା, ପ୍ରକାଶ ଦେବତା ଓ ଅନ୍ୟ ଏପିଆର କର୍ମଚାରୀ ମିଳିତ ଭାବେ କଇଁଫୁଲିଆ ଓ ଭୁତୁ ସାହିରେ ଚଢ଼ଉ କରି ୯୧୦୦ କେଜି ପୋଚ ନଷ୍ଟ କରିବା ସହିତ ୧୨୬୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷ୍ୟରୁ ଊର୍ଦ୍ଧ୍ୱ ହେବ। ଏଥିରେ ଦିବ୍ୟାଂଶୁ ପଣ୍ଡା, ସୁମନ୍ତ ମହାନ୍ତ, ଦୀପାଞ୍ଜଳି ଦାସ, ଖୁଣ୍ଟା ଅବକାରୀ ବିଭାଗ ସହଅବକାରୀ ଉପ ନିରୀକ୍ଷକ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ ପ୍ରମୁଖ ସାମିଲ ଥିଲେ।

## ଦୋବଲାପାଳ ସ୍କୁଲ ଛାତ୍ରୀଙ୍କ ଜାତୀୟ କୃତିତ୍ୱ

ତେଲକୋଇ, ୩୦।୭(ସମିସ): ବିଶ୍ୱ ବ୍ୟାଘ୍ର ଦିବସ-୨୦୨୬ ଉପଲକ୍ଷେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ବନ୍ୟଜନ୍ତୁ ଓ ପକ୍ଷୀମାନଙ୍କ ଉପରେ ଆଧାରିତ 'ଜାତୀୟସ୍ତରୀୟ ଆଭାସୀ ମୁଖା ପ୍ରତିଯୋଗିତା'ରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଦୋବଲାପାଳ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରୀତିରାଣୀ ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ତଥା ରାଜ୍ୟର ସୁନାମ ଅର୍ଜନ କରିଛନ୍ତି। ପ୍ରୀତିରାଣୀଙ୍କ ଏହି କୃତିତ୍ୱ ପାଇଁ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ ତଥା ସ୍ଥାନୀୟ ବୁଦ୍ଧିଜୀବୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



## ଗାଁକୁ ନାହିଁ ଭଲ ରାସ୍ତା, ଅଧାରେ ଅଟକିଗଲା ଆମ୍ବୁଲାନ୍ସ

# ଷ୍ଟ୍ରେଚର୍‌ରେ ଦୁଇ କିଲୋମିଟର ବୁହାହେଲେ ରୋଗୀ

ମୋରଡା,୩୦।୭ (ସମିସ)

ଡବଲ ଇଞ୍ଜିନ ସରକାର ବିକାଶ ବିକାଶ କହି ଡିଣ୍ଡିମ ପିଟୁଥିବାବେଳେ ପ୍ରକୃତ ବିକାଶର ନଗ୍ନ ଚିତ୍ର ମୋରଡା ବ୍ଲକ୍‌ରେ ସାମ୍ନାକୁ ଆସିଛି। ମୋରଡା ନିର୍ବାଚନମଣ୍ଡଳୀ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ନିର୍ବାଚନମଣ୍ଡଳୀ ହୋଇଥିବାବେଳେ ଗୁରୁବାର ବିକାଶର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ଜଣେ ରୋଗୀକୁ ଆଣିବା ପାଇଁ ଯାଇଥିବା ଆମ୍ବୁଲାନ୍ସ ଗାଁକୁ ଭଲ ରାସ୍ତା ନ ଥିବାରୁ ଅଧାରେ ଅଟକିଯାଇଥିଲା। ଫଳରେ ରୋଗୀଙ୍କୁ ଦୁଇ କିଲୋମିଟର ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ



ନିକଟକୁ ଅଣାଯାଇଛି।

ମୋରଡା ବ୍ଲକ ଅଧୀନ ଘୋଳମୁହାଁ ପଞ୍ଚାୟତର ଠେଙ୍ଗାଡାଣ୍ଡି ଗୁଳିଡ଼ିହି ଗାଁର ମହିଳା ପାଉରା ହେମ୍ବ୍ରମ ବିଲ କାମ କରୁଥିବା ସମୟରେ ମୁଣ୍ଡ ବୁଲାଇବାରୁ ଅସୁସ୍ଥ ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଘରକୁ ନେବା ପରେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବର ପାଇ ଆମ୍ବୁଲାନ୍ସ ଆସିଥିବାବେଳେ କାଦୁଅ ପଚ ପଚ ଶୋଚନୀୟ ଗାଁ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଗୁଳିଡ଼ିହି ଗାଁରେ ପହଞ୍ଚି ପାରିନଥିଲା। ଫଳରେ ଦୁଇ କିଲୋମିଟର ପୂର୍ବରୁ ଚିରଲଡ଼ିହି ଗ୍ରାମ ନିକଟରେ ଆମ୍ବୁଲାନ୍ସ ଅଟକି ରହିଥିଲା। ରୋଗୀ ପାଉରାଙ୍କୁ ଲୋକେ ଦୁଇ କିଲୋମିଟର ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ତେବେ ମୋରଡା ବ୍ଲକ୍‌ରେ ଖୋଦ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ହୋଇଥିବା ବେଳେ ଉକ୍ତ ଗାଁରେ ରାସ୍ତା ନାହିଁ। ଯାହାକୁ ନେଇ ଅଞ୍ଚଳରେ ବିକାଶ ବାଟ ହୁଡ଼ିଛି। ତେବେ ଏପରି ସମସ୍ୟା ଯେପରି ଅନ୍ୟକୌଣସି ସ୍ଥାନରେ ନ ଘଟେ, ତତ୍‌ସହିତ କିପରି ଉକ୍ତ ଗାଁକୁ ଭଲ ରାସ୍ତା ଖଣ୍ଡେ ନିର୍ମାଣ କରାଯାଇପାରିବ, ସେଥିପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ମନ୍ତ୍ରୀ କେବଳ ରିଲସ ବନାଇ ଭାଷଣ ମାଧ୍ୟମରେ ବିକାଶ ବିକାଶ କହୁଥିବା ବେଳେ ଗ୍ରାଉଣ୍ଡ ରେ ବୁଲିଲେ ପ୍ରକୃତ ସମସ୍ୟା ଜାଣି ପାରିବେ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

## ଉଦଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଉଦଳା, ୩୦।୭(ସମିସ): ଉଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା +୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ବସନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବିଦ୍ୟାଳୟର ଶୃଙ୍ଖଳା ରକ୍ଷା ଓ ଶିକ୍ଷା ଗ୍ରହଣ ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ସନ୍ତୋଷ ପଣ୍ଡା ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ପ୍ରକ୍ରିୟା ଓ ଉପାଦେୟତା ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡାକ୍ତର ଦିବ୍ୟାଲୋଚନ ଭୂୟାଁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଭୀମ ସୋରେନ୍, ଗଣିତ ବିଭାଗ ମୁଖ୍ୟ ତପସ୍ୱିନୀ ବେହେରା,ଅଧ୍ୟାପକ ଗୋଲଖ ବିହାରୀ ନାୟକ ପ୍ରମୁଖ ଉତ୍ତମ ଭବିଷ୍ୟତ ଗଠନର ଆବଶ୍ୟକତା, ଉତ୍ସାହ ଓ ନିରାପତା ବିଷୟରେ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ରୀଡ଼ା, କଳା କୌଶଳ, ସ୍କାଉଟ୍, ଗାଇଡ୍, ରେଡ଼କ୍ରସ,ଏନଏସଏସ, ଏନସିସି ଓ ସାଂସ୍କୃତିକ ଯୋଜନା, ସଂଗଠନ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସନ୍ତୋଷ ଜେନା ଉତ୍ସବ ପରିଚାଳନା କରିଥିଲେ।

## ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାସଗୋବିନ୍ଦପୁର, ୩୦।୭(ସମିସ): ମାଣିଦାସ୍ଥିତ ଶହୀଦ ମେମୋରିଆଲ ଡିଗ୍ରୀ କଲେଜରେ ଗତ ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇଥିବା ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଏ ଅବସରରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ଯତୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା ଓ ଶକ୍ତିଶ୍ରୀ ସଂଯୋଜିକା ଡ. ତିଳୋତ୍ତମା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ସାହୁ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଓ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ "ନାରୀ ସଶକ୍ତିକରଣ' ବିଷୟ ଉପରେ ଡ. ତିଳୋତ୍ତମା ନାୟକ ବିସ୍ତୃତ ଆଲୋଚନା କରି ମହିଳାଙ୍କ ସ୍ୱାବଲମ୍ବନ, ଆତ୍ମବିଶ୍ୱାସ ଏବଂ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ବିଷୟରେ ଛାତ୍ରୀଙ୍କୁ ସଚେତନ କରିଥିଲେ। ଛଅଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ଛାତ୍ରୀ ବିଭିନ୍ନ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣରେ ଛାତ୍ରୀଙ୍କୁ ତିନୋଟି ଗ୍ରୁପରେ ବିଭକ୍ତ କରାଯାଇ ପ୍ରାୟୋଗିକ ଶିକ୍ଷା ପ୍ରଦାନ କରାଯାଇଥିଲା।

## ଅବସର ପୂର୍ବରୁ ପୂର୍ଣ୍ଣାଙ୍ଗ ପେନ୍‌ସନ

ଆନନ୍ଦପୁର, ୩୦।୭ (ସମିସ): ଘସିପୁରା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଚଉମୁହାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଶିଳା ଖଟୁଆ ଓ ଜନାର୍ଦ୍ଦନପୁରପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ପାତ୍ରଙ୍କୁ ଅବସର ଗ୍ରହଣ ଦିନ ଅନ୍ତିମ ପେନ୍‌ସନ୍ ପ୍ରଦାନ କରାଯାଇଛି। ଦୁଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ସୁସ୍ଥ, ସୁଖମୟ, ଶାନ୍ତିପୂର୍ଣ୍ଣ ଜୀବନ କାମନା କରାଯାଇଥିଲା। ଶିକ୍ଷାଧିକାରୀ ସ୍ୱଦେସମାନ



ପଣ୍ଡାଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷାଧିକାରୀ ବସନ୍ତ ନାୟକ, ହାଡିବନ୍ଧୁ ସାହୁ, ସେକ୍ସନ ଅଫିସର ମନୋଜ ନାୟକ, ସିନିଅର ଆସିଷ୍ଟାଣ୍ଟ ବିଜୟସେଠ, ଜୁନିଅର ଆସିଷ୍ଟାଣ୍ଟ ପ୍ରାଜକ୍ତା ରାଜ ସହଯୋଗ କରିଥିଲେ।

# ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଯୋଡ଼ା, ୩୦।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କୁନ୍ଦୁରୁନାଳାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା-୨୦୨୬ ୧୫୧ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ ବାରିକ ମୁଖ୍ୟଅତିଥି ଏବଂ ଉତ୍ତର ସମ୍ଭାଗ ସଂଯୋଜକ ରାହାସ ବିହାରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଜୟ ଗୋପାଳ ଦାସ, ସମ୍ପାଦକ ଅଭିଜିତ ମୁଖାର୍ଜୀ ଏବଂ ଯୁଗ୍ମ ସମ୍ପାଦକ ବସନ୍ତ ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଗବାନ ବର୍ଦ୍ଧନ ବିଜ୍ଞାନ ଶିକ୍ଷାର ଆବଶ୍ୟକତା ଓ ବୈଜ୍ଞାନିକ ମନୋଭାବ ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନ ପ୍ରମୁଖ ରାଜେଶ୍ୱରୀ ପ୍ରଧାନ, ବରିଷ୍ଠ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ, ବିସ୍ମିତା ପ୍ରଧାନ ଓ ଲିଲିବାଳା ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଉଦଯାପନୀ ସମାରୋହରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ହିନ୍ଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ ନାୟକ, ଯୋଡ଼ା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଅନିଲ ଗିରି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱପ୍ନା ଦାଶ ଏବଂ ସୁକାନ୍ତି ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ବିଜ୍ଞାନ ଆଚାର୍ଯ୍ୟା ଅମୃତା ରାଣୀ ସିଂ ବିବରଣୀ ପାଠ ଓ ଜୟକିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟଙ୍କା ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଓ ସେବିକା ସହଯୋଗ କରିଥିଲେ।

ଆନନ୍ଦପୁର: ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ନିରାକାର ସାହୁ ଏବଂ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଉଷାରାଣୀ ଜେନା, ଦିଲ୍ଲୀପ ପାତ୍ର, ସୁବାସଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ଓ ବାଲ୍ ବର୍ଗର ମୋଟ ୭୦ ଜଣ ଶିଶୁ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରି



କୃତୀ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଓ ହେମେନ୍ଦ୍ର ମହାନ୍ତି, ପରିଚାଳନା ସମିତି ସଭାପତି, ସମ୍ପାଦକ, ଉପସଭାପତି ଜଗନ୍ନାଥ ସିଂ, କୋଷାଧ୍ୟକ୍ଷ, ସଦସ୍ୟ ତଥା ବିଦ୍ୱତ୍ ପରିଷଦର ସଭାପତି ଶଶିଭୂଷଣ ମହାପାତ୍ର ଓ ସମ୍ପାଦକ ପବିତ୍ର ମୋହନ ବେହେରା ଯୋଗ ଦେଇଥିଲା ବେଳେ ଗୁରୁଜୀ ହରେକୃଷ୍ଣ ପତି ପରିଚାଳନା କରିଥିଲେ। ଗୁରୁମା ଅହଲ୍ୟା ମିଶ୍ର ଧନ୍ୟବାଦ ଦେଇଥିଲେ। ବିଜ୍ଞାନ ପ୍ରମୁଖ ତୃପ୍ତିରାଣୀ ବେହେରା, ସ୍ମୃତିରେଖା ଚାନ୍ଦ, ଯୁଧିଷ୍ଠିର ମିଶ୍ର, ପଙ୍କଜ ମହାନ୍ତି, କିରଣବାଳା ବେହୁରିଆ ଓ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

## ଅଚଳ ଷ୍ଟ୍ରିଟ୍ ଲାଇଟ୍; ହାତୀ ଆଶଙ୍କାରେ ଗ୍ରାମବାସୀ

ବଡ଼ବିଲ, ୩୦।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଭଦ୍ରାସାହି, ସେରେଣ୍ଡା, ସୟାବାଲି ଆଦି ନିକଟବର୍ତ୍ତୀ ବହୁ ଗ୍ରାମାଞ୍ଚଳରେ ଲାଗିଥିବା ସୋଲାର ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ଧରି ଅଚଳ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ କମ୍ପାନୀର ସିଏସ୍ଆର ପାଣ୍ଠି ଏବଂ ଡିଏମଏଫ୍ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ସୋଲାର ଷ୍ଟ୍ରିଟ୍ ଲାଇଟ୍‌ର ଅଧିକାଂଶ ବର୍ତ୍ତମାନ ଅଚଳ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ଛ' ମାସ ପୂର୍ବରୁ ଜେଏସପିଏଲ ଲାଗେଇଥିବା ଶତାଧିକ ସୋଲାର ଷ୍ଟ୍ରିଟ ଲାଇଟ ଅଚଳ ରହିଛି। ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ସନ୍ଧ୍ୟା ପରେ ରାସ୍ତାଘାଟ ଅନ୍ଧକାରରେ ବୁଡ଼ି ରହୁଛି, ଯାହା ଯାତାୟାତ ଓ ସୁରକ୍ଷା ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି। ଅନ୍ୟପଟେ, ଏହି ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ହାତୀ ପଲ ଗ୍ରାମାଞ୍ଚଳରେ ପ୍ରବେଶ କରି ଘରଦ୍ୱାର ଭାଙ୍ଗିବା ସହିତ ଜନହାନି ଘଟାଉଥିବା ଅଭିଯୋଗ ରହିଛି। ତୁରନ୍ତ ମରାମତି, ନିୟମିତ ରକ୍ଷଣାବେକ୍ଷଣ ଏବଂ ହାତୀ ଉପଦ୍ରବ ରୋକିବା ପାଇଁ ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।



## ବନ୍ୟା ପରିସ୍ଥିତି ଅନୁଧ୍ୟାନ କଲେ ବିଡିଓ




ଚମ୍ପୁଆ, ୩୦।୭(ସମିସ): ଲଗାଣ ବର୍ଷା ଫଳରେ ଓଡ଼ିଶାରେ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଭାଗ କରିଥିବା ବୈତରଣୀ ନଦୀରେ ମଧ୍ୟ ଜଳ ପ୍ରବାହ ବୃଦ୍ଧି ପାଇଛି। ଫଳରେ ସୀମାନ୍ତ ଗ୍ରାମଗୁଡ଼ିକର ସୁରକ୍ଷା ଓ ବନ୍ୟା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଆଜି ଝରୁଆଁ ବିଡିଓ ପ୍ରେମାନନ୍ଦ ବେହେରା ବୈତରଣୀ ନଦୀର ବନ୍ୟା ଜଳ ସ୍ଥିତି ଅନୁଧ୍ୟାନ କରିବା ସହିତ ମୟୂରଭଞ୍ଜର ଶେଷ ସୀମାନ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ସୀମାନ୍ତବର୍ତ୍ତୀ ଫଗୁ, ଶଗଡ଼ା, ଡେଣୁଆ, କେନ୍ଦୁଆ ଏବଂ କେଶୀରକୁଣ୍ଡ ଅଞ୍ଚଳ ଆଦି ପରିଦର୍ଶନ କରିବା ସହିତ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ନଦୀକୂଳିଆ ଅଞ୍ଚଳର ପରିସ୍ଥିତି ଉପରେ ସତର୍କ ରହିବା ସହ ବଢିଲା ନଦୀକୁ ନଯିବା, ନଦୀରେ ଭାସୁଥିବା କାଠ ସଂଗ୍ରହ ନକରିବା ଏବଂ ଗୃହପାଳିତ ପଶୁଙ୍କୁ ନଦୀକୂଳକୁ ନଛାଡିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ୧୫ ଲକ୍ଷ ଟଙ୍କାର ଦେଶୀମଦ ଜବତ




ମୋରଡା,୩୦।୭(ସମିସ): ଗୁରୁବାର ମୋରଡା ଥାନା ପୁଲିସ, ମୋବାଇଲ ଅବକାରୀ ଟିମ, ଦେଉଳି ଅବକାରୀ ବିଭାଗ ଓ ମୋରଡା ଅବକାରୀ ବିଭାଗ ମିଳିତ ଭାବେ ମୋରଡା ଥାନାର ଦୁଇଟି ସ୍ଥାନରେ ଚଢ଼ଉ କରି ୧୫ ଲକ୍ଷ ଟଙ୍କାର ଦେଶୀ ମଦ ଜବତ କରିଥିବା ଜଣାପଡିଛି। ମୋରଡା ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ସୂଚନା ମୁତାବକ ଉକ୍ତ ଥାନା ଅନ୍ତର୍ଗତ ଭାତତର ଓ ସରାଷୋଳ ଗ୍ରାମରେ ଚଢ଼ଉ କରି ୧୦ ହଜାର କିଲୋ ମହୁଲ ପଚ ଓ ୧୫୦୦ ଲିଟର ଦେଶୀ ମଦ ଜବତ କରିଥିଲେ। ଜବତ ହୋଇଥିବା ପୋଚ ଓ ମଦର ମୂଲ୍ୟ ୧୫ ଲକ୍ଷ ଟଙ୍କା ହୋଇଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଚାରୋଟି ନାମବିହୀନ କେଶ ରୁଜୁ କରାଯାଇଛି।

## ଟ୍ରେନ୍ ଯାତ୍ରାବେଳେ ଯୁବକ ନିଖୋଜ

# ବାପାଙ୍କୁ ଫେରାଇ ଆଣିବାକୁ ପିଲାଙ୍କ ନିବେଦନ

କରଞ୍ଜିଆ,୩୦।୭(ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ପିଙ୍ଗୁପାଟଣା ଗ୍ରାମର ଜଣେ ଯୁବକ ଟ୍ରେନ୍ ଯାତ୍ରା ସମୟରେ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିବା ଘଟଣା ଏବେ ପରିବାରକୁ ଗଭୀର ଚିନ୍ତାରେ ପକାଇଛି। ନିଖୋଜଙ୍କ ସନ୍ଧାନ ପାଇଁ ପତ୍ନୀଙ୍କ ଅଭିଯୋଗ ଆଧାରରେ ପାଟଣା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଯୁବକ ପିଲା ସେମାନଙ୍କ ବାପାଙ୍କୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି।

ସୂଚନା ମୁତାବକ, ପିଙ୍ଗୁପାଟଣା ଗ୍ରାମର ଦେବୀରାମ ଟୁଡୁ (୩୫) ତାଙ୍କ ପତ୍ନୀ ସଲମା ଟୁଡୁ (୩୩)ଙ୍କ ସହ ଗତ ମେ' ୩୧ ତାରିଖରେ ବିଜୟୱାଡାରୁ ଭୁବନେଶ୍ୱର ଅଭିମୁଖେ ଟ୍ରେନ୍‌ରେ ଫେରୁଥିଲେ। କୌଣସି ସମୟରେ ଦେବୀରାମ ଟୁଡୁ ଟ୍ରେନ୍‌ରୁ ନିଖୋଜ ହୋଇଯାଇଥିଲେ। ପତ୍ନୀଙ୍କ କହିବା ଅନୁଯାୟୀ, ସେ କୌଣସି ସୂଚନା ନ ଦେଇ ହଠାତ୍ ଅଦୃଶ୍ୟ ହୋଇଯାଇଥିଲେ।



ପରେ ପରିବାର ଲୋକ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଘଟଣା ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ଦେବୀରାମ ଟୁଡୁଙ୍କର ଦୁଇଜଣ ଛୋଟ ପିଲା ଥିବାବେଳେ ବାପାଙ୍କ ବିଚ୍ଛେଦ ସେମାନଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। ବାପା ଘରକୁ ଫେରି ଆସନ୍ତୁ ବୋଲି ପିଲାମାନେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଭାବବିହ୍ୱଳ ନିବେଦନ କରିଥିବା ଜଣାପଡ଼ିଛି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ମଧ୍ୟ ଭାବପ୍ରବଣ ପରିବେଶ ସୃଷ୍ଟି କରିଛି।ଏ ନେଇ ଚଳିତ ମାସ ୫ ତାରିଖରେ ସଲମା ଟୁଡୁ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଦାୟିତ୍ୱ ଏଏସ୍ଆଇ ପି. ମହାନ୍ତଙ୍କୁ ପ୍ରଦାନ କରାଯାଇଛି। ନିଖୋଜ ଦେବୀରାମ ଟୁଡୁଙ୍କ ଉଚ୍ଚତା ପ୍ରାୟ ୫ ଫୁଟ, ଶରୀର ପତଳା ଓ ଗାଢ଼ ଶ୍ୟାମଳ ବର୍ଣ୍ଣର। ନିଖୋଜ ସମୟରେ ସେ କଳା ରଙ୍ଗର ଟି-ସାର୍ଟ ଓ ଟ୍ରାଉଜର ପିନ୍ଧିଥିଲେ। ସେ ଓଡ଼ିଆ, ହିନ୍ଦୀ ଓ ସାନ୍ତାଳୀ ଭାଷାରେ କଥାବାର୍ତ୍ତା କରିପାରନ୍ତି। ପାଟଣା ଥାନା ପୁଲିସ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ତଦନ୍ତ ଜାରି ରଖିଛି। ତାଙ୍କ ସମ୍ପର୍କରେ କୌଣସି ସୂଚନା ଥିଲେ ନିକଟସ୍ଥ ଥାନା କିମ୍ବା ପାଟଣା ଥାନାକୁ ତୁରନ୍ତ ଜଣାଇବାକୁ ପୁଲିସ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଉଦଳା,୩୦।୭(ସମିସ): ପୋଖରୀରୁ ଉଦ୍ଧାର ହୋଇଛି ମୃତଦେହ। ଏଭଳି ଏକ ଘଟଣା ଉଦଳା ବ୍ଲକ ଅଧୀନସ୍ଥ ଶ୍ରୀଦାମଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଦାଢ଼ିଆ ସାହିର ଏକ ପୋଖରୀରେ ଘଟିଛି। ଶ୍ରୀଦାମଚନ୍ଦ୍ରପୁର ଗ୍ରାମର ରୁଇହା ସିଂ ଗାଧୋଇବାକୁ ଯାଇଥିବାବେଳେ ପୋଖରୀରେ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। ଉକ୍ତ ଘଟଣା ପରେ ଗ୍ରାମବାସୀ ଉଦଳା ଦମକଳ ବିଭାଗକୁ ସୂଚନା ଦେବା ପରେ ଦମକଳ ବାହିନୀ ଯାଇ ରୁଇହା ସିଂଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାକୁ ଆଣିଥିଲେ। ଉଦଳା ଡାକ୍ତରଖାନାରେ ରୁଇହା ସିଂଙ୍କୁ ମୃତ ଘୋଷଣା କରାଯାଇଥିଲା। ଉଦଳା ଥାନାରେ ଏକ ମାମଲା ରୁଜୁ ହୋଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ।

## ଫୁଲୁଛି ସାଳନ୍ଦୀ, ବଢୁଛି ବୈତରଣୀ

# ତିହିଡ଼ି ବ୍ଲକ୍‌ର ୩୦ ପଞ୍ଚାୟତର ୧୦୨ ଗାଁ ପ୍ରଭାବିତ



ତିହିଡ଼ି,୩୦।୭ (ସମିସ): ବନ୍ୟାର ପ୍ରକୋପ ବଢ଼ିବାରେ ଲାଗିଛି। ସାଳନ୍ଦୀ ନଦୀ ଫୁଲୁଥିବାବେଳେ ବୈତରଣୀ ନଦୀ ମଧ୍ୟ ବଢୁଛି। ସାଳନ୍ଦୀ ନଦୀରେ ବନ୍ୟା ପାଣି ବିପଦ ସଂକେତ ଟପିଛି। ତିହିଡ଼ି ବ୍ଲକ୍‌ର ୮ ପଞ୍ଚାୟତ ବନ୍ୟା ପାଣିରେ ଉବୁଟୁବୁ ହେଉଥିବାବେଳେ ଅନ୍ୟ ୨୨ ପଞ୍ଚାୟତ ପ୍ରଭାବିତ ହୋଇଛି। ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ବ୍ଲକ୍‌ର ୪ ପଞ୍ଚାୟତ ଜଳମଗ୍ନ ହେବା ସହିତ ୩ ପଞ୍ଚାୟତ ଆଂଶିକ ପ୍ରଭାବିତ ହୋଇଥିଲା। ତେବେ ବୁଧବାର ରାତିରେ ବୈତରଣୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ସହିତ ରେବ ଓ ନାଳିଆ ନଦୀରେ ବନ୍ୟା ଜଳ ପ୍ରବେଶ କରିବାରୁ ବ୍ଲକ୍‌ର ଅଧିକ ୪ ପଞ୍ଚାୟତରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ୧୯ ପଞ୍ଚାୟତ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ବ୍ଲକ୍‌ର ୧୦୨ ଗାଁର ଲକ୍ଷାଧିକ ଲୋକ ପାଣିଘେରରେ ରହିଥିବା ଜଣାଯାଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ଯେଉଁଥିପାଇଁ ସେହିସବୁ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବରିଷ୍ଠ ପ୍ରଶାସନିକ ଅଧିକାରୀ ସୋମେଶ ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦନେଇ ଚରଣ ଟୁଡୁ, ତହସିଲ୍‌ଦାର ସୁଭାଶିଷ ସାହୁ, ବିଡିଓ ନିରଞ୍ଜନ ବାରିକ ପ୍ରମୁଖ ଗୁରୁବାର ବନ୍ୟା ପ୍ରଭାବିତ ବାରସର ଓ ଗୋବିନ୍ଦପୁର ପଞ୍ଚାୟତକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ବାରୋ, ବିଲଣା, ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତ ସମ୍ପୂର୍ଣ୍ଣ ରୂପେ ବନ୍ୟାପାଣି ଘେରରେ ରହିଛି। ମୁକୁନ୍ଦପୁର, କୋହ୍ଲ, ସିନ୍ଦୋଳ ପଞ୍ଚାୟତର କିଛି ଗାଁ ପାଣି ଘେରରେ ଥିଲା। ତେବେ ବନ୍ୟା ପାଣି କୁଣ୍ଡି ନଦୀରେ ପ୍ରବେଶ କରିବାରୁ ଗୁରୁବାର ଦୋଳସାହି ପଞ୍ଚାୟତର ଗାଜିପୁର, ରାଢ଼ଙ୍ଗ ଆଦି ଗ୍ରାମ ଜଳମଗ୍ନ ହୋଇଥିବା ଜଣାଯାଇଛି। ତେବେ ବୈତରଣୀ ନଦୀରେ ବନ୍ୟା ପାଣି ମାଡ଼ିବା ଫଳରେ କାଁପଡ଼ା, ଶ୍ୟାମସୁନ୍ଦରପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ପରିସ୍ଥିତି ଜଟିଳ ହୋଇଛି। କାଁପଡ଼ା, ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ପଞ୍ଚାୟତର ୮ଟି ଲେଖାଏଁ ଗ୍ରାମ, ବାରସର ପଞ୍ଚାୟତର ୧୨ଟି ଗ୍ରାମ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଜଣାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମଙ୍ଗରାଜପୁର-ଶ୍ୟାମସୁନ୍ଦରପୁର ଭାୟା ଈଶ୍ୱରପୁର, ସିନ୍ଦୋଳ-ନୂଆସାହି, କୋହ୍ଲ-ତିଆଡ଼ିସାହି ଭାୟା ଦପା, ଅର୍ଜୁନବିନ୍ଧା-ମଧୁପୁର ଭାୟା ତିଆଡ଼ିସାହି, କାଁପଡ଼ା-ଚକରାସାହି ରାସ୍ତା ବନ୍ୟା ପାଣିରେ ବୁଡ଼ିଯାଇଛି। ଏହିସବୁ ପଞ୍ଚାୟତରେ ଉଦ୍ଧାର କାର୍ଯ୍ୟ ପାଇଁ ୧୧ଟି ଡଙ୍ଗା ନିୟୋଜିତ ହୋଇଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବିଭିନ୍ନ ସ୍କୁଲ ଏବଂ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ୧୦ହଜାର ବିପନ୍ନଙ୍କୁ ଗୋଟିଏ ଓଳି ପାଇଁ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି। ଏହାଛଡ଼ା ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା, ବାରସର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର ଓ କାଁପଡ଼ା ପଞ୍ଚାୟତରେ ଗୁରୁବାର ଶୁଖିଲା ଖାଦ୍ୟ ଚୁଡ଼ା ଓ ଗୁଡ଼ ବଣ୍ଟନ କରାଯାଇଛି। ତେବେ ବନ୍ୟାରେ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ଉପୁଜିଛି। ଧାନ ଚାଷ ହୋଇଥିବା ଜମିରେ ୫ ଫୁଟ୍ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ବ୍ଲକ୍‌ର ୧୦ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ରୂପେ ଉଜୁଡ଼ିଯିବାର ସମ୍ଭାବନା ଥିବାରୁ ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବା ନିଶ୍ଚିତ ହୋଇଛି। ଏ ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

**ପାଣିଘେରରେ ଲକ୍ଷାଧିକ ଲୋକ**
**୧୦ ହଜାର ବିପନ୍ନଙ୍କୁ ରନ୍ଧା ଖାଦ୍ୟ**
**୮ ପଞ୍ଚାୟତରେ ରିଲିଫ୍ ବଣ୍ଟନ**

# ବନ୍ୟା ପରିଚାଳନାରେ ସରକାର ବିଫଳ: ପ୍ରମିଳା

ମଙ୍ଗଳପୁର/କର୍ୟାଁଗୋଲା, ୩୦।୭ (ସମିସ):



ଲଗାଣ ବର୍ଷା ହେବା ଯୋଗୁଁ ବୈତରଣୀରେ ବନ୍ୟା ସୃଷ୍ଟି ହୋଇ କ୍ରମଶଃ ଏହି ବନ୍ୟା ଏତେ ଭୟଙ୍କର ହୋଇଥିଲା ଯେ ଦଶରଥପୁର ବ୍ଲକ୍‌ର ଅନେକ ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରି ବହୁ କ୍ଷୟକ୍ଷତି କରିଥିଲା। ବନ୍ୟା ହେବା ଫଳରେ ବ୍ଲକର ସବୁଠାରୁ ବେଶି କ୍ଷତି ହେଉଥିବା କର୍ୟାଁ ପଞ୍ଚାୟତରେ ବନ୍ୟା ଜଳ ପ୍ରବେଶ କରି ଧରମପୁର, ଇଚ୍ଛାପୁର, ଲକ୍ଷ୍ମୀପୁର, କର୍ୟାଁ, ମାଧପୁର, ଗରବନ୍ଧ, ଦରବା, ଦୁବକଣ, ମଲ୍ଲିପୁର ଆଦି ଗ୍ରାମଗୁଡ଼ିକ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ କମାରଡିହି ପଞ୍ଚାୟତର କେଳାଙ୍ଗ, ଇଟାପଡ଼ା, ସହିମାଢ଼, ଯୋଗୀମଠ, କମାରଡ଼ିହି ସମେତ ସାରା ପଞ୍ଚାୟତ ଜଳମଗ୍ନ ହେବା ସହ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଖାନନଗର ପଞ୍ଚାୟତର ଜୁଦୁପୁର, ରାମପୁର, ନୂଆପାଟଣା, ବିମ୍ବାଧରପୁର, ଲାଲବାଗ, ଖାନନଗର ଆଦି ଗ୍ରାମଗୁଡ଼ିକ ଜଳମଗ୍ନ ହେବା ସହ ନିଜାମପୁର ପଞ୍ଚାୟତର ଦୁବକଣ ଆମ୍ବଖିଆ, କଣ୍ଟାପାରୀ, କୁଳସାହି, ରଢ଼ଙ୍ଗା ଭଳି କେତେକ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଲରେ ବନ୍ୟାଜଳ ଥିବାରୁ ଗୋରୁଗାଈ ଖାଦ୍ୟ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଆଜି ଅପରାହ୍ଣରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଦଶରଥପୁର ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ପଞ୍ଚାୟତ କର୍ୟାଁ ପଞ୍ଚାୟତ ଗସ୍ତ କରିବା ସହ ବନ୍ୟା ବିପନ୍ନଙ୍କ ସହ ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିପନ୍ନଙ୍କ ଅଭିଯୋଗ ଅନୁଯାୟୀ ୩ ଦିନ ହେବ ବନ୍ୟାରେ ଲୋକ ମାନେ ଜଳବନ୍ଦୀ ହୋଇ ରହିଥିବା ବେଳେ ବନ୍ୟା ଜଳରେ ଅନେକ ମାଟି ଘର ଭାଙ୍ଗି ଯାଇଛି। କୋଠା ଘର ଭିତରେ ମଧ୍ୟ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଲୋକମାନେ ଘରର ଛାତ ଉପରେ ଆଶ୍ରୟ ନେଇଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ବିପନ୍ନଙ୍କୁ ପାଲ ଖଣ୍ଡିଏ ମିଳି ପାରିନଥିବା ବେଳେ ବର୍ଷା ହେଲେ ବିପନ୍ନଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି। ସେହିପରି ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ଯୋଗେଇ ଦିଆଯାଇ ଥିବା ବେଳେ ଗୋରୁ ପିଛା ମାତ୍ର ୨୫୦ ଗ୍ରାମ ଗୋଖାଦ୍ୟ ଓ ଲୋକମାନଙ୍କ ପାଇଁ ଚୁଡ଼ା ଯୋଗେଇ ଦିଆଯାଇ ଥିବା ବେଳେ ଜଣ ପିଛା ପ୍ରାୟ ୨୭୦ ଗ୍ରାମ ଚୁଡ଼ା ସମୁଦ୍ରକୁ ଶଙ୍ଖେ ବୋଲି ବିପନ୍ନମାନେ ଅଭିଯୋଗ କରିଥିଲେ। ବନ୍ୟା ବିପନ୍ନଙ୍କୁ ୩୦୦୦ ପାଲ ଯେଗାଇଦେବାକୁ ବିଧାୟିକା ପ୍ରଶାସନ ଓ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ପିଇବା ପାଣିର କୌଣସି ବ୍ୟବସ୍ଥା କରାଯାଇ ନଥିନା ବେଳେ ବନ୍ୟା ସମୟରେ ବିଷାକ୍ତ ସାପଙ୍କ ଭୟରେ ଲୋକମାନେ ଭୟଭୀତ ହୋଇଛନ୍ତି। ୨୪ ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା ପାଇଁ ବିପନ୍ନମାନେ ଦାବି କରିଥିଲେ। ବିପନ୍ନମାନଙ୍କ ସମସ୍ୟା ଶୁଣିବା ପରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଦଶରଥପୁର ତହସିଲଦାର ଓ ଦଶରଥପୁର ବିଡିଓଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ କର୍ୟାଁ ପଞ୍ଚାୟତକୁ ୩ ହଜାର ପାଲ ଯୋଗେଇ ଦେବା ସହ ଆବଶ୍ୟକ ମୁତାବକ ଗୋଖାଦ୍ୟ ଓ ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ, ସ୍ୱଚ୍ଛ ପାନୀୟଜଳ ଓ ୨୪ ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କୌଣସି ତ୍ରୁଟି ହେଲେ ବନ୍ୟା ସମୟରେ ଯଦି କୌଣସି କ୍ଷତି ହୁଏ ତେବେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ବିଧାୟିକା ଚେତାବନୀ ଦେଇଥିଲେ। ଏହାପରେ କମାରଡ଼ିହି, ଖାନନଗର, ନିଜାମପୁର ଆଦି ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ବନ୍ୟା ସ୍ଥିତି ବୁଲି ଦେଖିବା ସହ ବିପନ୍ନମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ବିପନ୍ନମାନଙ୍କ ସମସ୍ୟା ବୁଝିବାରେ ବିଜେପି ସରକାର ବିଫଳ ବୋଲି କହିବା ସହ କେବଳ ଫଟୋ ଉଠା ରାଜନୀତିରେ ବ୍ୟସ୍ତ ବିଜେପି ନେତା ଓ କର୍ମୀ ବୋଲି ଅଭିଯୋଗ କରିଥିଲେ ବିଧାୟିକା। ବିଧାୟିକାଙ୍କ ଏହି ଗସ୍ତ ସମୟରେ କମାରଡିହି ପାକ୍ସ ସଭାପତି ଭାଗୀରଥି ସାହୁ, କର୍ୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ୬ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ୭ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, କର୍ୟାଁ ସମିତିସଭ୍ୟ ରୋଶନ ଦାସ। ସେହିପରି ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଯୁବନେତା ବିରଜା ମଲ୍ଲିକ, ପଞ୍ଚାନନ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ବନ୍ୟାଞ୍ଚଳ ବୁଲି ବିପନ୍ନଙ୍କ ସମସ୍ୟା ବୁଝିଲେ ବିଧାୟିକା ପ୍ରମିଳା ମଲ୍ଲିକ**
**ରିଲିଫ ନେଇ ଅସନ୍ତୋଷ, ପାଲ ଯୋଗାଇ ଦେବାକୁ ଦାବି**

## ବିଧାନସଭା ଗୃହ କମିଟି ବୈଠକ

# ଶଙ୍ଖାମେଦୀ ପ୍ରସଙ୍ଗ ଉଠାଇଲେ ବିଧାୟକ



ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩୦।୭ (ସମିସ): ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରିଚୟର ସୁରକ୍ଷା ପ୍ରସଙ୍ଗକୁ ନେଇ ବିଧାନସଭାର ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟି ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଠାଇଛନ୍ତି। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ଭୋଗରାଇ ସୀମାନ୍ତବର୍ତ୍ତୀ ଶଙ୍ଖାମେଦୀ ଗ୍ରାମର ପ୍ରସଙ୍ଗ, ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଶିକ୍ଷାର ସମସ୍ୟା ଏବଂ ଓଡ଼ିଆ ଭାଷା ଓ ସଂସ୍କୃତିର ସଂରକ୍ଷଣ ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବୈଠକରେ ବିଧାୟକ କହିଥିଲେ ଯେ, ଭୋଗରାଇ ସୀମାନ୍ତରେ ଅବସ୍ଥିତ ଶଙ୍ଖାମେଦୀ ଗ୍ରାମର ସମସ୍ତ ଅଧିବାସୀ ଓଡ଼ିଆ ଭାଷାଭାଷୀ ହୋଇଥିବା ସତ୍ତ୍ୱେ କେଉଁ ପରିସ୍ଥିତିରେ ସେମାନଙ୍କ ନାମ ଏସ୍‌ଆଇଆର୍ ପ୍ରକ୍ରିୟାରେ ପଶ୍ଚିମବଙ୍ଗର ଭୋଟର ତାଲିକାରେ ସ୍ଥାନ ପାଇଲା ଏବଂ କେଉଁ ଆଧାରରେ ଏହି ଗ୍ରାମ ପଶ୍ଚିମବଙ୍ଗ ସହ ସମ୍ପୃକ୍ତ ହେଲା, ତାହାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ ଦଳ ଗଠନ କରିବା ଆବଶ୍ୟକ। ସୀମାନ୍ତ ଅଞ୍ଚଳର ଲୋକଙ୍କ ଭାଷାଗତ ଓ ପ୍ରଶାସନିକ ସ୍ୱାର୍ଥ ସୁରକ୍ଷା ପାଇଁ ଏହି ବିଷୟର ସ୍ପଷ୍ଟୀକରଣ ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। ଏହା ସହିତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀଙ୍କ ପାଇଁ ଚାଲୁଥିବା ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସ୍ଥିତିକୁ ନେଇ ମଧ୍ୟ ସେ ଗଭୀର ଉଦବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଓଡ଼ିଆ ଭାଷା ଶିକ୍ଷା ପାଇଁ ନିଯୁକ୍ତ ଶିକ୍ଷକ ଓ ସୁପରଭାଇଜରମାନେ ଗତ ଦୁଇ ବର୍ଷ ଧରି ଦରମା ପାଇନଥିବାରୁ ସେମାନେ ଆର୍ଥିକ ସଙ୍କଟରେ ଜୀବନ ବିତାଉଛନ୍ତି। ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ସରକାର ତୁରନ୍ତ ବକେୟା ଦରମା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ବୈଠକରେ ସେ ଆହୁରି ପ୍ରଶ୍ନ ଉଠାଇଥିଲେ ଯେ, ସୀମାନ୍ତ ରାଜ୍ୟଗୁଡ଼ିକରେ ଚାଲୁଥିବା ଓଡ଼ିଆ ବିଦ୍ୟାଳୟମାନଙ୍କୁ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଆ ପାଠ୍ୟପୁସ୍ତକ ଯୋଗାଣ କରାଯାଇଛି କି ନାହିଁ। ଏହି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ବୈଠକରେ ଉପସ୍ଥିତ ଗଣଶିକ୍ଷା ବିଭାଗର ସଚିବଙ୍କ ପକ୍ଷରୁ ମିଳିନଥିବା ବୋଲି ସେ ଉଲ୍ଲେଖ କରିଥିଲେ। ଭାଷା ଓ ସଂସ୍କୃତିର ସଂରକ୍ଷଣକୁ ଦୃଷ୍ଟିରେ ରଖି ବିଧାୟକ ଏକ ଦୂରଦର୍ଶୀ ପ୍ରସ୍ତାବ ମଧ୍ୟ ରଖିଥିଲେ।

# କମୁଛି ନଦୀର ଜଳସ୍ତର; ବଢୁଛି ଦୁର୍ଦ୍ଦଶା

**୫୪ଟି ପଞ୍ଚାୟତର ୭୪ଟି ଗ୍ରାମ ଓ ଉଦଳା ଏନଏସିର ୬ଟି ୱାର୍ଡ ପ୍ରଭାବିତ ■ ୩୦୪ଟି ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ**



ବାରିପଦା, ୩୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରବର୍ତ୍ତୀ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ନଦୀର ଜଳସ୍ତର କମିଥିବାବେଳେ ବିପନ୍ନ ପରିବାରଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି। ବୁଧବାର ଓ ଗୁରୁବାର ବର୍ଷାର ପରିମାଣ କମିବାରୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ବନ୍ୟାଜଳ କମିବା ପରେ ନଦୀ ସଂଲଗ୍ନ ଅଞ୍ଚଳର ଧାନଚାଷ ପ୍ରଭାବିତ ହୋଇଥିବାବେଳେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି।

ଜିଲ୍ଲାର ସାରସକଣାକୁ ଛାଡ଼ିଦେଲେ ବାକି ୨୫ଟି ବ୍ଲକ ବିଶେଷ ପ୍ରଭାବିତ ହୋଇଛି। ବ୍ଲକର ୫୪ଟି ପଞ୍ଚାୟତର ୭୪ଟି ଗ୍ରାମ ଓ ଉଦଳା ଏନଏସିର ୬ଟି ୱାର୍ଡ ଲୋକେ ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଲୋକଙ୍କୁ ୩୭ଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ୩୦୪ଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ୩ଟି ବେ-ଛପର ଘର, ୧୫ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ଆକଳନ ଜାରି ରହିଥିବାରୁ ସଂଖ୍ୟା ବୃଦ୍ଧି ପାଇପାରେ।

ସେହିପରି ବନ୍ୟା ଟଳି ନ ଥିବାରୁ ରାସଗୋବିନ୍ଦପୁର ଓ ବେତନଟୀ ବ୍ଲକ୍‌ରେ ଗୋଟିଏ ଲେଖାଏଁ ଓ ବଡ଼ସାହି ବ୍ଲକରେ ୨ଟି ଓଡ୍ରାଫ ଟିମକୁ ମୃତୟନ କରାଯାଇଛି। ସମସ୍ତ ବ୍ଲକ୍‌ରେ ଦମକଳ ବାହିନୀ ସଜାଗ ରହିଥିବାବେଳେ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାଏକ ଓ ଈଶ୍ୱର ଚନ୍ଦ୍ର ନାଏକ, ସଦର ଉପଜିଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲାର ଥିବା ଦେଓ, କାଳ ଓ ସୁନେଇ ଡ୍ୟାମର ଜଳ ବିପଦ ସଙ୍କେତଠାରୁ କମରେ ରହିଛି। ମାଣଡ୍ରୀ-ବୈଶିଙ୍ଗା ରାସ୍ତାର ନାଖରା ପୋଲର ୫ ଫୁଟ ତଳେ ବୁଢ଼ାବଳଙ୍ଗ ନଦୀ ଜଳ ପ୍ରବାହିତ ହେଉଥିବାରୁ ବନ୍ୟା ଆଶଙ୍କା ଟଳିଯାଇଛି। ଜଳ ହ୍ରାସ ପାଇବା ପରେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଚାଷ ଜମିର କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲ୍ଲା ଜରୁରିକାଳୀନ ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଅଗ୍ନିଶମ ବିଭାଗର ଉଦ୍ଧାର କାର୍ଯ୍ୟ

ବାରିକପୁର,୩୦।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବୈତରଣୀ ନଦୀ କୂଳରେ ଅବସ୍ଥିତ ବନ୍ଦାଲୋ-ମଡ଼ିଆଳି ଓ ଝୁଟୁଣା ପଞ୍ଚାୟତ ଅଞ୍ଚଳକୁ ୨ ଦିନ ବନ୍ୟା ପାଣି ଘେରି ରହିଥିଲା। ଏହି ଅଞ୍ଚଳର ୪ଜଣ ବ୍ୟକ୍ତି ବନ୍ୟା ପାଣିରେ ଫସି ରହିଥିଲେ। ସ୍ଥାନୀୟ ଲୋକ ଚେଷ୍ଟା କରି ମଧ୍ୟ ସେମାନଙ୍କୁ ଉଦ୍ଧାର କରିପାରି ନ ଥିଲେ। ଏନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ କର୍ମଚାରୀମାନେ ଉକ୍ତ ସ୍ଥାନରେ ପହଞ୍ଚି ଫସିଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳରେ କିଛି ବୃକ୍ଷ ଉପୁଡ଼ି ପଡ଼ିଥିବାବେଳେ ସେଗୁଡ଼ିକୁ ମଧ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ହଟାଯାଇଛି।



# ରେଙ୍ଗାଲି ଜଳଭଣ୍ଡାରରୁ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ



କଣିହାଁ, ୩୦।୭ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଳି ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଇବା ପରେ ଗୁରୁବାର ଅପରାହ୍ନ ୧ଟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ପୂଜାର୍ଚ୍ଚନା ପରେ ବ୍ରାହ୍ମଣୀ ନଦୀ ବନ୍ଧ ଯୋଜନାର ମୁଖ୍ୟ ଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ ୮ ନମ୍ବର ସ୍ପିଲ୍‌ୱେ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଏହି ଗୋଟିଏ ସ୍ପିଲ୍‌ୱେ ଗେଟ୍ ଓ ପାୱାର ଚ୍ୟାନେଲ ମାଧ୍ୟମରେ ପ୍ରତି ସେକେଣ୍ଡ ୧,୬୫୦ ଘନମିଟର ଜଳ ନିଷ୍କାସନ କରାଯାଉଛି। ଅନ୍ୟପକ୍ଷରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡ ୨,୭୩୫ ଘନମିଟର ଜଳ ପ୍ରବେଶ କରୁଛି। ଫଳରେ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି। ରେଙ୍ଗାଳି ଜଳଭଣ୍ଡାରର ସର୍ବାଧିକ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୧୨୨.୨୮ ମିଟରରେ ପହଞ୍ଚିଛି। ଜଳପ୍ରବାହ ଆହୁରି ବୃଦ୍ଧି ପାଇବା ସମ୍ଭାବନା ଥିବାରୁ ପରିସ୍ଥିତିକୁ କ୍ରମାଗତ ଭାବେ ନଜରରେ ରଖାଯାଉଛି। ବନ୍ୟାଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ବ୍ରାହ୍ମଣୀ ନଦୀର ତଳମୁଣ୍ଡରେ ଥିବା ଲୋକଙ୍କୁ ସତର୍କ କରାଯିବା ସହ ନଦୀ ନିକଟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ତେବେ ବର୍ତ୍ତମାନ ଯେତିକି ପରିମାଣରେ ଜଳ ନିଷ୍କାସନ କରାଯାଉଛି, ସେଥିପାଇଁ ତଳମୁଣ୍ଡରେ କୌଣସି ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ନାହିଁ ବୋଲି ବ୍ରାହ୍ମଣୀ ନଦୀବନ୍ଧ ଯୋଜନାର ମୁଖ୍ୟ ଯନ୍ତ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

**ଖୋଲିଲା ୮ ନମ୍ବର ଗେଟ୍**
**ସତର୍କ ରହିବାକୁ ପରାମର୍ଶ**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅନନ୍ତ କିଶୋର ଜେନା
ଇମାମନଗର, ଧର୍ମଶାଳା, ଯାଜପୁର
ଆବିର୍ଭାବ - ୧୯/୦୯/୧୯୫୬
ତିରୋଧାନ - ୨୧/୦୭/୨୦୨୬
ତୁମ ଅବର୍ତ୍ତମାନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଅବିସ୍ମରଣୀୟ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବଡଭାଇ-ରମାକାନ୍ତ ଜେନା, ସାନଭାଇ - ପବିତ୍ର, ପତ୍ନୀ - ନିର୍ମଳା, ପୁତ୍ର - ପୁତ୍ରବଧୂ- ଅଜିତରଞ୍ଜନ, ଲୋପାମୁଦ୍ରା, ଝିଅ - ଜ୍ୱାଇଁ - ଅନିତା - ଦିଲିପ, ପୁତୁରା, ନାତି - ନାତୁଣୀ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ

## ଭୋଗରାଇର ପ୍ରବଳ ବର୍ଷାଜନିତ ଜଳବନ୍ଦି ଓ ଫସଲହାନି ପ୍ରସଙ୍ଗ

# ରାଜସ୍ୱମନ୍ତ୍ରୀଙ୍କୁ ଅବଗତ କଲେ ବିଧାୟକ ଗୌତମବୁଦ୍ଧ ଦାସ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩୦।୭ (ସମିସ): ଗଭୀର ଅବପାତ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଭୋଗରାଇ ବ୍ଲକରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ସ୍ଥିତି, ବ୍ୟାପକ ଫସଲହାନି ଓ ଭିତ୍ତିଭୂମି କ୍ଷୟକ୍ଷତିକୁ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଗୁରୁବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲଙ୍କ କାର୍ଯ୍ୟାଳୟକୁ ଯାଇ ଭୋଗରାଇର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଥିବା ଜଣାପଡ଼ିଛି। ଏଥି ସହ ସମସ୍ୟା ର ସମାଧାନ ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରବଳ ବର୍ଷା ପ୍ରଭାବରେ ଭୋଗରାଇ ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ ଦୀର୍ଘ ସମୟ ଧରି ଜଳମଗ୍ନ ରହିଛି। ହଜାର ହଜାର ଏକର ଧାନ ଚାଷ ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ଗଭୀର ନିରାଶା ଦେଖାଦେଇଛି। ଏହି ସହ ବହୁ ଗ୍ରାମର ରାସ୍ତାଘାଟ, ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥା ଓ ଅନ୍ୟାନ୍ୟ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନଥିଲେ ମଧ୍ୟ, କେବଳ ବର୍ଷାଜଳ ଜମି ରହିବା ଯୋଗୁଁ ଭୋଗରାଇ ବ୍ଲକର ୩୫ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପ୍ରାୟ ୨୦୦ଟି ଗ୍ରାମରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଯୋଗୁଁ କୃଷି ଅର୍ଥନୀତି, ଗ୍ରାମୀଣ ଜୀବନଯାତ୍ରା ଏବଂ ସାଧାରଣ ଜନଜୀବନ ଗଭୀର ଭାବେ ପ୍ରଭାବିତ ହୋଇଛି। ବିଧାୟକ ଶ୍ରୀ ଦାସ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, କେତେକ ସ୍ଥାନରେ ପ୍ରାକୃତିକ ଜଳ ନିଷ୍କାସନ ପଥକୁ ବନ୍ଦ କରାଯିବା, ସରକାରୀ ଜମି ଉପରେ ବେଆଇନ ଜବରଦଖଲ ଓ ଜଳପଥରେ ଅବରୋଧ ସୃଷ୍ଟି ହେବା ଫଳରେ ବର୍ଷାଜଳର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହୋଇଛି। ଏହି ସବୁ କାରଣରୁ ବହୁ ଅଞ୍ଚଳରେ କୃତ୍ରିମ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇ ଚାଷଜମି, ବସତି ଅଞ୍ଚଳ ଓ ରାସ୍ତାଘାଟ ଦୀର୍ଘ ସମୟ ଧରି ପାଣି ଘେରରେ ରହିଛି। ଏହି ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ ଦାସ ପ୍ରଭାବିତ ଅଞ୍ଚଳରେ ତୁରନ୍ତ କ୍ଷୟକ୍ଷତିର ସର୍ବେକ୍ଷଣ କରିବା, ଜଳ ନିଷ୍କାସନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା, ବେଆଇନ ଜବରଦଖଲ ଉଚ୍ଛେଦ କରିବା ଏବଂ ପ୍ରଭାବିତ ଚାଷୀମାନଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି, ସ୍ଥାନୀୟ ପ୍ରଶାସନକୁ କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ରାଜସ୍ୱମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଭୋଗରାଇରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଜଳବନ୍ଦୀ ଓ ଫସଲହାନି ସମସ୍ୟାକୁ ନେଇ ବିଧାୟକଙ୍କ ଏହି ପଦକ୍ଷେପକୁ ପ୍ରଭାବିତ ଅଞ୍ଚଳର ଚାଷୀ ଓ ସାଧାରଣ ଲୋକ ସ୍ୱାଗତ କରିଥିବାବେଳେ, ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ କରି ଲୋକଙ୍କୁ ଆଶ୍ୱସ୍ତ କରିବେ ବୋଲି ଆଶା ପ୍ରକାଶ ପାଇଛି।

MISSING PERSON



NAME: Karnam Lachumamma
AGE: 62 years
HEIGHT: 5.2 Inch
COLOUR: Fare
MISSING FROM: Puri, Odisha
LAST SEEN LOCATION: Near Jagannath Temple / Grand Road area, Puri.
PERMANENT ADDRESS: Kashinagar, Gajapati District, Odisha.
IF FOUND OR IF YOU HAVE ANY INFORMATION, PLEASE CONTACT
8144956420, 8658211106, 9078445508
OR REPORT NEAREST POLICE STATION.

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୮୦- ସୁପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ମୁନ୍‌ସି ପ୍ରେମଚାନ୍ଦଙ୍କ ଜନ୍ମ।
- ୧୯୩୩- ମହାତ୍ମା ଗାନ୍ଧୀ ସ୍ଥାୟୀ ଭାବେ ସାବରମତୀ ଆଶ୍ରମ ଛାଡ଼ିଲେ।
- ୧୯୫୬- ଭାରତ ଓ ନେପାଳ ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୮୨- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୯୩- ଭାରତର ପ୍ରଥମ ସାମୁଦ୍ରିକ ସଂଗ୍ରହାଳୟ କଲିକତାରେ ଉଦ୍‌ଘାଟନ ହେଲା।

## ଆସିବ 'ମମ୍'ର ସିକ୍ୱେଲ




ଶ୍ରୀଦେବୀଙ୍କ ଅଭିନୀତ ଚଳଚ୍ଚିତ୍ର 'ମମ୍' ୨୦୧୭ ମସିହାରେ ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଏହାକୁ ନେଇ ଏକ ଖବର ଆସିଛି। ପାଖାପାଖି ୯ ବର୍ଷ ପରେ ଏହାର ସିକ୍ୱେଲ୍ ଆସିବାକୁ ଯାଉଛି। ଶ୍ରୀଦେବୀଙ୍କ ଝିଅ ଖୁସି କପୁର 'ମମ୍ ୨' ଚଳଚ୍ଚିତ୍ରରେ ଲିଡ୍ ରୋଲରେ ନଜର ଆସିବେ। ଏହା ଆସନ୍ତା ନଭେମ୍ବରରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱରେ ବୋନି କପୁର ଅଛନ୍ତି। ଏହାର ସୁଟିଂ ନୋଏଡା ଓ ଗ୍ରୀସ୍‌ରେ ହୋଇଛି। 'ମମ୍' ଶ୍ରୀଦେବୀଙ୍କର ଶେଷ ଚଳଚ୍ଚିତ୍ର ଥିଲା, ଏଭଳି ପରିସ୍ଥିତିରେ ଏହି ପ୍ରୋଜେକ୍ଟ ଖୁସିଙ୍କ ପାଇଁ ବହୁତ ସ୍ୱତନ୍ତ୍ର ହେବ ବୋଲି ଚର୍ଚ୍ଚା ହେଉଛି। ଏହି ଫିଲ୍ମ ମାଧ୍ୟମରେ ଖୁସି ତାଙ୍କ ମାଆଙ୍କ ସ୍ମୃତି ଓ ଅଭିନୟର ସାମ୍ରାଜ୍ୟକୁ ଆଗକୁ ବଢ଼ାଉଥିବାର ନଜର ଆସିବେ। ଏଥିରେ କରିଶ୍ମା ତନ୍ନା ଏବଂ ଯୀଶୁ ସେନଗୁପ୍ତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଗିରିଶ କୋହଲି ଏହାର ନିର୍ଦ୍ଦେଶନା ଦେଉଛନ୍ତି। 'ମମ୍ ୨' ପ୍ରଥମ ଚଳଚ୍ଚିତ୍ରର କାହାଣୀକୁ ଆଗକୁ ବଢ଼ାଇବ ନାହିଁ, ବରଂ ଏକ ନୂଆ କାହାଣୀ ସହିତ ଆସିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୁହାଯାଉଛି। ଚଳଚ୍ଚିତ୍ରରେ ସସ୍‌ପେନ୍ସ, ଡ୍ରାମା ଏବଂ ଶକ୍ତିଶାଳୀ ମହିଳା ଚରିତ୍ର ମାଧ୍ୟମରେ ନ୍ୟାୟର କାହାଣୀକୁ ଦେଖାଯିବ।

## ପ୍ୟାଣ୍ଟ ପିନ୍ଧା ଗଧ



ସାଧାରଣତଃ ଲୋକେ ନିଜ ରୁଚି ଅନୁସାରେ ସାର୍ଟ, ଟିସାର୍ଟ, ପ୍ୟାଣ୍ଟ, ପାଇଜାମା ଆଦି ପିନ୍ଧିଥାନ୍ତି। ହେଲେ ଗଧ ପ୍ୟାଣ୍ଟ ପିନ୍ଧିବା କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ। ତେବେ ଫ୍ରାନ୍ସର ପଶ୍ଚିମ ଉପକୂଳ ସ୍ଥିତ 'ଇଲ ଦେ ରେ' ନାମକ ଦ୍ୱୀପରେ ଏଭଳି ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ଗଧଗୁଡ଼ିକ ଭଳିକି ଭଳି ରଙ୍ଗିନ ଚେକ୍ ପ୍ୟାଣ୍ଟ ପିନ୍ଧି ରାସ୍ତା ଏବଂ ପାର୍କରେ ବୁଲୁଥିବାର ନଜର ଆସିଥାନ୍ତି। ତେବେ ଏଠାରେ ଗଧମାନଙ୍କୁ ଚେକ୍ ପ୍ୟାଣ୍ଟ କିମ୍ବା ପାଇଜାମା ପିନ୍ଧାଇବା ପଛରେ ଏକ ଐତିହାସିକ କାରଣ ରହିଛି। ଏହି ପରମ୍ପରା ଫ୍ୟାଶନ କିମ୍ବା ମନୋରଞ୍ଜନ ଉଦ୍ଦେଶ୍ୟରେ ନୁହେଁ, ବରଂ ପଶୁମାନଙ୍କ ସୁରକ୍ଷା ପାଇଁ ଆରମ୍ଭ ହୋଇଥିଲା। ଅତୀତରେ ଏହି ଦ୍ୱୀପରେ ଗଧମାନଙ୍କୁ ଲୁଣ ଚାଷ ଏବଂ କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ଲୁଣ କ୍ଷେତରେ ଥିବା ବିଷାକ୍ତ ମଶା ଏବଂ ପୋକ-ଜୋକଗୁଡ଼ିକ କାମୁଡ଼ିବା ଯୋଗୁଁ ଗଧମାନଙ୍କ ଗୋଡ଼ରେ ଗମ୍ଭୀର ସଂକ୍ରମଣ ହେଉଥିଲା। ଏହାର ସମାଧାନ ବାହାର କରି, ମାଲିକମାନେ ପୁରୁଣା ସ୍କ୍ରିନ୍ କିମ୍ବା ଗଦି କଭର କପଡ଼ାରୁ ଗଧଙ୍କ ପାଇଁ ପାଇଜାମା ତିଆରି କଲେ। କାମକୁ ଯିବା ପୂର୍ବରୁ ପ୍ରତିଦିନ ସକାଳେ ଗଧମାନଙ୍କୁ ଏହି ପ୍ୟାଣ୍ଟ ପିନ୍ଧାଇ ଦିଆଯାଉଥିଲା, ଯାହାଫଳରେ ପୋକଗୁଡ଼ିକ ସେମାନଙ୍କ ଗୋଡ଼ରେ ପହଞ୍ଚି ପାରିବେ ନାହିଁ। ଏହି ଗଧମାନେ 'ପୋଇତୁ' ପ୍ରଜାତିର। ଏମାନଙ୍କର ଆକାର ବହୁତ ବଡ଼ ହୋଇଥାଏ ଏବଂ ଶରୀରରେ ଲମ୍ବା ଲମ୍ବା ଜଟା ଭଳି କେଶ ଥାଏ। ଏହି ଲମ୍ବା କେଶ ଯୋଗୁଁ ଏମାନଙ୍କୁ ମଶା ଅଧିକ କାମୁଡ଼ନ୍ତି। ଆଜିକାଲି କୃଷି କାର୍ଯ୍ୟ ପାଇଁ ଆଧୁନିକ ମେସିନ୍ ବ୍ୟବହାର ହେଉଥିବାରୁ ଏଠାରେ ଆଉ ପୂର୍ବଭଳି ଗଧମାନଙ୍କୁ କ୍ଷେତରେ କାମ କରିବାକୁ ପଡୁନାହିଁ। ହେଲେ ନିଜର ପୁରୁଣା ସଂସ୍କୃତିକୁ ବଞ୍ଚାଇ ରଖିବା ଏବଂ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଆଜି ବି ଏଠାରେ ଗଧମାନଙ୍କୁ ପ୍ୟାଣ୍ଟ ପିନ୍ଧାଯାଏ। ସ୍ଥାନୀୟ ସେଣ୍ଟ-ମାର୍ଟିନ-ଦେ-ରେ ସ୍ଥିତ ବାରବେଟ୍ ପାର୍କରେ ପର୍ଯ୍ୟଟକମାନେ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ଏହି ପ୍ୟାଣ୍ଟ ପିନ୍ଧିଥିବା ଗଧମାନଙ୍କୁ ଦେଖିପାରିବେ, ସେମାନଙ୍କ ସହ ଫଟୋ ଉଠାଇ ପାରିବେ ଏବଂ ସେମାନଙ୍କ ପିଠିରେ ବସି ବୁଲିପାରିବେ।

## ଦାଢ଼ି ପାଇଁ ୧୦ ଲକ୍ଷ



ଆଜିକାଲି ଦାଢ଼ି ରଖିବା ଯୁବକଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟରେ ପରିଣତ ହୋଇଛି। ସେହିପରି ଦାଢ଼ି ଥିବା ଯୁବକ ଅଧିକ ପରିପକ୍ୱ ଲାଗନ୍ତି। ଏହି କ୍ରମରେ ଜଣେ ବ୍ୟକ୍ତି ଦାଢ଼ି ପ୍ରତ୍ୟାରୋପଣ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଅବଶ୍ୟ ଏହା ପଛରେ କାରଣ ଥିବା କୁହାଯାଉଛି। ସମ୍ପୃକ୍ତ ଯୁବକ ଜଣକ ପ୍ରାଇଭେଟ୍ ଇକ୍ୟୁଟି ଏବଂ ଭେଞ୍ଚର କ୍ୟାପିଟାଲ ସେକ୍ଟରରେ କାମ କରନ୍ତି। ଯୁବକ ଜଣକ ତାଙ୍କ ବୟସ ତୁଳନାରେ ବେଶ୍ କମ୍ ବୟସର ଦେଖାଯାଉଥିଲେ। ଏହା ଯୋଗୁଁ ଅନେକ ସମୟରେ ଅଫିସ୍ ମିଟିଂରେ ତାଙ୍କ ମତକୁ ଅଣଦେଖା କରାଯାଏ। ଲୋକେ ତାଙ୍କୁ ଫ୍ରେଶର ବୋଲି ଭାବନ୍ତି। ହେଲେ ଲଗାତାର ଏଭଳି ଟିପ୍ପଣୀ ମିଳିବାରୁ ସେ ଅସହଜ ଓ ଅସୁରକ୍ଷିତ ମନେ କଲେ। ବେଳେ ବେଳେ ଯେଉଁ ପଦବୀ ପାଇଁ ସେ ଯୋଗ୍ୟ ଥାନ୍ତି, ତାଙ୍କର ପିଲାଳିଆ ମୁହଁ ଯୋଗୁଁ ସେଥିରୁ ସେ ବଞ୍ଚିତ ହୋଇଥାନ୍ତି। ଅବଶ୍ୟ ଭଲ ଲୁକ୍ ପାଇବା ପାଇଁ ସେ ପ୍ରଥମେ ପ୍ରାକୃତିକ ଉପାୟକୁ ଆପଣାଇଲେ। ସେ ଦାଢ଼ି ପାଇଁ ପ୍ରଥମେ ତେଲ, ଭିଟାମିନ ଏବଂ କେଶ ଉଠିବା ଔଷଧ ବି ବ୍ୟବହାର କଲେ। ହେଲେ ଶତ ପ୍ରଚେଷ୍ଟା ସତ୍ତ୍ୱେ ବି ତାଙ୍କର ଦାଢ଼ି ଉଠିଲା ନାହିଁ। ଏହାପରେ ସେ ଦାଢ଼ି ପ୍ରତ୍ୟାରୋପଣ କରିବା ନିଷ୍ପତ୍ତି ନେଲେ। ଏହି ପ୍ରକ୍ରିୟାରେ ମୁଣ୍ଡ ପଛ ପାର୍ଶ୍ୱରୁ କେଶ ବାହାର କରାଯାଇ, ମୁହଁର ସେହି ସ୍ଥାନରେ ଲଗାଗଲା, ଯେଉଁଠି ଦାଢ଼ି କମ୍ ଥିଲା। ତାଙ୍କର ପୂରା ସର୍ଜରୀ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଚାଲିଲା। ଅପରେସନ୍ ୧୦ ଦିନ ପର୍ଯ୍ୟନ୍ତ ତାଙ୍କ ମୁହଁରେ ଛୋଟ ଛୋଟ କ୍ଷତ ଚିହ୍ନ ରହିଲା। ଧୀରେ ଧୀରେ ନୂଆ ଦାଢ଼ି ଉଠିବା ଆରମ୍ଭ ହେଲା ଏବଂ କିଛି ଦିନ ପରେ ତାଙ୍କ ଚେହେରା ସମ୍ପୂର୍ଣ୍ଣ ବଦଳିଗଲା। ସେ କହିଛନ୍ତି, ଦାଢ଼ି ଆସିବା ପରେ ତାଙ୍କୁ ଆଉ କମ୍ ବୟସ୍କ ନେଇ ପରିହାସ କଲେ ନାହିଁ। ସହକର୍ମୀମାନେ ତାଙ୍କ କଥାକୁ ପୂର୍ବ ତୁଳନାରେ ଗୁରୁତର ସହକାରେ ଶୁଣିବା ଆରମ୍ଭ କଲେ। ଏପରିକି ପୂର୍ବ ତୁଳନାରେ ସେ ଅଧିକ ପରିପକ୍ୱ ଏବଂ ଆତ୍ମବିଶ୍ୱାସୀ ଲାଗୁଥିବା ଅନେକ ତାଙ୍କୁ କହିଲେ। ଏହି ପରିବର୍ତ୍ତନ ତାଙ୍କର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଇଥିବା ସେ କହିଛନ୍ତି। ଦାଢ଼ି ପ୍ରତ୍ୟାରୋପଣ ପାଇଁ ସେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହା ସତ୍ତ୍ୱେ ବି ଏଭଳି ଏକ ନିଷ୍ପତ୍ତିକୁ ନେଇ ସେ ଅନୁଶୋଚନା କରୁ ନ ଥିବା କହିଛନ୍ତି। ଏହାଦ୍ୱାରା ତାଙ୍କ ଆତ୍ମବିଶ୍ୱାସ ଫେରିଛି ଏବଂ ନିଜକୁ ନେଇ ଥିବା ଅସୁରକ୍ଷିତ ମନୋଭାବନା ବି ଅନେକ ପରିମାଣରେ ହ୍ରାସ ପାଇଛି।

## ବର୍ଷାଦିନେ ବ୍ୟାଧିର ବିପଦ

### ସଚେତନତା ହିଁ ସର୍ବୋତ୍ତମ ସୁରକ୍ଷା କବଚ

**ବର୍ଷାଋତୁରେ ସାମାନ୍ୟ ଅସାବଧାନତା ଅନେକ ସଂକ୍ରାମକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ଏହିଦିନେ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସଚେତନ ରହିବା ଏକାନ୍ତ ଆବଶ୍ୟକ।**

ଡା. ରାଜାରାମ ଷଡ଼ଙ୍ଗୀ



ବର୍ଷା ହେଲେ ଜମି ରହୁଥିବା ପାଣି ମଶାଙ୍କ ପାଇଁ ପ୍ରଜନନ କ୍ଷେତ୍ର ପାଲଟିଯାଏ। ଫଳରେ ଡେଙ୍ଗୁ, ମ୍ୟାଲେରିଆ ଓ ଚିକୁନଗୁନିଆ ଭଳି ରୋଗ ଦ୍ରୁତ ଗତିରେ ବ୍ୟାପିଥାଏ। ଅନ୍ୟପଟେ ଦୂଷିତ ପାନୀୟ ଜଳ ଓ ଅପରିଷ୍କାର ଖାଦ୍ୟ ଡାଇରିଆ, କଲେରା, ଟାଇଫଏଡ୍ ଓ ଜଣ୍ଡିସ ଭଳି ରୋଗର କାରଣ ସାଜିଥାଏ। ସର୍ଦ୍ଦି, କାଶ, ଭାଇରାଲ୍ ଜ୍ୱର, ଚର୍ମରୋଗ ଓ ଫଙ୍ଗାଲ୍ ସଂକ୍ରମଣ ମଧ୍ୟ ଏହି ଋତୁରେ ସାଧାରଣ ଘଟଣା।

ଆୟୁର୍ବେଦ କହେ, ବର୍ଷାଋତୁରେ 'ଅଗ୍ନି' ବା ପାଚନଶକ୍ତି ଦୁର୍ବଳ ହୋଇଯାଏ। ତେଣୁ ଏହି ସମୟରେ ଅଧିକ ତେଲ-ମସଲା, ବାସି ଓ ଅପରିଷ୍କାର ଖାଦ୍ୟ ପରିହାର କରିବା ଆବଶ୍ୟକ। ଉଷୁମ ପାଣି ପିଇବା, ହାଲୁକା ଓ ସହଜପାଚ୍ୟ ଖାଦ୍ୟ ସେବନ କରିବା ଏବଂ ଋତୁ ଅନୁକୂଳ ଜୀବନଶୈଳୀ ଅବଲମ୍ବନ କରିବା ଶରୀରର ପ୍ରତିରୋଧକ କ୍ଷମତାକୁ ସୁଦୃଢ଼ କରିଥାଏ।

ବ୍ୟକ୍ତିଗତ ସଚେତନତା ସହ ସାମାଜିକ ସଚେତନତା ମଧ୍ୟ ସମାନ ଭାବେ ଆବଶ୍ୟକ। ଘର ଓ ଆଖପାଖରେ ପାଣି ଜମିବାକୁ ନ ଦେବା, ନାଳ ନର୍ଦ୍ଦମାକୁ ପରିଷ୍କାର ରଖିବା, ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା, ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ହାତ ଧୋଇବା ଏବଂ ମଶାରି ବ୍ୟବହାର କରିବା ଭଳି ଅଭ୍ୟାସ ଅନେକ ଗୁରୁତର ରୋଗକୁ ରୋକିପାରେ।

ଆଜିକାଲି ସାମାନ୍ୟ ଜ୍ୱର ହେଲେ ଅନେକେ ନିଜ ଇଚ୍ଛାରେ ଔଷଧ କିଣି ଖାଇ ଦେଉଛନ୍ତି। ଏହି ପ୍ରବୃତ୍ତି ବିପଜ୍ଜନକ। ବିଶେଷକରି ଡେଙ୍ଗୁ ଭଳି ରୋଗରେ ବିଳମ୍ବ କିମ୍ବା ଭୁଲ୍ ଚିକିତ୍ସା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ତେଣୁ ଦୁଇ ଦିନରୁ ଅଧିକ ଜ୍ୱର, ତୀବ୍ର ମୁଣ୍ଡବିନ୍ଧା, ବାରମ୍ବାର ବାନ୍ତି, ଅତ୍ୟଧିକ ଦୁର୍ବଳତା କିମ୍ବା ରକ୍ତସ୍ରାବର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ସ୍ୱଚ୍ଛତା, ସନ୍ତୁଳିତ ଖାଦ୍ୟ, ନିରାପଦ ପାନୀୟ ଜଳ, ନିୟମିତ ବ୍ୟାୟାମ ଓ ସମୟୋପଯୋଗୀ ଚିକିତ୍ସା ପରାମର୍ଶ ଉପରେ ବର୍ଷାଋତୁର ସୁସ୍ଥ ଜୀବନ ନିର୍ଭର କରେ। ଏଥିପାଇଁ ଆବଶ୍ୟକ କେବଳ ସଚେତନତା, ସ୍ୱଚ୍ଛତା ଓ ସମୟୋପଯୋଗୀ ସତର୍କତା।

- ପଡିଆବାହାଲ, ସମ୍ବଲପୁର

## ପ୍ଲେଟ୍‌ଲେଟ୍ ବୃଦ୍ଧି ପାଇଁ

**ବର୍ଷାଋତୁରେ ଡେଙ୍ଗୁ, ମ୍ୟାଲେରିଆ, ଟାଇଫଏଡ୍ ବହୁଳ ଭାବେ ବ୍ୟାପିଥାଏ। ଏହାଦ୍ୱାରା ବ୍ଲଡ୍ ପ୍ଲେଟ୍‌ଲେଟ୍ ହ୍ରାସ ପାଇଯାଏ। ତେଣୁ ପ୍ଲେଟ୍‌ଲେଟ୍ ସଂଖ୍ୟା ବୃଦ୍ଧି ପାଇଁ କିଛି ଉପାୟ ଆପଣାଇ ପାରିବେ।**



- ଖାଦ୍ୟରେ ଭିଟାମିନ୍ ସି, ବି ୧୨, ଲୌହସାରଯୁକ୍ତ ଖାଦ୍ୟ, ଡାଳିମ୍ବ, ଅଙ୍ଗୁର, କମଳା, ବ୍ରୋକୋଲି, କ୍ୱିୱି, କଦଳୀ, ପାଳଙ୍ଗ ଆଦି ସବୁଜ ପନିପରିବା ସାମିଲ କରିବା ଆବଶ୍ୟକ।
- ଚିକିତ୍ସକଙ୍କ ପରାମର୍ଶରେ କଞ୍ଚା ଅମୃତଭଣ୍ଡା ପତ୍ରର ରସ ବହୁତ ସହାୟକ ହୋଇଥାଏ। ଆଜିକାଲି ଅମୃତଭଣ୍ଡା ପତ୍ରରୁ ମଧ୍ୟ ଔଷଧ, ସିରପ, ବଟିକା, ପାଉଡର ଆଦି ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହେଉଛି। ପ୍ଲେଟ୍‌ଲେଟ୍ ବୃଦ୍ଧି ପାଇଁ ପଇଡ଼ପାଣି ସାହାଯ୍ୟ କରେ।
- ନିୟମିତ ଖାଲି ପେଟରେ ୩ରୁ ୪ଟି ଅଁଳା ସେବନ କରିପାରିବେ। ନିୟମିତ ବ୍ୟବଧାନରେ ଏକ ଗ୍ଲାସ ଡାଳିମ୍ବ ରସ ପିଇଲେ ପ୍ଲେଟ୍‌ଲେଟ୍ ସଂଖ୍ୟା ବଢ଼େ। ଏକ ଗ୍ଲାସ ଗାଜର ରସରେ ତିନି ଚାମଚ ବିଟ୍ ରସ ମିଶାଇ ସେବନ କରିପାରିବେ। ଶରୀରର ଜଳୀୟଅଂଶକୁ ବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକୀୟ ତରଳ ପଦାର୍ଥ ଗ୍ରହଣ କରିବା ଆବଶ୍ୟକ।

## ପେଟଫମ୍ପାର ଉପଚାର

- ଦୁଇ ଚାମଚ ଲେମ୍ବୁରସରେ ଦୁଇ ଅଣି ଓଜନ ପାନମହୁରୀ ବଟା ମିଶାଇ ୩/୪ ରତି ବିଟ ଲବଣ ଦେଇ ଖାଇଲେ ପେଟଫମ୍ପା ଆରୋଗ୍ୟ ହୁଏ।
- ଆମିଳିତ ଶାଗ ରସରେ ଯବକ୍ଷାର ଗୋଳି ପେଟ ଉପରେ ପ୍ରଲେପ ଦେଇ ଅଥବା ଏହି ରସ ସହିତ ଖସା ଅଭାବେ ସୋରିଷ ତେଲ ଫେଣାଇ ପେଟରେ ମାଲିସ୍ କଲେ ପେଟଫମ୍ପା ଭଲ ହୁଏ।
- ହିଙ୍ଗୁଳ ମଞ୍ଜି ପାଣିରେ ବାଟି ପେଟରେ ଲେପ ଦେଲେ ପେଟ ଫମ୍ପା ଓ ଶୂଳ ଭଲ ହୁଏ। ବକ୍ଷରେ ଲେପ ଦେଲେ ବକ୍ଷ ବେଦନା ଭଲ ହୁଏ।
- କଦମ୍ବପତ୍ର ରସ ଏକ ତୋଳା ଖାଇଲେ ପେଟଫମ୍ପା ଭଲ ହୋଇ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ସଞ୍ଜୀବନୀ

## "ମା' କ୍ଷୀର ଶିଶୁ ପାଇଁ ସର୍ବୋତ୍କୃଷ୍ଟ"



**ମା' କ୍ଷୀର ଶିଶୁ ପାଇଁ ଅମୃତ ସମାନ। ଏହା ଶିଶୁ ଶରୀର ପାଇଁ ଏକ ସର୍ବୋତ୍କୃଷ୍ଟ ପୌଷ୍ଟିକ ଉପାଦାନ। ତେଣୁ ସ୍ତନ୍ୟପାନର ଉପାଦେୟତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ପହିଲାରୁ ସାତ ତାରିଖ ପର୍ଯ୍ୟନ୍ତ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ପାଳନ କରାଯାଉଛି। ଏ ବର୍ଷର ବାର୍ତ୍ତା ରହିଛି " ଜୀବନର ଏକ ସ୍ଥାୟୀ ଆରମ୍ଭ ପାଇଁ ମାଆ କ୍ଷୀର: କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥାକୁ ଦୃଢ଼ କରନ୍ତୁ "। ତେବେ ସ୍ତନ୍ୟପାନର ଉପକାରିତା ସମ୍ବନ୍ଧରେ ଜାଣିବା ପାଇଁ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ନୀଳମାଧବ ଜେନାଙ୍କ ସହ ସ୍ୱତନ୍ତ୍ର ଆଳାପ।**

**ମା'ର ପ୍ରଥମ କ୍ଷୀର ହଳଦିଆ ଏବଂ ବହଳିଆ, ଏହି କ୍ଷୀର ଶିଶୁକୁ ଦେବା ଉଚିତ କି?**

- ପ୍ରଥମ କ୍ଷୀରକୁ କଷ କ୍ଷୀର, କୋଲୋଷ୍ଟ୍ରମ୍ କୁହାଯାଏ। ଏହି କ୍ଷୀରର ପ୍ରତିଟି ବିନ୍ଦୁ ଶିଶୁ ପାଇଁ ମୂଲ୍ୟବାନ। ପ୍ରଥମ ତିନିଦିନ ଏହି କଷ କ୍ଷୀର ନିର୍ଗତ ହୋଇଥାଏ। ଏଥିରେ ସମସ୍ତ ପ୍ରକାରର ରୋଗ ପ୍ରତିରୋଧକ ଶକ୍ତି ଭରି ରହିଥାଏ। ଏହି କ୍ଷୀର ଶିଶୁକୁ ଝାଡ଼ା, ବାନ୍ତି, ନିମୋନିଆ, ଆଲର୍ଜି ପରି ଅନେକ ରୋଗରୁ ରକ୍ଷା କରିଥାଏ। ଏ କ୍ଷୀର ପ୍ରଥମ ପ୍ରତିଷେଧକ ଟିକା ବୋଲି କୁହାଯାଏ। ପରିମାଣରେ କମ୍ ହେଲେ ମଧ୍ୟ ଏହା ପୁଷ୍ଟିସାର ଏବଂ ଭିଟାମିନ୍‌ରେ ଭରପୁର।

**ଶିଶୁ ଜନ୍ମ ହେବାର କେତେ ସମୟ ପରେ ମା' କ୍ଷୀର ଦେବା ଦରକାର?**

- ଜନ୍ମପୂର୍ବରୁ ଶିଶୁ ମା'ଠାରୁ ସମସ୍ତ ଆହାର ନାଭି ବାଟେ ଗ୍ରହଣ କରିଥାଏ, ମାତ୍ର ଜନ୍ମ ପରେ ଶିଶୁ ମା'ଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ହୋଇଯାଏ। ତେଣୁ ଜନ୍ମ ପରେ ଯେତେ ଶୀଘ୍ର ସମ୍ଭବ ମା' କ୍ଷୀର ଦେବା ଆବଶ୍ୟକ। ବିଶେଷକରି ଜନ୍ମର ଏକ ଘଣ୍ଟା ମଧ୍ୟରେ ମା' ଶିଶୁକୁ କୋଳରେ ସ୍ତନ୍ୟପାନ କରାଇବା ଉଚିତ।

**ମା' ଯଦି କୌଣସି ରୋଗରେ ଆକ୍ରାନ୍ତ ହୁଏ ତେବେ ସେ ସ୍ତନ୍ୟପାନ କରାଇ ପାରିବ କି?**


- ନିଶ୍ଚୟ। ମା' ରୋଗାକ୍ରାନ୍ତ ହେଉ ପଛେ ଶିଶୁକୁ କ୍ଷୀର ପିଆଇବା ଚାଲୁ ରଖିବା ଦରକାର। କାରଣ ମା' ଯେଉଁ ରୋଗରେ ଆକ୍ରାନ୍ତ ତା ଶରୀରରେ ସେହି ରୋଗ ବିରୁଦ୍ଧରେ ରୋଗ ପ୍ରତିରୋଧକ ଶକ୍ତି ଜାତ ହୋଇଥାଏ। ମା' କ୍ଷୀର ଜରିଆରେ ଏହି ଶକ୍ତି ଶିଶୁ ଶରୀରକୁ ଯାଇଥାଏ।

**ଶିଶୁକୁ କେତେଦିନ ପର୍ଯ୍ୟନ୍ତ ମା' କ୍ଷୀର ଖୁଆଇବା ଆବଶ୍ୟକ?**

- ଅତନ୍ତ ପକ୍ଷେ ଶିଶୁକୁ ପ୍ରଥମ ଛଅମାସ କେବଳ ମା' କ୍ଷୀର ଦେବା ଦରକାର। ତା'ପରେ ଶିଶୁକୁ ଅନ୍ୟ ବହଳିଆ ଖାଦ୍ୟ ଦିଆଯିବା ଉଚିତ। କିନ୍ତୁ ମା' କ୍ଷୀର ବନ୍ଦ ନ କରି ଦୁଇ ବର୍ଷ ପର୍ଯ୍ୟନ୍ତ ଦେବା ଆବଶ୍ୟକ।

## 'ସକାଳ'ର ସ୍ୱାସ୍ଥ୍ୟ

## ହାଇପରଟେନ୍‌ସିଭ୍ ରେଟିନୋପାଥି



ବିଶୃଙ୍ଖଳିତ ଜୀବନଶୈଳୀ, ଚାପ, ଓଜନ ବୃଦ୍ଧି, ବଂଶଗତ ରୋଗ ଆଦି କାରଣରୁ ଅଧିକାଂଶ ଉଚ୍ଚ ରକ୍ତଚାପରେ ପୀଡ଼ିତ। ଉଚ୍ଚରକ୍ତଚାପ ନିୟନ୍ତ୍ରଣରେ ନ ରହିଲେ ରକ୍ତନଳୀ ଏବଂ ହୃଦୟ ଉପରେ ଚାପ ପଡ଼ି ହୃଦ୍‌ଘାତ, ଷ୍ଟ୍ରୋକ୍, କ୍ରନିକ କିଡନୀ ରୋଗ ସୃଷ୍ଟି କରିପାରେ। ଅନିୟନ୍ତ୍ରିତ ଓ ଦୀର୍ଘ ଦିନ ଧରି ଥିବା ଉଚ୍ଚ ରକ୍ତଚାପ ଯୋଗୁଁ ଆଖିର ରେଟିନାରେ ଥିବା ରକ୍ତନଳୀ କ୍ଷତିଗ୍ରସ୍ତ ହୋଇ ଦୃଷ୍ଟିଶକ୍ତି କମିଯାଇପାରେ। ଏହି ସ୍ଥିତିକୁ ହାଇପରଟେନ୍‌ସିଭ ରେଟିନୋପାଥି କୁହାଯାଏ।


ଏହି ରୋଗରେ ଆଖିକୁ ଝାପ୍‌ସା ଦିଶିବା, ଦୃଷ୍ଟିଶକ୍ତି ହ୍ରାସ, ମୁଣ୍ଡବୁଲାଇବା ଓ ଯନ୍ତ୍ରଣା, ଆଖି ସାମ୍ନାରେ କଳା ଦାଗ ଦେଖାଯିବା, ରଙ୍ଗ ଚିହ୍ନିବାରେ ସମସ୍ୟା, କିଛି ମାମଲାରେ ଅନ୍ଧକାର ଦିଶିବା ପରି ଲକ୍ଷଣ ଦେଖାଯାଇଥାଏ। ଉପରୋକ୍ତ ଲକ୍ଷଣ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରିବା ଆବଶ୍ୟକ।

**ପ୍ରତିକାର:** ଏହି ସମସ୍ୟା ଦୂର କରିବାର ଏକମାତ୍ର ଉପାୟ ହେଉଛି ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା। ଔଷଧ ସେବନ ସହିତ ନିୟମିତ ସନ୍ତୁଳିତ ଖାଦ୍ୟସେବନ, ବ୍ୟାୟାମ କରିବା ଆବଶ୍ୟକ। ମଧୁମେହପୀଡ଼ିତ ରକ୍ତଚାପ ଓ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଆଖିର ସ୍ଥିତି ଜାଣିବାକୁ ନିୟମିତ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।

## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଫାଇନାଲରେ ନୀରଜ

ଗ୍ଲାସ୍‌ଗୋ,୩୦।୭ (ଏଜେନ୍ସି)



ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଭାରତର ତାରକା ଆଥ୍‌ଲେଟ ନୀରଜ ଚୋପ୍ରା ଏଠାରେ ଚାଲିଥିବା ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ଜାଭେଲିନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ କ୍ୱାଲିଫାଇଂ ଇଭେଣ୍ଟରେ ସେ ୭୯.୨୮ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି କ୍ୱାଲିଫାଇଙ୍ଗ ରାଉଣ୍ଡରେ ୫ମସ୍ଥାନରେ ରହିଥିଲେ। ତାଙ୍କ ସହ ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟ ଦୁଇ ଭାରତୀୟ ରୋହିତ ଯାଦବ ଓ ଯଶବୀର ସିଂହ ମଧ୍ୟ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇ ଫାଇନାଲରେ ପ୍ରବେଶ କରିଛନ୍ତି। ନୀରଜଙ୍କ ପରି ରୋହିତ ତାଙ୍କ ଦ୍ୱିତୀୟ ଆଟେମ୍ପଟରେ ୭୮.୩୭ ମିଟରକୁ ଏବଂ ଯଶବୀର ତାଙ୍କ ଶେଷ ଆଟେମ୍ପଟରେ ୭୮.୩୬ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଯଥାକ୍ରମେ ୭ମ ଓ ୧୦ମ ସ୍ଥାନ ଅଧିକାର କରି ଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ଡିଗ୍ରୀ ତାପମାତ୍ରାରେ ଜଣେ ହେଲେ ଜାଭେଲିନ୍ ଫିଙ୍ଗାଳି ୮୪ ମିଟର ଦୂରତାର ସିଧାସଳଖ କ୍ୱାଲିଫାଇଙ୍ଗ ମାର୍କକୁ ଅତିକ୍ରମ କରିପାରି ନ ଥିଲେ। ଚଳିତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରୀଲଙ୍କାର ରୁମେଶ ତରଙ୍ଗା ସର୍ବାଧିକ ୮୨.୮୪ ମିଟରକୁ ଫିଙ୍ଗି ପ୍ରଥମ ଓ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୧.୨୯ମି.) ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିକ୍ ତଥା ରାଜ୍ୟଗୋଷ୍ଠୀ ପଦକ ବିଜେତା ଅର୍ସାଦ ନଦୀମ (୭୮.୬୩ମି.) ୫ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତି ୧୨ଟା ୪୫ ମିନିଟରେ ଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ।

### ତାଜିନ୍ଦରପାଲ, ସମରଦୀପଙ୍କ ଉପରେ ଆଶା

ପୁରୁଷ ସଟ୍‌ପୁଟରେ ଭାରତର ଏସିଆନ୍ ଗୋଲ୍ଡ ମେଡାଲିଷ୍ଟ ତାଜିନ୍ଦର ପାଲ ସିଂହ ତୁର ଓ ସମରଦୀପ ଗିଲ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଇଭେଣ୍ଟରେ ଉଭୟ ପ୍ରତିଯୋଗୀଙ୍କଠାରୁ ଭାରତ ପଦକ ଆଶା ରଖିଛି। କ୍ୱାଲିଫାଇଙ୍ଗରେ ତାଜିନ୍ଦର ୨୦.୧୪ ମିଟରକୁ ସଟ୍‌ପୁଟ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ନ୍ୟୁଜିଲାଣ୍ଡର ଟମ୍ ୱାଲ୍‌ଶ ୨୧.୦୩ ମିଟର ଦୂରତାକୁ ସଟପୁଟ ଫିଙ୍ଗି ପ୍ରଥମ ହୋଇଥିଲେ। ସେହିପରି ପୁରୁଷ ୨୦୦ ମିଟର ସେମିଫାଇନାଲ ଅନିମେଶ କୁଜୁର ପହଞ୍ଚିଛନ୍ତି।

### ମୁରଲୀଙ୍କୁ କ୍ରମାଗତ ରୌପ୍ୟ

ଗୁରୁବାର ଅନୁଷ୍ଠିତ ପୁରୁଷ ଲଙ୍ଗ ଜମ୍ପରେ ୮.୦୯ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ମୁରଲୀ ଶ୍ରୀଶଙ୍କର ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଜାମାଇକାର ତାଜୟ ଗେଲ ୮.୧୫ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପ୍ରଥମ ଜାମାଇକା ଆଥଲେଟ୍ ଭାବେ ଗେଲ୍ ପୁରୁଷ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଭାଗନେଇଥିବା ଅନ୍ୟ ଭାରତୀୟ ଲୋକେଶ ସତ୍ୟନାଥନ ୭.୯୭ ମିଟରକୁ ଡେଇଁ ୫ମ ସ୍ଥାନରେ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ମୁରଲୀଙ୍କର କ୍ରମାଗତ ଦ୍ୱିତୀୟ ରୌପ୍ୟ ପଦକ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୌଡ଼କୁଦରେ ଭାରତର ମଧ୍ୟ ଏହା ଦ୍ୱିତୀୟ ତଥା ରୌପ୍ୟ ପଦକ।

### ଫାଇନାଲ୍‌ରେ ପ୍ରବୀଣ ଓ ପ୍ରଭୁ

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଟ୍ରିପଲ ଜମ୍ପରେ ଭାରତର ଦୁଇ ପ୍ରତିଯୋଗୀ ପ୍ରବୀଣ ଚିତ୍ରାଭେଲ ଓ ସେଲଭା ପ୍ରଭୁ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏହି ଇଭେଂଟରେ ପ୍ରବୀଣ ୧୬.୪୧ ମିଟର ଓ ପ୍ରଭୁ ୧୬.୨୬ ମିଟର ଦୂରତାକୁ ଡେଇଁ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ସହ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶୁକ୍ରବାର ରାତିରେ ଫାଇନାଲ ମୁକାବିଲା ହେବ।

### ଦିଲୀପ, ବାସିଲଙ୍କୁ ଐତିହାସିକ ପଦକ



ରାଜ୍ୟଗୋଷ୍ଠୀ ପାରା ଆଥଲେଟିକ୍ସର ଟି୪୭ ପୁରୁଷ ୧୦୦ ମିଟର ରେସ୍‌ରେ ଦିଲୀପ ଗାଭିଟ୍ ସ୍ୱର୍ଣ୍ଣ ଓ ମହମ୍ମଦ୍ ବାସିଲ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦିଲୀପ ଏହି ଦୂରତାକୁ ୧୦.୭୧ ସେକେଣ୍ଡରେ ଅତିକ୍ରମ କରି ଏକ ଗେମସ ରେକର୍ଡ ପ୍ରତିଷ୍ଠା କରିବା ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ବାସିଲ ୧୦.୮୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ହେବା ସହ ରୌପ୍ୟ ପଦକ ହାସଲ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଗୋଟିଏ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ଏମାନେ ପ୍ରଥମ ଭାରତୀୟ ଯୋଡି ହୋଇ ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ପାରା ଆଥଲେଟ ଶର୍ମିଳା ଧନକଡ଼ ମହିଳା ସଟ୍‌ପୁଟରେ ଏବଂ ମହିଳା ଭାରୋତୋଳନରେ ମିରାବାଇ ଚାନୁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

# ରାହାଣେଙ୍କ ଅବସର



ମୁମ୍ବଇ,୩୦।୭ (ଏଜେନ୍ସି): ଭେଟେରାନ ବ୍ୟାଟର ଆଜିଙ୍କ୍ୟ ରାହାଣେ ଗୁରୁବାର ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୩୮ ବର୍ଷୀୟ ରାହାଣେ ବିଦେଶ ମାଟିରେ ଜଣେ ଟାଣୁଆ ବ୍ୟାଟର ଭାବେ ପରିଚିତ ଓ ନେତୃତ୍ୱ ନେବାର ଅସାମାନ୍ୟ ଦକ୍ଷତା ରଖିଥିଲେ। ୧୫ ବର୍ଷର କ୍ୟାରିୟରରେ ଭାରତ ପକ୍ଷରୁ ସେ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଓ ୨୦ଟି ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ଟେଷ୍ଟରେ ସେ ୫,୦୭୭, ଦିନିକିଆରେ ୨,୯୬୨ ଓ ଟି-୨୦ରେ ୩୭୫ ରନ୍ ସଂଗ୍ରହ କରି ଜଣେ ଦମ୍‌ଦାର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଶେଷଥର ଲାଗି ୨୦୨୩ରେ ସେ ଭାରତ ପକ୍ଷରୁ ଏକ ଟେଷ୍ଟ ଖେଳିଥିଲେ। ସେହିଭଳି ଗତ ସଂସ୍କରଣରେ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେଇଥିବା ରାହାଣେ ଆଇପିଏଲ୍‌ରେ ମଧ୍ୟ ଆଉ ଖେଳିବେନି ବୋଲି ଜଣାପଡ଼ିଛି।

**ସଂକ୍ଷେପରେ କ୍ୟାରିୟର**

| ଫର୍ମାଟ | ମ୍ୟାଚ୍ | ରନ | ଆଭରେଜ | ୧୦୦/୫୦ |
|---|---|---|---|---|
| ଟେଷ୍ଟ | ୮୫ | ୫୦୭୭ | ୩୮.୪୬ | ୧୨/୨୬ |
| ଦିନିକିଆ | ୯୦ | ୨୯୬୨ | ୩୫.୨୬ | ୩/୨୪ |
| ଟି-୨୦ | ୨୦ | ୩୭୫ | ୨୦.୮୩ | ୦/୧ |
| ପ୍ରଥମଶ୍ରେଣୀ | ୨୦୫ | ୧୪୨୦୯ | ୪୪.୯୬ | ୪୨/୫୯ |
| ଲିଷ୍ଟ-ଏ | ୧୯୨ | ୬୮୫୩ | ୩୯.୮୪ | ୧୦/୪୯ |
| ଆଇପିଏଲ | ୨୧୨ | ୫୩୬୭ | ୩୦.୧୫ | ୨/୩୫ |

'ଯେତେବେଳେ ସମୟ ଆସିବ, ନିଜେ ସମ୍ମାନର ସହ ଆଗକୁ ଯିବାକୁ ଚେଷ୍ଟା କରିବ। ମୁଁ ଯେପରି ନିର୍ଦ୍ଧାରିତ ସମୟରେ ବ୍ୟାଟିଂ କରିଥାଏ, ଠିକ୍ ସେହିପରି ଜୀବନକୁ ମଧ୍ୟ ଗୁରୁତ୍ୱ ଦେଇଥାଏ। ଅବସର ନେବା ଏହା ମୋ ଲାଗି ପ୍ରକୃଷ୍ଟ ସମୟ' ବୋଲି ବୋଲି ରାହାଣେ ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି। ବିଦେଶ ମାଟିରେ ନିଜର ଦୃଢ଼ ଟେକ୍‌ନିକ ବ୍ୟାଟିଂ ଲାଗି ସମ୍ମାନ ସାଉଁଟିଥିବା ରାହାଣେ ୨୦୨୦-୨୧ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇତିହାସ ସୃଷ୍ଟି କରିଥିଲେ। ପ୍ରଥମ ଟେଷ୍ଟରେ ଶୋଚନୀୟ ପରାଜୟ ପରେ ଅଧିନାୟକ ବିରାଟ କୋହଲି ସ୍ୱଦେଶ ଫେରିଆସିଥିଲେ। ସେହିଭଳି ପ୍ରମୁଖ ବ୍ୟାଟର ଆହତ ହେବା ସତ୍ତ୍ୱେ ମେଲବୋର୍ଣ୍ଣରେ ସେ ଦଳର ନେତୃତ୍ୱ ନେବା, ଶତକ ହାସଲ କରିବା ଓ ବିଜୟୀ କରାଇଥିବା କୌଣସି ଭାରତୀୟ ଭୁଲି ପାରିବେ ନାହିଁ। ଏହାପରେ ଗାବ୍‌ବାରେ ଖେଳାଯାଇଥିବା ତୃତୀୟ ଟେଷ୍ଟକୁ ଚମତ୍କାର ଶୈଳୀରେ ଜିତିବା ସହ ୨-୧ରେ ସିରିଜ୍ କବ୍‌ଜା କରି ଇତିହାସ ସୃଷ୍ଟି କରିଥିଲେ।

## ● ଦୁଲୀପ ଟ୍ରଫି କ୍ରିକେଟ

# ଚର୍ଚ୍ଚାରେ ଉପଅଧିନାୟକ ସୂର୍ଯ୍ୟବଂଶୀ

କୋଲକାତା,୩୦।୭ (ଏଜେନ୍ସି): ଅଗଷ୍ଟ ୨୩ରୁ ଉତ୍ତରାଞ୍ଚଳ ସହ ଖେଳାଯିବାକୁ ଥିବା ଦୁଲୀପ୍ ଟ୍ରଫିର ଉଦ୍‌ଘାଟନୀ ମୁକାବିଲା ଲାଗି ଇଶାନ କିଶାନଙ୍କୁ ପୂର୍ବାଞ୍ଚଳର ଅଧିନାୟକ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିବାରୁ ଅନେକ ପୂରାତନ ଖେଳାଳି ପୂର୍ବାଞ୍ଚଳ ଚୟନ କମିଟିକୁ ସମାଲୋଚନା କରିଛନ୍ତି। ସେମାନଙ୍କ କହିବା କଥା ହେଲା ଉପଅଧିନାୟକ ଦିଆଯିବା ଅର୍ଥ ଏତେ କମ୍ ବୟସରୁ ତାଙ୍କୁ ଚାପ ଦେବା। ଫଳରେ ସେ ତାଙ୍କ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରିବେ ନାହିଁ। ଏହାକୁ କିନ୍ତୁ ଖଣ୍ଡନ କରିଛି କମିଟି। କମିଟିର କହିବା କଥା ହେଲା, ସୂର୍ଯ୍ୟବଂଶୀ ବିହାର ଓ ୧୯ ବର୍ଷର କମ୍ ଦଳର ଉପଅଧିନାୟକ ଦାୟିତ୍ୱ ସମ୍ଭାଳିଛନ୍ତି। ଏଠାରେ ନିଜ ସହରର ଖେଳାଳି ଇଶାନ ଅଧିନାୟକ ରହିଛନ୍ତି। ଏଣୁ ସେ ଚାପରେ ପଡ଼ିବେ ନାହିଁ ବୋଲି କମିଟି ଯୁକ୍ତି ବାଢ଼ିଛି। ଘୋଷିତ ୧୫ ଜଣିଆ ଦଳରେ ଝାଡଖଣ୍ଡରୁ ୫, ବେଙ୍ଗଲରୁ ସର୍ବାଧିକ ୬, ଓଡ଼ିଶା, ଆସାମ, ବିହାର ଓ ତ୍ରିପୁରାରୁ ଜଣେ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାରୁ ଏକା ଶୁଭ୍ରାଂଶୁ ସେନାପତିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ସମ୍ବିତ ଏସ୍ ବରାଳ ଓ ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି।

## ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରଫାଇନାଲରୁ ଓଡ଼ିଶାର ବିଦାୟ

ଭୁବନେଶ୍ୱର,୩୦।୭ (ଏଜେନ୍ସି)



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଓଡ଼ିଶାର ସମସ୍ତ ପ୍ରତିଯୋଗୀ ବିଦାୟ ନେଇଛନ୍ତି। ଫଳରେ ଏଠାରେ ପୋଡିୟମ୍ ଫିନସ କରିବାକୁ ଆଶାୟୀ ଥିବା ଓଡ଼ିଆଙ୍କ ଲାଗି ଏହା ଶକ୍ତ ଧକ୍କା ଦେଇଛି। ଓଡ଼ିଶାର ଶ୍ରେଷ୍ଠ ଆଶା ତଥା ୧୯ ବର୍ଷରୁ କମ୍ ଜାତୀୟ ଚାମ୍ପିଅନ ତନ୍ୱି ପତ୍ରି ମଧ୍ୟ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ୧୦ ନମ୍ବର ସିଡ୍ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କଠାରୁ ୧୫-୧୦, ୮-୧୫ ଓ ୧୬-୧୪ରେ ସଂଘର୍ଷ କରି ତନ୍ୱି ପରାଜିତ ହୋଇଥିଲେ। ତାଙ୍କ ବ୍ୟତୀତ ମିକ୍ସଡ ଓ ବାଳକ ଡବଲ୍ସ ଯୋଡିରେ ଖେଳୁଥିବା ଦିବ୍ୟମ କେଜରିୱାଲ ମଧ୍ୟ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଦିବ୍ୟମଙ୍କ ଯୁଗଳ ପାର୍ଟନର ଥିଲେ ଶୁଭ୍ରକେତନ ମଲ୍ଲିକ ଓ ମିକ୍ସଡ ଡବଲ୍ସରେ ପାର୍ଟନର ଥିଲେ ସ୍ୱିଟିପ୍ରିୟା ପ୍ରଧାନ।

ଆଜି ମହିଳା ଏକକ ସେମିରେ ତାମିଲନାଡୁର ଦୀକ୍ଷାଙ୍କ ସହ ଆଦର୍ଶିନୀ ଶ୍ରୀ, ରାଜସ୍ଥାନର ପାରୁଲ ଚୌଧୁରୀ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ବାଳକ ଏକକରେ ଉତରାଖଣ୍ଡର ନିଶ୍ଚଳ ଚାନ୍ଦ, ତେଲଙ୍ଗାନାର ଶଶାଙ୍କ ଭାନମାଳା ଓ ଟି ଜ୍ଞାନଦତ, କର୍ଣ୍ଣାଟକର ହାର୍ଦ୍ଦିକ ଦିବ୍ୟନାସ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଆସନ୍ତାକାଲି ସମସ୍ତ ସେମିଫାଇନାଲ ଓ ଅଗଷ୍ଟ ୧ରେ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପନ ହେବ ବୋଲି ଆୟୋଜକ ସଂଘର ସମ୍ପାଦକ ନୀଲିକ କୁମାର ଜଣାଇଛନ୍ତି।

# ଫ୍ଲେମିଂ ଇଂଲଣ୍ଡର ନୂଆ କୋଚ୍, ରୁଟ୍‌ଙ୍କୁ ନେତୃତ୍ୱ



ଲଣ୍ଡନ,୩୦।୭ (ଏଜେନ୍ସି): ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର୍ ଷ୍ଟିଫେନ ଫ୍ଲେମିଂଙ୍କୁ ଇଂଲଣ୍ଡ ଟେଷ୍ଟ କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି। ଅନ୍ୟତମ ନ୍ୟୁଜିଲାଣ୍ଡ ଖେଳାଳି ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ସ୍ଥାନରେ ଫ୍ଲେମିଂ ଏହି ଦାୟିତ୍ୱ ଗ୍ରହଣ କରିବେ। ସେହିପରି ବେନ୍ ଷ୍ଟୋକ୍ସ ହଠାତ୍ ଅବସର ଗ୍ରହଣ କରିବା ପରେ ଦଳ ସର୍ବାଧିକ ଅଭିଜ୍ଞ ଖେଳାଳି ଜୋ ରୁଟ୍‌ଙ୍କୁ ପୁଣିଥରେ ଟେଷ୍ଟ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଫ୍ଲେମିଂ ଓ ରୁଟ୍‌ଙ୍କ ଯୋଡି ଲାଗି ଦକ୍ଷିଣ ଆଫ୍ରିକା ଗସ୍ତ ପ୍ରଥମ ଚ୍ୟାଲେଞ୍ଜ ହେବ। ତେବେ ପାକିସ୍ତାନ ବିପକ୍ଷ ଆଗାମୀ ସିରିଜ୍‌ରେ ମାର୍କସ ଟ୍ରେସ୍କୋଥିକ ଦଳର କାମଚଳା କୋଚ୍ ଦାୟିତ୍ୱରେ ରହିବେ। ଦୀର୍ଘ ୧୮ ବର୍ଷଧରି ଚେନ୍ନଇ ସୁପର କିଙ୍ଗସର ମୁଖ୍ୟ କୋଚ୍ ରହିବା ପରେ ଇଂଲଣ୍ଡକୁ ଏକ ନୂଆ ଟେଷ୍ଟ ଟିମ୍ ଗଠନ କରିବାରେ ୫୩ ବର୍ଷୀୟ ଫ୍ଲେମିଂ ସହାୟତା କରିବେ। ମ୍ୟାକ୍‌କୁଲାମ ପୂର୍ବପରି ସୀମିତ ଓଭର ଟିମ (ଦିନିକିଆ ଓ ଟି-୨୦)ର ପ୍ରଶିକ୍ଷକ ଦାୟିତ୍ୱ ବହନ କରିବେ।

# ତାଇପେଇ ଓପନ୍: କ୍ୱାର୍ଟରରେ ଉନ୍ନତି, ତନଭୀ ଓ କିରଣ

ତାଇପେଇ ସିଟି, ୩୦।୭ (ଏଜେନ୍ସି): ଉଦୀୟମାନ ଖେଳାଳି ଉନ୍ନତି ହୁଡା, ତନଭୀ ଶର୍ମା, ଦେବୀକା ସିହାଗ ଓ କିରନ ଜର୍ଜ ଏଠାରେ ଚାଲିଥିବା ତାଇପେଇ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଉନ୍ନତି ୨୧-୧୯, ୨୧-୧୨ ସିଧାସଳଖ ଗେମରେ ନିଜ ଦେଶର ତନ୍ୟା ହେମନ୍ତଙ୍କୁ ହରାଇଥିଲେ। ତେବେ ପୁରୁଷ ସିଙ୍ଗଲ୍ସରେ ୭ମ ସିଡ୍ ଏଚଏସ ପ୍ରଣୟ ରାଉଣ୍ଡ-୧୬ରେ ହାରି ବିଦାୟ ନେଇଛନ୍ତି। ପ୍ରଣୟ ୯-୨୧, ୧୯-୨୧ ଗେମରେ ହଂକଂର ଜାସନ ଗୁନାୱାନଙ୍କ ନିକଟରୁ ପରାସ୍ତ ହୋଇଥିଲେ।

FOR RENT

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

# ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚ୍‌ପିସିର ଦୁଇବର୍ଷ ପୂରଣ



ଭୁବନେଶ୍ୱର, ୩୦।୭ (ସମିସ): ପୁରୀସ୍ଥିତ ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ନିଜର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଖୋ ଖୋ ଚୟନ ପରୀକ୍ଷଣ-୨୦୨୬ ମାଧ୍ୟମରେ ୧୯ଜଣ ନୂତନ ପ୍ରତିଭାଶାଳୀ ଆଥଲେଟମାନଙ୍କୁ କେନ୍ଦ୍ରରେ ସାମିଲ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଭାରତୀୟ ଖୋ ଖୋ ଦଳର ଅଧିନାୟକ ପ୍ରତୀକ ୱାଇକର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ ଖୋ ମହାସଂଘର ଉପସଭାପତି ତଥା ରାଜ୍ୟ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଏଏମ/ଏନଏସ ଇଣ୍ଡିଆ ମାନବ ସମ୍ବଳ ବିଭାଗ ମୁଖ୍ୟ ଦେବବ୍ରତ ଦାଶ, ସିଏସଆର ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ ଓ ଓଡ଼ିଶା ଏଚପିସିର ପ୍ରକଳ୍ପ ମୁଖ୍ୟ ସାଗର ସାମଲ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏଏମ/ ଏନଏସ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଆଶୁତୋଷ ତେଲାଙ୍ଗ କହିଛନ୍ତି ଯେ ଦୁଇ ବର୍ଷ ମଧ୍ୟରେ ଏହି ଏଚପିସି ଏକ ଅଗ୍ରଣୀ କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଖୋ ଖୋ କ୍ରୀଡ଼ାରେ ଭାରତର ଗୌରବ ବଢ଼ାଇବାରେ ସକ୍ଷମ ଚାମ୍ପିଅନ ଆଥଲେଟ ସୃଷ୍ଟି କରିବା ଦିଗରେ ଆମର ପ୍ରୟାସ ଅବ୍ୟାହତ ରହିବ।

ସକାଳ THE SAKALA
www.thesakala.in

The Sakala require the following post for Head Office urgently.

ADVERTISEMENT EXECUTIVE

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ବ୍ରାଜିଲ ସହ ଫୁଟ୍‌ବଲ୍ ଖେଳିବ ଭାରତ

କୋଲକାତା, ୩୦।୭ (ଏଜେନ୍ସି): ପାଞ୍ଚଥର ବିଶ୍ୱକପ୍ ବିଜେତା ବ୍ରାଜିଲ ସହ ଭାରତ ଏକ ଫୁଟବଲ୍ ମ୍ୟାଚ୍ ଖେଳିବ। ଅକ୍ଟୋବର ୩ରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ବ୍ରାଜିଲ ଫୁଟବଲ୍ ଫେଡେରେସନ (ସିବିଏଫ) ପକ୍ଷରୁ ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ଫିଫା ମାନ୍ୟତାରେ ଭାରତ ବର୍ତ୍ତମାନ ୧୩୮ତମ ସ୍ଥାନରେ ରହିଛି। ସେହିଭଳି ବିଶ୍ୱ ଫୁଟବଲର ପାୱାର ହାଉସ୍ ବ୍ରାଜିଲ ୫ମ ମାନ୍ୟତା ଦଳ। ଫଳରେ ୧୯୯୨ରେ ଫିଫା ର୍‍ୟାଙ୍କିଙ୍ଗ ପ୍ରଚଳନ ହେବା ପରଠାରୁ ଭାରତ ପ୍ରଥମଥର ଲାଗି ଏକ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଦଳ ବିପକ୍ଷରେ ଖେଳିବାକୁ ଯାଉଛି। ତେବେ ଏହି ପ୍ରତୀକ୍ଷିତ ମ୍ୟାଚରେ ବ୍ରାଜିଲର ସର୍ବକାଳୀନ ଶ୍ରେଷ୍ଠ ତାରକା ନେମାରଙ୍କୁ ଦେଖିବାକୁ ମିଳିବ ନାହିଁ। ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପରେ ରାଉଣ୍ଡ-୩୨ରେ ହାରିବା ପରେ ନେମାର ଗତକାଲି ତାଙ୍କ ଅବସର ସ୍ପଷ୍ଟ କରିଥିଲେ। ଉଲ୍ଲେଖଯୋଗ୍ୟ, ବ୍ରାଜିଲ୍ ବାହାରେ ସର୍ବାଧିକ ବ୍ରାଜିଲୀୟ ପ୍ରଶଂସକ ଭାରତରେ ରହିଛନ୍ତି।

# ଆରସିବିର ବ୍ରାଣ୍ଡ ଭାଲ୍ୟୁ ୩୦୦ ମିଲିୟନ ଟପିଲା

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲରେ ସବୁଠାରୁ ମୂଲ୍ୟବାନ ଫ୍ରାଞ୍ଚାଇଜ୍ ହେବାର ରେକର୍ଡ ବଜାୟ ରଖିଛି। ଯାହାର ବ୍ରାଣ୍ଡ ମୂଲ୍ୟ ୩୧୨ ମିଲିୟନ ଡଲାର (୨ ହଜାର ୯୮୭ କୋଟି ୫୭ ଲକ୍ଷ ଟଙ୍କା)ରେ ପହଞ୍ଚିଛି। ୩୦୦ ମିଲିୟନ ଡଲାର ବ୍ରାଣ୍ଡ ଭାଲ୍ୟୁ ହେବାରେ ଆରସିବି ଆଇପିଏଲ୍‌ର ପ୍ରଥମ ଦଳ ହୋଇଛି। ସେହିଭଳି ଏହି ତାଲିକାରେ ମୁମ୍ବଇ ଇଣ୍ଡିଆନ୍ସ ୨୬୪ ମିଲିୟନ ଡଲାର ସହ ଦ୍ୱିତୀୟ, କୋଲକାତା ନାଇଟ୍ ରାଇଡର୍ସ ୨୪୫ ମିଲିୟନ ଡଲାର ସହ ୩ୟ ସ୍ଥାନରେ ରହିଛି।

NANDIGHOSHA TV
RECRUITMENT

Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.

POSITION OPEN

1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.

2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.

HOW TO APPLY
Interested candidates may send their updated resume to:
hr@nandighoshatv.com
by 31st July 2026
Note: Only shortlisted candidates will be contacted for the selection process.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS